52 Years
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

| RNI NO-42004 | Vol. : 45/ Issue : 210 | Brahmapur | Wednesday 9 September 2026 | ବର୍ଷ: ୪୫/ ଅଙ୍କ: ୨୧୦ | ବୁଧବାର ୯ ସେପ୍ଟେମ୍ବର ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦ |
|---|---|---|---|---|---|---|---|---|

## ବନ୍ଧୁକ ମୁନରେ ବ୍ୟାଙ୍କରୁ ୧୦ ଲକ୍ଷ ଲୁଟ୍

ବାଲେଶ୍ୱର, ୮।୯:ବ୍ୟାଙ୍କ ଭିତରେ ପଶି ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ। ଏପରି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଖପରାପଦା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଦେଖିବାକୁ ମିଳିଛି । ଦୁର୍ବୃତ୍ତମାନେ ବ୍ୟାଙ୍କର କ୍ୟାସ କାଉଣ୍ଟରରୁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନଗଦ ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଆଜି ଦିନ ଦ୍ୱିପ୍ରହର ସମୟରେ ଏକ ବୋଲେରୋ ଗାଡ଼ିରେ ପ୍ରାୟ ୪-୬ ଜଣ ଦୁର୍ବୃତ୍ତ ଗ୍ରାହକ ବେଶରେ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। କିଛି ସମୟ ପରେ ହଠାତ୍ ସେମାନେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ବାହାର କରି ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଲୋକଙ୍କୁ ଭୟଭୀତ କରିଥିଲେ। ବିରୋଧ କରିବାରୁ ବ୍ୟାଙ୍କ ମ୍ୟାନେଜର ଓ କିଛି କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରିଥିବାର ଅଭିଯୋଗ ହୋଇଛି।

ପରେ ଦୁର୍ବୃତ୍ତମାନେ କ୍ୟାସ କାଉଣ୍ଟର ନିକଟକୁ ଯାଇ ସେଠାରେ ଥିବା ନଗଦ ଟଙ୍କା ଲୁଟି ନେଇଥିଲେ। ଲୁଟ ପରେ ସମସ୍ତ ଦୁର୍ବୃତ୍ତ ବୋଲେରୋ ଯୋଗେ ଘଟଣାସ୍ଥଳରୁ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ । ଦୁର୍ବୃତ୍ତଙ୍କ ଆକ୍ରମଣରେ ବ୍ୟାଙ୍କ ମ୍ୟାନେଜର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ବାଲିଆପାଳ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ବ୍ୟାଙ୍କରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ବାଲିଆପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟାଙ୍କ କର୍ମଚାରୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ସଂଗ୍ରହ କରିବା ସହ ତଦନ୍ତ ଆରମ୍ଭ କରିଛି ।

### ପାର୍ବଣ ଋତୁ ପାଇଁ ଅଣ୍ଟା ଭିଡ଼ିଲା ରାଜ୍ୟ ପୋଲିସ

## ରାସ୍ତାରେ ତୋରଣ ମନା, ୧୦ ଭିତରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ

କଟକ, ୮।୯ : ଗଣେଶପୂଜା ଠାରୁ ରାଜ୍ୟରେ ପାର୍ବଣର ଋତୁ ଆରମ୍ଭ ହୋଇଯିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୁଲିସ ପକ୍ଷରୁ ଆଗୁଆ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ଆଜି (ମଙ୍ଗଳବାର) ପୂର୍ବାହ୍ନରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନସ୍ଥ ଜିଲ୍ଲାଗୁଡ଼ିକର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କେନ୍ଦ୍ରାଞ୍ଚଳ ରେଞ୍ଜ ଅଧୀନରେ ଥିବାରୁ ଏହି ଅଞ୍ଚଳର ଆଇନ-ଶୃଙ୍ଖଳା ସ୍ଥିତିର ବିଶେଷ ଗୁରୁତ୍ୱ ରହିଛି। ଆଗାମୀ ଦିନରେ ଗଣେଶ ପୂଜା, ନୂଆଖାଇ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ଦୀପାବଳି/କାଳୀପୂଜା, ଅଁଳା ନବମୀ, ପଞ୍ଚକ ଓ ବାଲିଯାତ୍ରା ଭଳି ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହେବାକୁ ଥିବାରୁ ସେଗୁଡ଼ିକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଏବେଠାରୁ ଯୋଜନା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ପାର୍ବଣ ସମୟରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପର୍ଯ୍ୟାପ୍ତ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ଓ ସୁଚାରୁ ଟ୍ରାଫିକ ପରିଚାଳନା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶାନ୍ତି କମିଟି ବୈଠକ ଆୟୋଜନ କରିବା ସହ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ସେ ଏସ୍‌ପିମାନଙ୍କୁ ପରାମର୍ଶ ଦେଇଥିଲେ। ସାମ୍ପ୍ରଦାୟିକ ଭାବେ ସମ୍ବେଦନଶୀଳ ଅଞ୍ଚଳରେ ନିୟମିତ ନଜର ରଖିବା ସହ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ପ୍ରତିହତ କରିବା ପାଇଁ ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏସ୍‌ଡିପିଓମାନେ ନିୟମିତ ଭାବେ ଅଧୀନସ୍ଥ ଥାନାଗୁଡ଼ିକ ପରିଦର୍ଶନ କରି ଥାନାର କାର୍ଯ୍ୟପ୍ରଣାଳୀ, ଅପରାଧ ତଦନ୍ତ, ମାମଲାର ଅଗ୍ରଗତି ଓ ପୋଲିସ ସେବା ପ୍ରଦାନ ବ୍ୟବସ୍ଥାର ତଦାରଖ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଅପରାଧ ନିୟନ୍ତ୍ରଣକୁ ଆହୁରି ପ୍ରଭାବଶାଳୀ କରିବା ଦିଗରେ ଅଭ୍ୟାସଗତ ଅପରାଧୀ ଓ ସଂଗଠିତ ଅପରାଧୀଙ୍କ ଗତିବିଧି ଉପରେ କଡ଼ା ନଜର ରଖି ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁଡିଜିପି ନିର୍ଦ୍ଦେଶ ଦେଇଥିଲେ। ବେଆଇନ ଗୋ-ଚାଲାଣ, ବେଆଇନ ଖଣିଜ ଉତ୍ତୋଳନ ଓ ପରିବହନ ରୋକିବା ପାଇଁ ନାକା ଚେକିଂ ଓ ପାଟ୍ରୋଲିଂକୁ ଅଧିକ ସୁଦୃଢ଼ କରିବା ସହ ନିୟମିତ ଚଢ଼ାଉ, ଯାନବାହନ ଯାଞ୍ଚ ଓ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ସୋସିଆଲ ମିଡିଆରେ ପ୍ରସାରିତ ଗୁଜବ, ଉତ୍ତେଜନାମୂଳକ, ଆପତ୍ତିଜନକ ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନିରନ୍ତର ନଜର ରଖିବା ସହ ଏଭଳି ଅପପ୍ରଚାର ପ୍ରୟାସକୁ ମୁକାବିଲା କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଗୁଇନ୍ଦା ସୂଚନା ସଂଗ୍ରହ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ସମ୍ଭାବ୍ୟ ଅପରାଧ, ଅପ୍ରୀତିକର ଘଟଣା ଓ ଆଇନ-ଶୃଙ୍ଖଳା ସମ୍ପର୍କିତ ଆଶଙ୍କା ବିଷୟରେ ଆଗୁଆ ସୂଚନା ସଂଗ୍ରହ କରିବା ସହ ସେହି ଅନୁଯାୟୀ ତୁରନ୍ତ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

## ପୁଣି ଘୁଞ୍ଚିଲା ଦାରା ସିଂଙ୍କ ମୁକ୍ତି ଶୁଣାଣି

ନୂଆଦିଲ୍ଲୀ, ୮।୯ ଅଷ୍ଟ୍ରେଲିୟ ମିଶନାରୀ ଗ୍ରାହାମ୍ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଲଙ୍କ ମୁକ୍ତି ଆବେଦନ ଉପରେ ଶୁଣାଣି ପୁଣି ଘୁଞ୍ଚିଛି । ଦାରା ସିଂ ଓ ଅନ୍ୟମାନଙ୍କ ଜେଲରୁ ମୁକ୍ତି ମାମଲାର ଶୁଣାଣି ଜଷ୍ଟିସ୍ ମନୋଜ ମିଶ୍ର ଏବଂ ଜଷ୍ଟିସ୍ ବିଜୟ ବିଷ୍ଣୋଇଙ୍କ ଡିଭିଜନ୍ ବେଞ୍ଚରେ ଲଗାତାର ଜାରି ରହିଛି । ମଙ୍ଗଳବାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଳମ୍ବର କାରଣ ଦର୍ଶାଯାଇଥିବା ବେଳେ କୋର୍ଟ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବୋଲି ଦାରା ସିଂଙ୍କ ଓକିଲ ସୂଚନା ଦେଇଛନ୍ତି । ପୂର୍ବରୁ ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ମିଟିଂ ଆଧାରରେ ରିହାତି ପ୍ରକ୍ରିୟା ଶେଷ ହେବା କଥା ଥିଲା । ଅଗଷ୍ଟ ୪ କିମ୍ବା ଅଗଷ୍ଟ ୧୫ ସୁଦ୍ଧା ମୁକ୍ତି ମିଳିବ ବୋଲି ଆଶା କରାଯାଉଥିଲା, କିନ୍ତୁ ଭେରିଫିକେସନ୍ ଓ ଅନ୍ୟାନ୍ୟ କାରଣରୁ ଏହା ସମ୍ଭବ ହୋଇପାରିନାହିଁ । ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ରିପୋର୍ଟ ଏପର୍ଯ୍ୟନ୍ତ ଦାଖଲ ନ ହେବାରୁ କୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ମାମଲାରେ ଗୃହ ସଚିବ କିମ୍ବା ଅଧିକାରୀମାନଙ୍କୁ କାହିଁକି ତଲବ କରାଯାଉନାହିଁ ଏବଂ ଦୁଇ ବର୍ଷରୁ ଅଧିକ ସମୟ ଧରି ମାମଲା ବିଚାରାଧୀନ ରହିବା ନେଇ ପ୍ରଶ୍ନ ଉଠିଛି ବୋଲି ତାଙ୍କ ଓକିଲ ଏପି ସିଂହ ସୂଚନା ଦେଇଛନ୍ତି । ଅଦାଲତ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆଗାମୀ ସେପ୍ଟେମ୍ବର ୧୭ ତାରିଖ ସ୍ଥିର କରିଛନ୍ତି । ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ କୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା ରିହାତି ପ୍ରକ୍ରିୟାକୁ ଆଗକୁ ବଢ଼ାଯାଇପାରିବ ।

### ସୁପ୍ରିମକୋର୍ଟଙ୍କ ସୁପ୍ରିମ ଛାଟ

## ଶିକ୍ଷକ ନିଯୁକ୍ତି ଉପରେ ସ୍ଥଗିତାଦେଶ ଜାରି

### ଆରଟିଇ, ଏନସିଟିଇ ଏବଂ ୟୁଜିସି ନିୟମ ପାଳନ କରିବା ଜରୁରୀ: ନହେଲେ ଯିବ ଚାକିରି

ନୂଆଦିଲ୍ଲୀ, ୮।୯: ସର୍ବୋଚ୍ଚ ନ୍ୟାୟାଳୟ ଦେଶବ୍ୟାପୀ ସ୍କୁଲ ଏବଂ କଲେଜରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ କେବଳ ଶିକ୍ଷା ଅଧିକାର (ଆରଟିଇ) ଆଇନ,ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନସିଟିଇ) ଆଇନ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଆଇନ ଅନୁଯାୟୀ ନିର୍ଦ୍ଧାରିତ ଶିକ୍ଷାଗତ ଏବଂ ବୃତ୍ତିଗତ ଯୋଗ୍ୟତା ପୂରଣ କରୁଥିବା ପ୍ରାର୍ଥୀମାନଙ୍କୁ ସ୍କୁଲ ଏବଂ କଲେଜରେ ନିଯୁକ୍ତି ଦିଆଯାଇପାରିବ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଆବଶ୍ୟକୀୟ ଯୋଗ୍ୟତା ବିନା ଶିକ୍ଷକମାନଙ୍କୁ ନିଯୁକ୍ତି କିମ୍ବା ଚାକିରିରେ ରଖାଯାଇପାରିବ ନାହିଁ। ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣକୁ ଚ୍ୟାଲେଞ୍ଜ କରି ଆଗତ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି ସମୟରେ କୋର୍ଟ ଏହି ନିର୍ଦ୍ଦେଶ ଜାରି କରିଛନ୍ତି ।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି.ମୋହନଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରି ରାୟ ଦେଇଛନ୍ତି । ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପ୍ରାଦେଶିକୀକରଣ ସହିତ ଜଡିତ ସାମ୍ବିଧାନିକ ଯୋଜନାକୁ ଚ୍ୟାଲେଞ୍ଜ କରି ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଆବେଦନକାରୀମାନେ ଦାବି କରିଛନ୍ତି ଯେ, ଏହି ଯୋଜନାଗୁଡ଼ିକ ସାଧାରଣ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ନ ଯାଇ କିଛି ଶିକ୍ଷକ ଏବଂ କର୍ମଚାରୀଙ୍କୁ ନିୟମିତ ସରକାରୀ ଚାକିରିରେ ସାମିଲ କରିବାର ଏକ ଅବସର



ପ୍ରଦାନ କରୁଛି। ଆବେଦନରେ କୁହାଯାଇଛି ଯେ ଏପରି ଯୋଜନାଗୁଡ଼ିକ ନିରପେକ୍ଷ, ସ୍ୱଚ୍ଛ ଏବଂ ପ୍ରତିଯୋଗିତାମୂଳକ ନିଯୁକ୍ତି ନୀତିର ବିପରୀତ। ଏହା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ନିୟମିତ ଚୟନ ପ୍ରକ୍ରିୟା ବିନା ସରକାରୀ ଚାକିରିରେ ପ୍ରବେଶ କରିବାକୁ ଅନୁମତି ଦେଉଛି।

ଆବେଦନକାରୀମାନେ ଏହି ଯୋଜନାଗୁଡ଼ିକର ସାମ୍ବିଧାନିକ ବୈଧତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାରେ ଜଡିତ ପକ୍ଷମାନଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି। କୋର୍ଟ ମଧ୍ୟବର୍ତ୍ତୀକାଳୀନ ଭାବରେ ସ୍ପଷ୍ଟ କରିଛନ୍ତି ଯେ, ନିର୍ଦ୍ଧାରିତ ଯୋଗ୍ୟତା ବିନା କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ନାହିଁ। କୋର୍ଟ ଏହା ମଧ କହିଛନ୍ତି, ଯଦି ଏପରି ଶିକ୍ଷକମାନେ ପ୍ରାସଙ୍ଗିକ ଆଇନ ଅନୁଯାୟୀ ଧାର୍ଯ୍ୟ ଯୋଗ୍ୟତା ପୂରଣ ନକରନ୍ତି ତେବେ ସେମାନଙ୍କୁ ଚାକିରି ଜାରି ରଖିବାକୁ ଅନୁମତି ଦିଆଯିବ ନାହିଁ।

### ଆଶୁତୋଷ ମୃତ୍ୟୁ ମାମଲା

## କ୍ରାଇମବ୍ରାଞ୍ଚ ହାତକୁ ଯିବ ତଦନ୍ତ ଭାର

ବ୍ରହ୍ମପୁର , ୮।୯: ଓଡ଼ିଶା ମୋଟର ଭେହିକିଲ୍ସ ବିଭାଗ କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କ ମୃତ୍ୟୁ ମାମଲାରେ ଆସିଛି ବଡ଼ ମୋଡ଼। ମାମଲାର ପୁଲିସ ତଦନ୍ତକୁ ନେଇ ଅସନ୍ତୋଷ ପ୍ରକାଶ କରି ଓଡ଼ିଶା ହାଇକୋର୍ଟ ଏହାର ତଦନ୍ତ ଏବେ କ୍ରାଇମବ୍ରାଞ୍ଚ-କୁ ହସ୍ତାନ୍ତର କରିଛନ୍ତି। ମୃତକଙ୍କ ଭଉଣୀ ନିବେଦିତା ଦେବୀଙ୍କ ଆବେଦନର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗତ ଜୁନ୍ ୫ ତାରିଖରେ ବ୍ରହ୍ମପୁର ଟାଉନ୍ ଥାନା ଅଧୀନ ବିଜିପୁର ପୁଲିସ କଲୋନୀରୁ ଆଶୁତୋଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ବ୍ରହ୍ମପୁର ଟାଉନ୍ ଥାନାରେ କେସ୍ ନମ୍ବର ୨୪୭/୨୦୨୬ରେ ମାମଲା ରୁଜୁ ହୋଇଥିଲା। ମାମଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଆଶୁତୋଷଙ୍କ ମୃତ୍ୟୁ ପୂର୍ବରୁ ରେକର୍ଡ ହୋଇଥିବା ଜମାନବନ୍ଦୀ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦୁଇଥର ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ ହୋଇଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ସେଥିରେ ଆଶୁତୋଷ ତାଙ୍କ ପତ୍ନୀ ସନ୍ଧ୍ୟା ଓ ଶଳାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ କରିଥିବା ପରିବାର କହିଛି।ହ୍ୱ୍ୱଏହାସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରି ଆଶୁତୋଷଙ୍କ ଭଉଣୀ ନିବେଦିତା ଦେବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ପୁଲିସ ପକ୍ଷରୁ କୋର୍ଟଙ୍କୁ ଜଣାଯାଇଥିଲା ଯେ ଅଭିଯୁକ୍ତମାନଙ୍କର ପଲିଗ୍ରାଫ୍ ଟେଷ୍ଟ କରାଯାଇଛି। ଏଥିରୁ କୌଣସି ପ୍ରତିକୂଳ ପ୍ରମାଣ ମିଳିନଥିବା ପୁଲିସ ପକ୍ଷରୁ ଦର୍ଶାଯାଇଥିଲା। ଏଥିସହ ତଦନ୍ତ ଶେଷ ପର୍ଯ୍ୟାୟରେ ଥିବା ମଧ କୋର୍ଟଙ୍କୁ କୁହାଯାଇଥିଲା। କିନ୍ତୁ ମାମଲାରେ ଏକ ମୃତ୍ୟୁକାଳୀନ ଜମାନବନ୍ଦୀ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରେକର୍ଡ ହୋଇଥିବା ସତ୍ତ୍ୱେ ତଦନ୍ତର ଫଳାଫଳ ସନ୍ତୋଷଜନକ ନୁହେଁ ବୋଲି ହାଇକୋର୍ଟ ଲକ୍ଷ୍ୟ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ- ନେବ। ମାମଲା ସମ୍ପର୍କିତ ସମସ୍ତ ରେକର୍ଡ, ଦସ୍ତାବିଜ ଓ ତଦନ୍ତ ସମ୍ବନ୍ଧୀୟ ସାମଗ୍ରୀ ବିନା ବିଳମ୍ବରେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ବ୍ରହ୍ମପୁରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ଆଶୁତୋଷ ମୃଦଙ୍ଗିଆଙ୍କ ମୃତ୍ୟୁ ମାମଲାରେ ତଦନ୍ତର ଦିଗ ବଦଳିବା ସହ ଘଟଣାର ପ୍ରକୃତ କାରଣ ଓ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିବା ନେଇ ଆଶା ପ୍ରକାଶ ପାଇଛି। ମାମଲାରେ ହାଇକୋର୍ଟଙ୍କ ଏହି ହସ୍ତକ୍ଷେପ ଏବେ ତଦନ୍ତର ସ୍ୱଚ୍ଛତା ଓ ନିରପେକ୍ଷତାକୁ ନେଇ ଏକ ବଡ଼ ସନ୍ଦେଶ ଦେଇଛି। କ୍ରାଇମବ୍ରାଞ୍ଚ ତଦନ୍ତରେ ମୃତ୍ୟୁକାଳୀନ ଜମାନବନ୍ଦୀ, ପଲିଗ୍ରାଫ୍ ଟେଷ୍ଟ ସମେତ ପୂର୍ବରୁ ସଂଗ୍ରହ ହୋଇଥିବା ସମସ୍ତ ପ୍ରମାଣକୁ ପୁଣି ଯାଞ୍ଚ କରାଯିବାର ସମ୍ଭାବନା ରହିଛି।

## ବାଘ ଛାଲ ଜବତ ଜଣେ ଗିରଫ

ଜୟପୁର, ୮।୯ (ଆନିସ): ବାଘ ଛାଲ ଚୋରାଚାଲାଣ ଅଭିଯୋଗରେ ଜୟପୁରରୁ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ଗିରଫ ବ୍ୟକ୍ତି ହେଲେ ଜୟପୁର କେନ୍ଦୁଗୁଡ଼ା ଏରିଗେସନ କଲୋନୀର ବିଭୁତି ଭୂଷଣ ପାତ୍ର। ଗୁପ୍ତ ସୂଚନା ଆଧାରରେ ଡିଆରଇ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିଭୁତି ଭୂଷଣଙ୍କୁ ଧରାଯାଇଥିଲା। ତାଙ୍କ ନିକଟରୁ ଗୋଟିଏ ବାଘ ଛାଲ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ବାଘ ଛାଲ ସହ ଗୋଟିଏ ହୁଣ୍ଡାଇ କ୍ରେଟା କାର ଏବଂ ଗୋଟିଏ ମୋବାଇଲ ଫୋନ ରହିଛି। ପରେ ଅଭିଯୁକ୍ତଙ୍କୁ ଜବତ ବାଘ ଛାଲ ସହ ଜୟପୁର ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ବନ ବିଭାଗ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ବାଘ ଛାଲ କେଉଁଠାରୁ ଆସିଥିଲା, ଏହା ପଛରେ କୌଣସି ବଡ଼ ରାକେଟ କାମ କରୁଛି କି ନାହିଁ ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ତଦନ୍ତ ଜାରି ରହିଛି। ଏନେଇ ଜୟପୁର ଡିଏଫଓ ପ୍ରଶାନ୍ତ ପଟେଲ ସୂଚନା ଦେଇଛନ୍ତି।ସାମ୍ବାଦିକ ସମିଳନୀ ରେ ଏସଏଫଓ ଡ଼ ଅମିତ ପ୍ରକାଶ ନାୟକ,ଜୟପୁର ରେଞ୍ଜର ଦେବେନ୍ଦ୍ର ମାଝୀ,ଫୋରେଷ୍ଟର ପି ଶ୍ରୀନିବାସ ରାଓ,ଫୋରେଷ୍ଟର ସୁଶାନ୍ତ ବଡ଼ଜେନା,ଫୋରେଷ୍ଟର ଗୌତମ ସ୍ୱାଇଁ,ଫୋରେଷ୍ଟର ଗାଡ଼ ଜଳେନ୍ଦ୍ର ନାୟକ, ଜଗନ୍ନାଥ ସାହୁ, ବିଶ୍ୱଜିତ ଭୋଇ,ରମେଶ ପାଣ୍ଡୀ,ସୁଜାତା ଜେନା, ମନ୍ଦାଗିନୀ ସାହୁ ଏବଂ ଅଧିକାରୀ ଉପସ୍ଥିତ ଥିଲେ ।




### ନିର୍ଦ୍ଦେଶ ଗଲା, ଫଳକ ବଦଳିଲାନି

## ତହସିଲଠୁ ଜେଲ୍, ଡାକଘରଠୁ ଜାତୀୟ ରାଜପଥ ସବୁଠି ବେରହମ୍‌ପୁର

ବ୍ରହ୍ମପୁର, ୮।୯: ନାମ ବଦଳିଲା, ନିର୍ଦ୍ଦେଶ ବି ଆସିଲା। ମାସେ ଭିତରେ ନୂଆ ନାମଫଳକ ଲଗାଇବାକୁ ସମୟସୀମା ଧାର୍ଯ୍ୟ ହେଲା। ହେଲେ ଅଢ଼େଇ ମାସ ପରେ ବି ବ୍ରହ୍ମପୁର ସହରର ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ଝୁଲୁଛି ପୁରୁଣା 'ବେରେହମପୁର' ନାମଫଳକ। ସରକାରୀ ଗେଜେଟ୍‌ରେ 'ବ୍ରହ୍ମପୁର' ହୋଇସାରିଥିଲେ ମଧ ଅନେକ ବିଭାଗ ଏବେ ବି ପୁରୁଣା ବନାନକୁ ଜାବୁଡ଼ି ଧରିଛନ୍ତି। ଫଳରେ ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ଜୁନ୍ ୨୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତିରେ ବିଭିନ୍ନ ସ୍ଥାନର ଇଂରାଜୀ ବନାନରେ ସଂଶୋଧନ କରାଯାଇଥିଲା। ଏହି କ୍ରମରେ ପୂର୍ବରୁ ବ୍ୟବହୃତ 'ବେରହମପୁର' ବଦଳରେ 'ବ୍ରହ୍ମପୁର' ବନାନ ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଥିଲା। ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ନାମଫଳକ ବଦଳାଇବାକୁ ମାସେ ସମୟ ଦିଆଯାଇଥିଲା।

ବେସରକାରୀ ପ୍ରତିଷ୍ଠାନ ପାଇଁ ଦୁଇ ମାସର ସମୟସୀମା ରଖାଯାଇଥିଲା। କିନ୍ତୁ ସମୟସୀମା ସରିବାର ବହୁଦିନ ପରେ ବି ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପୁରୁଣା ବନାନ ଦେଖିବାକୁ ମିଳୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଓ ପ୍ରଶ୍ନ ଉଠିବା ପରେ ରାଜସ୍ୱ ବିଭାଗ ପକ୍ଷରୁ ପୁଣି ସାନି ନିର୍ଦ୍ଦେଶ ଜାରି ହୋଇଛି। ଆଇଜି ଅଫିସ୍‌ରେ ପୁରୁଣା, ଏସ୍‌ପି ଅଫିସ୍‌ରେ ନୂଆ




ବ୍ରହ୍ମପୁରର ସରକାରୀ କାର୍ଯ୍ୟାଳୟଗୁଡ଼ିକର ନାମଫଳକ ଯାଞ୍ଚ କଲେ ନିର୍ଦ୍ଦେଶ କାର୍ଯ୍ୟକାରିତାର ବିଚିତ୍ର ଚିତ୍ର ସାମ୍ନାକୁ ଆସୁଛି। ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ନୂଆ ବନାନ ଲଗାଯାଇଥିବା ବେଳେ ଦକ୍ଷିଣାଞ୍ଚଳ ରେଞ୍ଜ ପୁଲିସ ଆଇଜିଙ୍କ କାର୍ଯ୍ୟାଳୟରେ ଏବେ ବି ପୁରୁଣା ବନାନ ରହିଛି। ଅଗଷ୍ଟ ୧୫ରେ ବ୍ରହ୍ମପୁର ଏସ୍‌ପି ନିଜ କାର୍ଯ୍ୟାଳୟ ଓ ବାସଭବନର ନାମଫଳକ ବଦଳାଇବା ସହ ସୋସିଆଲ ମିଡିଆ ହ୍ୟାଣ୍ଡଲ୍‌ରେ ମଧ ସଂଶୋଧିତ ବନାନ ବ୍ୟବହାର କରିଥିଲେ। ହେଲେ ସହରର ବୈଦ୍ୟନାଥପୁର ଥାନା, ଟ୍ରାଫିକ୍ ଥାନା, ଟାଉନ୍ ଥାନା ଓ ସଦର ଥାନାର ନାମଫଳକରେ ଏବେ ବି ପୁରୁଣା ବନାନ ଦେଖାଯାଉଛି। ଜିଲ୍ଲା ଅଦାଲତର ମୁଖ୍ୟ ନାମଫଳକରେ ପରିବର୍ତ୍ତନ କରାଯାଇଥିବା ବେଳେ ବିଚାରପତିଙ୍କ ବୋର୍ଡରେ ପୁରୁଣା ବନାନ ବ୍ୟବହାର ହେଉଥିବା ନଜରକୁ ଆସିଛି। ଅର୍ଥାତ୍ ଗୋଟିଏ ପରିସରରେ ନୂଆ ଓ ପୁରୁଣାଦୁଇ ପ୍ରକାର ବନାନ ରହିଛି। ଏଭଳି ଦୃଶ୍ୟ ସରକାରୀ ନିର୍ଦ୍ଦେଶର ସମନ୍ୱୟ ଓ ତଦାରଖ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ, ଦକ୍ଷିଣାଞ୍ଚଳ ରେଞ୍ଜ ପୁଲିସ ଆଇଜି କାର୍ଯ୍ୟାଳୟ, ସ୍ୱତନ୍ତ୍ର କୋଷାଗାର, ସର୍କଲ ଜେଲ୍, ମୁଖ୍ୟ ଡାକଘର, ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ, ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାଳୟ, ରାସ୍ତା ଓ କୋଠାବାଡ଼ି ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ବାସଭବନ, ଟାଙ୍ଗପାଣି ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟ, ଏସ୍‌ବିଆଇର ଶାଖା ଓ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ପୁରୁଣା ବନାନ ଥିବା ନାମଫଳକ ରହିଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ମାସେ ମଧ୍ୟରେ ନାମଫଳକ ପରିବର୍ତ୍ତନ କରିବାର ଥିଲା। କିନ୍ତୁ ଅଢ଼େଇ ମାସ ବିତିବା ପରେ ବି ଅଧିକାଂଶ ସ୍ଥାନରେ ତାହା ହୋଇନାହିଁ। ଏବେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ସାନି ଚିଠି ଲେଖିଛନ୍ତି। ପୁରୁଣା ବନାନ ବ୍ୟବହାରକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ସଂଶୋଧିତ ବନାନର ସମାନ ଓ ସମୁଚିତ ବ୍ୟବହାର ନିଶ୍ଚିତ କରିବାକୁ ନିର୍ଦ୍ଦେଶ ହୋଇଛି। ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଓ ସରକାରୀ ନାମଫଳକର ସମୀକ୍ଷା କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। କେଉଁଠି ପୁରୁଣା ବନାନ ରହିଛି, ତାହା ଚିହ୍ନଟ କରି ତୁରନ୍ତ ପରିବର୍ତ୍ତନ କରିବା ସହ ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ରହିଛି। ସାନି ନିର୍ଦ୍ଦେଶକୁ ମଧ ଚାରି ଦିନ ବିତିଗଲାଣି। ଏବେ ଦେଖିବାକୁ ବାକି ରହିଲା, ଦ୍ୱିତୀୟ ନିର୍ଦ୍ଦେଶ ପରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରୁ ସମ୍ପୂର୍ଣ୍ଣ ଭାବେ ବ୍ରହ୍ମପୁର ହେଉଛନ୍ତି କି ନାହିଁ।

## ଦୀପାବଳି ପୂର୍ବରୁ ନଳବଣ୍ଟାରେ ବାରୁଦର ଗନ୍ଧ

- ଲୁଚାଛପାରେ ଆସୁଛି ବିପୁଳ ବାରୁଦ
- ଚଢ଼ଉ ସତ୍ତ୍ୱେ ଥମୁନି କାରବାର

ଭୁବନେଶ୍ୱର, ୮।୯: ଦୀପାବଳି ଯେତିକି ପାଖେଇ ଆସୁଛି, ଗଞ୍ଜାମ ଜିଲ୍ଲା ଆସିକା ଥାନା ଅଧୀନ ନଳବଣ୍ଟା ଗ୍ରାମରେ ସେତିକି ବଢ଼ିବାରେ ଲାଗିଛି ବାଣ ପ୍ରସ୍ତୁତିର ଚଳଚଞ୍ଚଳତା। ଓଡ଼ିଶାର 'ଶିବକାଶୀ' ଭାବେ ପରିଚିତ ଏହି ଗାଁରେ ବର୍ଷସାରା ବାଣ ତିଆରି ହୋଇଥାଏ। ହେଲେ ଦୀପାବଳି ଆସିଲେ ଏହାର ବ୍ୟବସାୟ ବେଶ୍ ବଢ଼ିଯାଏ। ଏଥର ମଧ ପର୍ବ ପୂର୍ବରୁ ଲୁଚାଛପାରେ ବିପୁଳ ପରିମାଣର ବାରୁଦ ଓ ବାଣ ପ୍ରସ୍ତୁତି ସାମଗ୍ରୀ ଗ୍ରାମକୁ ଆସୁଥିବା ନେଇ ସୂଚନା ମିଳିଛି। ନଳବଣ୍ଟାରେ ତାଳ ଫୋଟକା, କୁମ୍ଭୀ, ରକେଟ୍, ତଳ ଚକ୍ରି, ଉପର ଚକ୍ରି ସମେତ ବିଭିନ୍ନ ପ୍ରକାର ବାଣ ତିଆରି କରାଯାଇଥାଏ। ଗ୍ରାମର ଅନେକ ପରିବାର ପାଇଁ ଏହା ଦୀର୍ଘଦିନ ଧରି ଜୀବିକାର ଏକ ମାଧ୍ୟମ ପାଲଟିଛି। ବାଣ ପ୍ରସ୍ତୁତିକୁ ଏଠାକାର ଲୋକେ କୁଟୀର ଶିଳ୍ପ ଭାବେ ଗ୍ରହଣ କରିଛନ୍ତି। ଘର, ଆସବେଷ୍ଟସ୍ ଓ ଟାଲି ଘରଠାରୁ ଆରମ୍ଭ କରି ଗାଁ ମୁଣ୍ଡର ବିଲ ଓ ନଦୀ ପଠା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବାଣ ପ୍ରସ୍ତୁତି ହେଉଥିବା କୁହାଯାଉଛି। ଦୀପାବଳି ସମୟରେ ଏହି ବାଣ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯୋଗାଣ ହୋଇଥାଏ। ବେଆଇନ ଭାବେ ବାଣ ପ୍ରସ୍ତୁତି ଓ ବାରୁଦ ଗଚ୍ଛିତ ରଖାଯାଉଥିବା ନେଇ ସମୟ ସମୟରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଉଛି। ଗତ ମାସ ୧୮ ତାରିଖରେ ଆସିକା ଥାନା ପୁଲିସ ନଳବଣ୍ଟାରେ ଚଢ଼ଉ କରି ପ୍ରାୟ ଏକ ଲକ୍ଷ ଟଙ୍କାର ବାଣ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିଲା। ଏହା ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୧୫ରେ ମଧ ପୁଲିସ ଚଢ଼ଉ କରି ପ୍ରାୟ ୧୦ ଲକ୍ଷ ଟଙ୍କାର ବାଣ ଓ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିଲା। ଏହି ଘଟଣାରେ ଅନେକଙ୍କୁ ଗିରଫ ମଧ କରାଯାଇଥିଲା। କେବଳ ଏତିକି ନୁହେଁ, ୨୦୧୪ ଅକ୍ଟୋବର ୬ରେ ମଧ ପୁଲିସ ନଳବଣ୍ଟାରେ ଚଢ଼ଉ କରି ପ୍ରାୟ ୧୦ ଲକ୍ଷ ଟଙ୍କାର ବାଣ ଜବତ କରିଥିଲା। ବାରମ୍ବାର ଚଢ଼ଉ ଓ ଜବତ ସତ୍ତ୍ୱେ ଏହି କାରବାର ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିପାରୁନଥିବା ଚର୍ଚ୍ଚା ହେଉଛି। ନଳବଣ୍ଟାର ଅନେକ ପରିବାର ବାଣ ତିଆରିକୁ ଜୀବିକାର ମାଧ୍ୟମ କରିଛନ୍ତି। ପିଢ଼ି ପରେ ପିଢ଼ି ଏହି କାମ କରି ଆସୁଥିବାରୁ ଗ୍ରାମବାସୀ ଏଥିରେ ଅଭିଜ୍ଞ ମଧ ହୋଇଛନ୍ତି। ହେଲେ ବାରୁଦ ଓ ବିସ୍ଫୋରକ ସାମଗ୍ରୀ ସହ କାମ କରୁଥିବାରୁ ଏହି ବୃତ୍ତି ସହ ବିପଦ ମଧ ଜଡ଼ିତ। ଅସାବଧାନତା କିମ୍ବା ନିୟମ ଉଲ୍ଲଂଘନ ହେଲେ ଅଗ୍ନିକାଣ୍ଡ ଓ ବିସ୍ଫୋରଣର ଆଶଙ୍କା ରହିଥାଏ। ଏପରିସ୍ଥିତିରେ ନିୟମ ମାନି ବାଣ ପ୍ରସ୍ତୁତି ଓ ବାରୁଦ ସଂରକ୍ଷଣ କରାଯିବା ନେଇ ପ୍ରଶ୍ନ ଉଠୁଛି।

ନଳବଣ୍ଟାବାସୀଙ୍କ ଦକ୍ଷତାକୁ ନଷ୍ଟ ନକରି ଏହାକୁ ନିୟମିତ ବ୍ୟବସ୍ଥା ମଧ୍ୟରେ ଆଣିବାକୁ ଦାବି ହୋଇଛି। ଗଞ୍ଜାମ ଓକିଲ ସଂଘର ପୂର୍ବତନ ସଭାପତି ମନୋଜ କୁମାର ପଟ୍ଟନାୟକ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଗ୍ରାମବାସୀଙ୍କୁ ସରକାରୀ ସ୍ତରରେ ତାଲିମ ଦେଇ ବାଣ ପ୍ରସ୍ତୁତିରେ ଅଧିକ ଦକ୍ଷ କରିବା ସହ ଆଇନ ଅନୁଯାୟୀ ଲାଇସେନ୍ସ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଏହାଦ୍ୱାରା ଗ୍ରାମବାସୀଙ୍କ ଜୀବିକା ସୁରକ୍ଷିତ ରହିବା ସହ ବେଆଇନ ବାରୁଦ କାରବାର ଉପରେ ମଧ ନିୟନ୍ତ୍ରଣ ଆସିପାରିବ ବୋଲି ମତ ପ୍ରକାଶ ପାଇଛି। ଦୀପାବଳି ଯେତିକି ନିକଟତର ହେଉଛି, ନଳବଣ୍ଟାରେ ବାଣ ପ୍ରସ୍ତୁତି ସେତିକି ଜୋର ଧରିବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ବାରୁଦ ଚାଲାଣ, ସଂରକ୍ଷଣ ଓ ବାଣ ପ୍ରସ୍ତୁତି ଉପରେ ପୁଲିସ ଏବଂ ପ୍ରଶାସନର ନଜର କେତେ କଡ଼ା ରହୁଛି, ତାହା ଏବେ ଗୁରୁତ୍ୱପୂର୍ଣ୍ଣ।

# ଛତ୍ରପୁରରେ ଘରୋଇ ହିଂସା ଓ ପୋଷ୍ ଆଇନ ସମ୍ପର୍କିତ ପ୍ରଶିକ୍ଷଣ

## ଅନ୍ୟାୟ ବିରୋଧରେ ଚୁପ୍ ରହିବା ସବୁଠାରୁ ବଡ଼ ଅପରାଧ: ଅତିରିକ୍ତ ଜିଲ୍ଲାପାଳ



ଛତ୍ରପୁର, ୮।୯ (ଆନିସ): ମହିଳାଙ୍କ ସୁରକ୍ଷା ଓ ଅଧିକାର ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ଜଉଗଡ ସମ୍ମିଳନୀ କକ୍ଷରେ ଘରୋଇ ହିଂସା ନିରୋଧ ଆଇନ ଏବଂ କାର୍ଯ୍ୟସ୍ଥଳୀରେ ମହିଳା ଯୌନ ନିର୍ଯାତନା ନିରୋଧ, ନିଷେଧ ଓ ନିରାକରଣ ଆଇନ (ପୋଷ୍) ସମ୍ପର୍କିତ ଏକ ଦିବସୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ କହିଥିଲେ ଯେ, ଅନ୍ୟାୟ ବିରୋଧରେ ଜାଣିଶୁଣି ଚୁପ୍ ରହିବା ସବୁଠାରୁ ବଡ଼ ଅପରାଧ। ମହିଳାଙ୍କ ସୁରକ୍ଷା ପାଇଁ ନିରାକରଣ ଅପେକ୍ଷା ପ୍ରତିରୋଧ ହିଁ ସର୍ବୋତ୍ତମ ପଦକ୍ଷେପ। ସମସ୍ତ ଅନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ସହ ସଚେତନତାମୂଳକ ସାଇନେଜ୍ ପ୍ରଦର୍ଶନ ଏବଂ ଅଭିଯୋଗର ସମୟୋଚିତ ଫଇସଲା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ସୂଚନା ଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାରେ ଏପର୍ଯ୍ୟନ୍ତ ୫୪୦ଟି ପ୍ରତିଷ୍ଠାନରେ ଆଇସିସି ଗଠନ ହୋଇଛି। ୧୦ କିମ୍ବା ଅଧିକ କର୍ମଚାରୀ ଥିବା ସମସ୍ତ ପ୍ରତିଷ୍ଠାନରେ ଆଇସିସି ଗଠନ ଓ 'ସି-ବକ୍ସ' ପୋର୍ଟାଲରେ ପଞ୍ଜୀକରଣ ବାଧ୍ୟତାମୂଳକ। ପ୍ରତ୍ୟେକ କମିଟିରେ ଅତିକମରେ ୪ ଜଣ ସଦସ୍ୟ ରହିବେ ଏବଂ ଅଭିଯୋଗର ତଦନ୍ତ ୯୦ ଦିନ ମଧ୍ୟରେ ଶେଷ କରିବାର ବ୍ୟବସ୍ଥା ରହିଛି। ନିୟମ ଉଲ୍ଲଂଘନ କ୍ଷେତ୍ରରେ ୫୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହୋଇପାରେ।

ବ୍ରହ୍ମପୁର ଡିଏସପି ଶ୍ରୁତିପ୍ରଭା ପ୍ରଧାନ କହିଥିଲେ ଯେ, କେବଳ କଠୋର ଆଇନ ନୁହେଁ, ମହିଳାମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହୋଇ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଗଞ୍ଜାମ ଡିଏସପି ଜ୍ୟୋତ୍ସ୍ନା କାଉଁରୀ ଭୟ ଓ ଲୋକଲଜ୍ଜା ତ୍ୟାଗ କରି ଡିଭି ଓ ପୋଷ୍ ଆଇନ ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ।

ଛତ୍ରପୁର ଏସ୍‌ଡିଏମ୍‌ଓ ଡା. ଅଲେଖ ପ୍ରଧାନ ମହିଳାଙ୍କୁ ସୁରକ୍ଷିତ ଓ ସମ୍ମାନଜନକ ପରିବେଶ ଯୋଗାଇଦେବା ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ ବୋଲି କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ ମହିଳାମାନେ ଅବଳା ନୁହନ୍ତି, ସେମାନେ ସ୍ୱୟଂସକ୍ଷମ ଓ ସଶକ୍ତ ବୋଲି ମତପ୍ରକାଶ କରିଥିଲେ।

ଅସହାୟ ଓ ନିର୍ଯାତିତ ମହିଳାଙ୍କ ସହାୟତା ପାଇଁ ଜିଲ୍ଲାରେ ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ ଓ ଡିଏଲ୍‌ଏସ୍‌ଏ କାର୍ଯ୍ୟ କରୁଛି। ଜରୁରୀ ପରିସ୍ଥିତିରେ ୧୧୨, ମହିଳା ହେଲ୍ପଲାଇନ୍ ୧୮୧ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ୧୪୪୧୬ 'ଟେଲି-ମାନସ'ର ସହାୟତା ନେବାକୁ ନିବେଦନ କରାଯାଇଥିଲା।

କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳା ସଶକ୍ତୀକରଣ କେନ୍ଦ୍ରର ସଂଯୋଜିକା ଗୀତାଞ୍ଜଳି ମହାରଣା ସଂଯୋଜନା କରିଥିଲେ। ସମସ୍ତ ବ୍ଲକର ସିଡିପିଓ, ସୁପରଭାଇଜର, ଶକ୍ତି ସଦନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଉପସ୍ଥିତ ଥିଲେ।

# ଆର୍ଯ୍ୟପଲ୍ଲୀରେ ସାମୁହିକ ସଫେଇ କାର୍ଯ୍ୟକ୍ରମ

## ହାତରେ ଝାଡୁ ଓ କୋଡ଼ି ଧରି ସଫେଇ କଲେ ଗଞ୍ଜାମ ଜିଲ୍ଲାପାଳ



ଛତ୍ରପୁର, ୮।୯ (ଆନିସ): 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ ପ୍ରତ୍ୟେକ ମଙ୍ଗଳବାର ସାମୁହିକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କ୍ରମରେ ଆଜି ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ଅଞ୍ଚଳରେ ସାମୁହିକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ସଫେଇ ଅଭିଯାନରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ସମେତ ପ୍ରଶାସନିକ ଅଧିକାରୀ, ପୌର ଓ ବ୍ଲକ କର୍ମଚାରୀ, ସଫେଇ କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳବାସୀ ସକ୍ରିୟ ଭାବେ ସାମିଲ ହୋଇଥିଲେ। ଜିଲ୍ଲାପାଳ ନିଜେ ହାତରେ ଝାଡୁ ଓ କୋଡ଼ି ଧରି ସଫେଇ କରିବା ସହ ସ୍ୱଚ୍ଛତା ଅଭିଯାନରେ ସମସ୍ତେ ସାମିଲ ହୋଇ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ଲୋକଙ୍କୁ ପ୍ରେରିତ କରିଥିଲେ।

ବାତ୍ୟା ଆଶ୍ରୟସ୍ଥଳୀ, ବିଦ୍ୟାଳୟ ପରିସର, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଅଞ୍ଚଳ, ରାସ୍ତାଘାଟ ସମେତ ବିଭିନ୍ନ ସ୍ଥାନରେ ସାମୁହିକ ଭାବେ ସଫେଇ କରାଯାଇଥିଲା। ଏଥିସହ ନିଜ ଘର ଓ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ସହିତ ସ୍ୱଚ୍ଛତା ପ୍ରତି ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ।

କାର୍ଯ୍ୟକ୍ରମରେ ଛତ୍ରପୁର ବିଡିଓ ସସ୍ମିତ ସଂଗ୍ରାମଜିତ ସାହୁ, ବିପିଏମ୍ ମାନିନୀ ଜେନାଙ୍କ ସମେତ ବହୁ ସଫେଇ କର୍ମଚାରୀ, ମହିଳା, ବ୍ଲକ ଓ ପୌର ପରିଷଦ କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ।

# ହତ୍ୟା ଉଦ୍ୟମ ମାମଲାଫେରାର ଦୁଇ କୁଖ୍ୟାତ ଅପରାଧୀ

## ବୁଲୁ ଓ ପପୁ ଗିରଫ ପିସ୍ତଲ, ଗୁଳି, ଖଣ୍ଡା ଓ କାର ଜବତ



କୁକୁଡାଖଣ୍ଡି,୮।୯ (ଆନିସ): ହତ୍ୟା ଉଦ୍ୟମ ମାମଲାରେ ବ୍ରହ୍ମପୁର ସଦର ଥାନା ପୁଲିସ ଫେରାର ଥିବା ଦୁଇ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମର ରାମକୃଷ୍ଣ ନାହାକ ଓରଫ ବୁଲୁ(୩୯) ଏବଂ ଦିଗପହଣ୍ଡି ଥାନା ଚଞ୍ଚଡ଼ାପଲ୍ଲୀର ପରେଶ ଲେଙ୍କା ଓରଫ ପପୁ (୨୫)। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧୭ ତାରିଖ ଦିନ ପ୍ରାୟ ୧ ଟା ୩୦ ସମୟରେ କଂଗ୍ରେସ ଯୁବ ନେତା ନୀଳମାଧବ ସାହୁ ଓ ତାଙ୍କ ବନ୍ଧୁ ଅମୀର କୁଣ୍ଡୁ ଦକ୍ଷିଣପୁର ନିକଟ ଏସ୍?ଏଚ୍?-୧୭ ରାସ୍ତାରେ ଯାଉଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କୁ ଅଟକାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଖଣ୍ଡା ଓ ଲୁହା ରଡ୍? ରେ ଆକ୍ରମଣ କରିବା ସହ କାରରେ ଧକ୍କା ଦେଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କାରଟି ଏକ ବାଇକ୍? କୁ ଧକ୍କା ଦେବାରୁ ବାଇକ୍? ରେ ଥିବା ଜଣେ ନିରୀହ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ନୀଳମାଧବ ସାହୁ ଓ ଅମୀର କୁଣ୍ଡୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍?କେସିଜି ମେଡିକାଲ କୁ ନିଆଯାଇଥିଲା। ଘଟଣା ପରେ ବୁଲୁ ଫେରାର ହୋଇଯାଇଥିଲା । ପୁଲିସ ବୁଲୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିଫଳ ହେବା ପରେ ଶେଷରେ ଆଜି ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ପ୍ରଫୁଲ କୁମାର ସାହୁ ଅଭିଯୁକ୍ତ ବୁଲୁ ନାହାକଙ୍କୁ ଗିରଫ କରି ତାଙ୍କ ନିକଟରୁ ଗୋଟିଏ ପିସ୍ତଲ ଓ ଦୁଇଟି ଜୀବନ୍ତ ଗୁଳି ଜବତ କରିବାରେ ସଫଳ ହୋଇଥିଲେ । ତାଙ୍କ ସ୍ୱୀକାରୋକ୍ତି ଆଧାରରେ ଘଟଣାରେ ବ୍ୟବହୃତ ଏକ ବାଲେନୋ କାର ଓ ଖଣ୍ଡା ଜବତ କରାଯାଇଛି। ଏହାସହ ଏକ ରୟାଲ ଏନ୍?ଫିଲ୍ଡ ବୁଲେଟ ମଧ୍ୟ ପୁଲିସ ଜବତ କରିଛି। ଗିରଫ ବୁଲୁ ନାହାକଙ୍କ ନାମରେ ପୂର୍ବରୁ ୨ଟି ହତ୍ୟା ମାମଲା, ହତ୍ୟା ଉଦ୍ୟମ ,ବେଆଇନ ମଦକାରବାର ସମେତ ସଙ୍ଗୀନ ଦଫା ଲାଗିଥିବା ୧୧ଟି ମାମଲା ରହିଥିବା ବେଳେ ପପୁଙ୍କ ନାମରେ ମଧ୍ୟ ହତ୍ୟା ଉଦ୍ୟମ, ଠକେଇ, ଦାଦାବଟି ସମେତ ମୋଟ ୧୨ଟି ମାମଲା ରହିଥିବା ପୁଲିସ କହିଛି।

# ଟ୍ରାଫିକ ନିୟମ ପାଳନ ଓ ସଡ଼କ ଦୁର୍ଘଟଣା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ

ପୋଲସରା,୮।୯ (ଆନିସ): ଟ୍ରାଫିକ୍ ନିୟମ ପାଳନ ଓ ସଡ଼କ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ ପୋଲସରା ପୁଲିସ ପକ୍ଷରୁ ଅଭିନବ ଢଙ୍ଗରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପୋଲସରା ବସଷ୍ଟାଣ୍ଡ ଠାରେ ହେଲମେଟ୍ ପିନ୍ଧି ଯାତାୟାତ କରୁଥିବା ଚାଳକଙ୍କୁ ନାଲି ଗୋଲାପ ଦେଇ ଉତ୍ସାହିତ କରାଯାଇଥିବା ବେଳେ ବିନା



ହେଲମେଟ୍‌ରେ ଯାଉଥିବା ଚାଳକଙ୍କୁ ଲଲିପପ୍ ଦେଇ ସଚେତନ କରାଯାଇଥିଲା।ପ୍ରତ୍ୟେକ ମାସର ପ୍ରଥମ ସପ୍ତାହକୁ 'ଜିରୋ କାଜୁଆଲ୍‌ଟି' ଭାବେ ପାଳନ କରିବା ଲକ୍ଷ୍ୟରେ ପୁଲିସ ଓ ଅଟୋ ଚାଳକ ସଂଘ ପକ୍ଷରୁ ଲୋକଙ୍କୁ ସଡ଼କ ସୁରକ୍ଷା ନେଇ ବିଭିନ୍ନ ବାର୍ତ୍ତା ଦିଆଯାଇଥିଲା। ହେଲମେଟ୍ ବ୍ୟବହାର ସହ ଟ୍ରାଫିକ୍ ନିୟମ ମାନି ନିରାପଦରେ ଯାତାୟାତ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଥିଲା।ଥାନାଧିକାରୀ କୌଶିକ ମାଝୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ମିଳନ ପ୍ରଧାନ, ଏଏସ୍‌ଆଇ କଳ୍ପନା ପ୍ରଧାନ, ରମଣ ଶବରଙ୍କ ସମେତ ପୁଲିସ କର୍ମଚାରୀ ଓ ଅଟୋ ଚାଳକ ସଂଘର ସଭାପତି ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର



ବୁଗୁଡ଼ା,୮।୯ (ଆନିସ):ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ କରସିଙ୍ଗି ପଞ୍ଚାୟତରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଭେଟନାରୀ ଅଫିସର ଶୁଭ୍ରାଂଶୁ ଶେଖର ରାଉତ, ଭିଏସ ସାଇସିବ ଶତପଥି,କରଚୁଲି ଏଲ ଆଇ ସନ୍ତୋଷ କୁମାର ପାତ୍ର ଉପସ୍ଥିତ ରହି ଗାଈମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବନ୍ଧ୍ୟା ସମସ୍ୟାର କାରଣ ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ଓ ପରାମର୍ଶ ପ୍ରଦାନ କରିଥିଲେ।ଏହି ଅବସରରେ ଗୋପାଳକମାନଙ୍କୁ ଉନ୍ନତ ପଶୁପାଳନ, ସନ୍ତୁଳିତ ଖାଦ୍ୟ ପ୍ରଦାନ, ଟିକାକରଣ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଶିବିରରେ ବହୁ ସଂଖ୍ୟକ ଚାଷୀ ଓ ଗୋପାଳକ ଯୋଗଦେଇ ନିଜ ଗାଈମାନଙ୍କର ଚିକିତ୍ସା କରାଇଥିଲେ।ବିଶେଷଜ୍ଞମାନଙ୍କ ମତରେ ଏପରି ଶିବିର ଦ୍ୱାରା ଗାଈମାନଙ୍କର ପ୍ରଜନନ କ୍ଷମତା ବୃଦ୍ଧି ପାଇବା ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ ପଶୁପାଳକଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବ।

# ୧୨ରେ ବ୍ରହ୍ମପୁରରେ ତୃତୀୟ ଜାତୀୟ ଲୋକ ଅଦାଲତ

## ଆପୋଷ ବୁଝାମଣାରେ ମାଗଣାରେ ହେବ ମାମଲା ଗୁଡିକର ସମାଧାନ

ବ୍ରହ୍ମପୁର, ୮।୯ (ଆନିସ):ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ପକ୍ଷରୁ ଚଳିତମାସ ୧୨ ତାରିଖରେ ବ୍ରହ୍ମପୁରସ୍ଥିତ ସିଭିଲ୍? କୋର୍ଟ ପରିସରରେ 'ତୃତୀୟ ଜାତୀୟ ଲୋକ ଅଦାଲତ' ଅନୁଷ୍ଠିତ ହେବ।

ଏହି ଲୋକ ଅଦାଲତରେ ଦେୱାନୀ ମାମଲା, ସାଲିସଯୋଗ୍ୟ ଫୌଜଦାରୀ ମାମଲା, ବୈବାହିକ ବିବାଦ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କ ଋଣ ପରିଶୋଧ ସମ୍ପର୍କିତ ମାମଲା, ବିଦ୍ୟୁତ୍? ଓ ଜଳ କର ସମ୍ପର୍କିତ ବିବାଦ ସମେତ ବିଭିନ୍ନ ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯିବ। ଏଥିସହ ମକଦ୍ଦମା ପୂର୍ବ ବିବାଦଗୁଡ଼ିକର ମଧ୍ୟ ଆପୋଷ ସମାଧାନ କରାଯିବ।

ଲୋକ ଅଦାଲତରେ ଆପୋଷ ବୁଝାମଣା ଆଧାରରେ ମାମଲାର ଶୀଘ୍ର ଓ ସହଜ ସମାଧାନର ସୁଯୋଗ ମିଳିଥାଏ। ଏଠାରେ ହୋଇଥିବା ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥାଏ ଏବଂ ଏଥିପାଇଁ କୌଣସି କୋର୍ଟ ଫି ଦେବାକୁ ପଡ଼େ ନାହିଁ। ଫଳରେ ମାମଲାର ଦୀର୍ଘସୂତ୍ରତା ହ୍ରାସ ପାଇବା ସହ ପକ୍ଷଭୁକ୍ତ ବ୍ୟକ୍ତିମାନଙ୍କ ସମୟ ଓ ଅର୍ଥର ସଞ୍ଚୟ ହୋଇଥାଏ।

ନ୍ୟାୟ ପ୍ରାପ୍ତି ପ୍ରକ୍ରିୟାକୁ ଅଧିକ ସରଳ, ସୁଗମ ଓ ଲୋକାଭିମୁଖୀ କରିବାରେ ଲୋକ ଅଦାଲତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଗଞ୍ଜାମ ଜିଲ୍ଲାର ଲୋକ ଅଦାଲତରେ ଆପୋଷ ସମାଧାନଯୋଗ୍ୟ ମାମଲାର ପକ୍ଷଭୁକ୍ତ ବ୍ୟକ୍ତିମାନେ ଏହି ସୁଯୋଗର ସଦୁପଯୋଗ କରି ଆପୋଷ ବୁଝାମଣା ମାଧ୍ୟମରେ ନିଜ ମାମଲାର ଶୀଘ୍ର ସମାଧାନ କରାଇବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମର ସଚିବ ବ୍ୟୋମକେଶ ନାୟକ ଅନୁରୋଧ କରିଛନ୍ତି।

# ନେରେଡି ପ୍ରକଳ୍ପକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ପାରଳାଖେମୁଣ୍ଡି,୮।୯ (ଆନିସ):ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ନେରେଡି ପ୍ରକଳ୍ପକୁ ନେଇ ଗଜପତି ଜିଲ୍ଲାରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଓ ଆଗାମୀ ପଦକ୍ଷେପ ସମ୍ପର୍କରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ।ନେରେଡି ପ୍ରକଳ୍ପ ଯୋଗୁଁ ଗଜପତି ଜିଲ୍ଲାର ଚାଷଜମି, ଜଳସେଚନ, କୃଷକଙ୍କ ଜୀବିକା ଓ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳକୁ ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିଶେଷକରି କାଶୀନଗର ଅଞ୍ଚଳ ସମେତ ବଂଶଧାରା ନଦୀ ଅବବାହିକାରେ ପ୍ରକଳ୍ପର ପ୍ରଭାବ ଏବଂ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ନେଇ ଗୁରୁତ୍ୱ ଦିଆଯାଇଥିଲା।ବୈଠକରେ ପ୍ରକଳ୍ପ ସମ୍ପର୍କିତ ତଥ୍ୟ, ପ୍ରଶାସନିକ ପଦକ୍ଷେପ ଏବଂ ଆଗାମୀ



ରଣନୀତି ନେଇ ଅଧିକାରୀମାନେ ବିଧାୟକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାର ଚାଷୀ ଓ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ପ୍ରକଳ୍ପ ସମ୍ପର୍କିତ ସମସ୍ତ ପ୍ରସଙ୍ଗରେ ସତର୍କତାର ସହ ପଦକ୍ଷେପ ନେବା ଉପରେ ମତ ପ୍ରକାଶ ପାଇଥିଲା।ନେରେଡି ପ୍ରକଳ୍ପକୁ ନେଇ ପୂର୍ବରୁ ମଧ୍ୟ ଗଜପତି ଓ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚିନ୍ତା ଓ ପ୍ରତିବାଦ ପ୍ରକାଶ ପାଇଆସିଛି। ପ୍ରକଳ୍ପ ଯୋଗୁଁ ଓଡ଼ିଶାର ଜମି ଓ ଚାଷୀଙ୍କ ଉପରେ ପଡ଼ିପାରୁଥିବା ପ୍ରଭାବ ନେଇ ଲୋକମାନେ ଦୀର୍ଘଦିନ ଧରି ନିଜ ଦାବି ଉଠାଇଆସୁଛନ୍ତି।

ବୈଠକରେ ସମ୍ପୃକ୍ତ ବିଭାଗର ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ନେରେଡି ପ୍ରକଳ୍ପ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ମତବିନିମୟ କରିଥିଲେ।

# ରାଇପଲ୍ଲୀରେ ୨୦ ଲକ୍ଷ ଟଙ୍କାରେ 'ଗ୍ରାମୀଣ ଉଦ୍ୟାନ'

## ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ



ଆସିକା, ୮।୯ (ଆନିସ): ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ଗୁଣ୍ଡପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ 'ଗ୍ରାମୀଣ ଉଦ୍ୟାନ' ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଶତାଧିକ ମହିଳା ଓ ପୁରୁଷ ଏବଂ ମହିଳା ସଂକୀର୍ତ୍ତନ ଦଳଙ୍କ ଉପସ୍ଥିତିରେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ପରେ ଗ୍ରାମ କଲ୍ୟାଣ ମଣ୍ଡପରେ ବିଧାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଉପାଧକ୍ଷା ଏସ. ରେଶମା ଦୋରା, ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ, ବିଧାୟକ ପ୍ରତିନିଧି ସନ୍ଦୀପ ପାଢ଼ୀ, ସଙ୍ଗୀତ ପାଢ଼ୀ, ବିଜୟ କୁମାର ସ୍ୱାଇଁ, ଅସିତ ସ୍ୱାଇଁ, ରବୀନ୍ଦ୍ର ଗୌଡ଼ଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ। ସଭାରେ ଅଞ୍ଚଳର ବିକାଶ, କୃଷକ ଓ ମହିଳାଙ୍କ ସଶକ୍ତିକରଣ ସହ ସରକାରୀ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ଆଲୋଚନା ହୋଇଥିଲା।

# ମହେନ୍ଦ୍ରଗିରିରେ ରାଜ୍ୟସ୍ତରୀୟ ଅସ୍ମିତା ଖେଲୋ ଇଣ୍ଡିଆ

## ଏମ୍‌ଟିବି ସାଇକ୍ଲିଂ ଚାମ୍ପିୟନଶିପ୍ ସଫଳତାର ସହ ସମାପ୍ତ

ପାରଳାଖେମୁଣ୍ଡି,୮।୯ (ଆନିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ମହେନ୍ଦ୍ରଗିରିର ମନୋରମ ପରିବେଶରେ ଆୟୋଜିତ ରାଜ୍ୟସ୍ତରୀୟ ଅସ୍ମିତା ଖେଲୋ ଇଣ୍ଡିଆଏମ୍ ଟି ବି ସାଇକ୍ଲିଂ ଚାମ୍ପିୟନଶିପ୍ ସଫଳତାର ସହ ସମାପ୍ତ ହୋଇଛି।ଏହି ଚାମ୍ପିୟନଶିପ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମହିଳାଙ୍କ ମଧ୍ୟରେ ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ କରିବା ଏବଂ କ୍ରୀଡ଼ା ମାଧ୍ୟମରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା।ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଯୁବ ମହିଳା ସାଇକ୍ଲିଷ୍ଟ ଏହି ଆୟୋଜନରେ ଅଂଶଗ୍ରହଣ କରିଥିଲେ। ଅସ୍ମିତା ଖେଲୋ ଇଣ୍ଡିଆ ସାଇକ୍ଲିଂ ଲିଗ୍‌ର ମୂଳ ଲକ୍ଷ୍ୟ ଅନୁଯାୟୀ, ଏହି ଆୟୋଜନ କେବଳ ଏକ ପ୍ରତିଯୋଗିତାରେ ସୀମିତ ରହିନଥିଲା। ଗଜପତି ଜିଲ୍ଲାର ଦୁର୍ଗମ ଓ ଗ୍ରାମୀଣ ଅଞ୍ଚଳର ଶିଶୁମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ସେମାନଙ୍କୁ ପ୍ରେରଣା ଦେବା ପାଇଁ ନିକଟସ୍ଥ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀଙ୍କୁ ଚାମ୍ପିୟନଶିପ୍ ଦେଖିବାର ସୁଯୋଗ ଦିଆଯାଇଥିଲା। ଏହା ମାଧ୍ୟମରେ ଗ୍ରାମାଞ୍ଚଳର ଅନେକ ଶିଶୁ ପ୍ରଥମଥର ପାଇଁ ଏପରି ଏକ ବଡ଼ କ୍ରୀଡ଼ା ଆୟୋଜନକୁ ନିଜ ଆଖିରେ ଦେଖିବା ସହ ସାଇକ୍ଲିଂ ପ୍ରତି ଆକୃଷ୍ଟ ହୋଇଥିଲେ। ଭାରତ ସରକାରଙ୍କ ମାନ୍ୟବର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଶ୍ରୀ ମନସୁଖ ମାଣ୍ଡଭିୟାଙ୍କ ପ୍ରେରଣା ଓ ପରିକଳ୍ପନାରେ ଆରମ୍ଭ ହୋଇଥିବା ଅସ୍ମିତା ଖେଲୋ ଇଣ୍ଡିଆ ଲିଗ୍‌ର ମୁଖ୍ୟ ଉଦ୍ଦେଶ୍ୟବିଶେଷକରି ମହିଳା ଓ ଶିଶୁମାନଙ୍କୁ ତୃଣମୂଳସ୍ତରରୁ କ୍ରୀଡ଼ା ସହ ଯୋଡ଼ିବାଏହି ଆୟୋଜନ ମାଧ୍ୟମରେ ମହେନ୍ଦ୍ରଗିରି ଭଳି ଦୁର୍ଗମ ଅଞ୍ଚଳରେ ମଧ୍ୟ ପହଞ୍ଚିପାରିଛି। ଏହି ଚାମ୍ପିୟନଶିପ୍‌କୁ ସଫଳ କରିବାରେ କୋଇନପୁର ଓ ବେଲପଦର ଅଞ୍ଚଳର ସ୍ଥାନୀୟ ଜନସାଧାରଣଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ରହିଥିଲା । ସ୍ଥାନୀୟ ଲୋକମାନେ ଆୟୋଜନକୁ ନିଜର କାର୍ଯ୍ୟକ୍ରମ ଭାବେ ଗ୍ରହଣ କରି ଆବଶ୍ୟକ ସହଯୋଗ ଯୋଗାଇ ଦେଇଥିଲେ। ସେମାନଙ୍କର ସହଯୋଗ ଓ ଆତିଥ୍ୟ ଏହି ଚାମ୍ପିୟନଶିପ୍‌କୁ ଅଧିକ ସଫଳ ଓ ସ୍ମରଣୀୟ କରିଥିଲା। ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ପକ୍ଷରୁ ଏହି ଆୟୋଜନରେ ସହଯୋଗ କରିଥିବା ଗଜପତି ଜିଲ୍ଲା ପ୍ରଶାସନ, ପୁଲିସ୍ ପ୍ରଶାସନ, ଚିକିତ୍ସା ଓ ମେଡିକାଲ୍ ଟିମ୍, ବିଭିନ୍ନ ସରକାରୀ ବିଭାଗ, ସ୍ଥାନୀୟ ଗ୍ରାମବାସୀ, ସ୍ୱେଚ୍ଛାସେବୀ ଏବଂ ସମସ୍ତ ସହଯୋଗୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଯାଇଛି। ସେହିପରି, ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ ସାଇକ୍ଲିଷ୍ଟ, କୋଚ୍, ମ୍ୟାନେଜର, ଟେକ୍ନିକାଲ୍ ଅଫିସିଆଲ୍, କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀଙ୍କୁ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ପକ୍ଷରୁ ବିଶେଷ ଧନ୍ୟବାଦ ଜଣାଯାଇଛି। ସେମାନଙ୍କର ନିଷ୍ଠା, ପରିଶ୍ରମ ଓ ସମର୍ପଣ ଯୋଗୁଁ ଏହି ଆୟୋଜନ ସଫଳତାର ସହ ସମାପ୍ତ ହୋଇପାରିଛି ।

# ଭିନ୍ନକ୍ଷମ ଅଧିକାର ସାମାଜିକ ଦାୟିତ୍ୱବୋଧର ପରିଚାୟକ

## ବ୍ରହ୍ମପୁରରେ ଭିନ୍ନକ୍ଷମ ଅଧିକାର ସଚେତନତା ଶିବିର ଆୟୋଜିତ



ବ୍ରହ୍ମପୁର, ୮।୯ (ଆନିସ): ଭିନ୍ନକ୍ଷମ ଅଧିକାର ଅଧିନିୟମ, ୨୦୧୬ ସଂପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓଡିଶା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଏବଂ ଓଡିଶା ଉଚ୍ଚତର ଶିକ୍ଷା ନିର୍ଦ୍ଦେଶାଳୟଙ୍କ ମିଳିତ ଆନୁକୁଲ୍ୟରେ, ବ୍ରହ୍ମପୁର ସ୍ଥିତ ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ଅଧିକାର ସଚେତନତା କାର୍ଯ୍ୟକ୍ରମ ଏବଂ ଏ ସଂପର୍କିତ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ, ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ବାରିକ, ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନାରାୟଣ ବେହେରା, ଅଧ୍ୟକ୍ଷ, ଶଶି ଭୁଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ,ଡାକ୍ତର ଚିତ୍ତରଞ୍ଜନ ସତପଥୀ, ପ୍ରତିଯୋଗିତା ପରିଚାଳକ ଆର.କେ. ଶର୍ମା ଏବଂ ସହଯୋଗୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ୍ ଥିଲେ।

ସମାଜରେ ଭିନ୍ନକ୍ଷମମାନଙ୍କ ଅଧିକାର ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରି ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବାରେ ପ୍ରତି ନାଗରିକର ଭୂମିକା ତଥା ଦାୟିତ୍ୱ ଉପରେ ମୁଖ୍ୟ ଅତିଥି ଆଲୋଚନା କରିଥିଲେ ଭିନ୍ନକ୍ଷମମାନଙ୍କ ପ୍ରତି ଥିବା ସାମାଜିକ ଦାୟିତ୍ୱବୋଧ ସଠିକ୍ ହୃଦୟଙ୍ଗମ କରି ସେମାନଙ୍କୁ ତାଙ୍କର ଅଧିକାର ପ୍ରଦାନ କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିପାରିଲେ ଏହା ଏକ ସୁସ୍ଥ ତଥା ନ୍ୟାୟପର ସମାଜ ଗଠନ ଦିଗରେ ସହାୟକ ହୋଇପାରିବ ଭିନ୍ନକ୍ଷମମାନେ ଯେପରି ସମାଜରେ ଅବହେଳିତ, ଲାଞ୍ଛିତ ତଥା ନ୍ୟୁନ ସାବ୍ୟସ୍ତ ନ ହୋଇ ସେମାନଙ୍କର ମୌଳିକ ଅଧିକାର ହାସଲ କରିପାରିବେ, ସେଥିପ୍ରତି ସତତ ଜାଗ୍ରତ ରହିବା ପ୍ରତ୍ୟେକ ନାଗରିକର ନୈତିକ କର୍ତ୍ତବ୍ୟ ତଥା ସାମାଜିକ ମୂଲ୍ୟବୋଧ ବୋଲି ଏହି ଅବସରରେ ସେ କହିଥିଲେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନାରାୟଣ ବେହେରା କହିଲେ କି, ଭିନ୍ନକ୍ଷମ ଅଧିକାର ଅଧିନିୟମ, ୨୦୧୬ ହେଉଛି ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ୍, ଯାହା ପୂର୍ବର ୧୯୯୫ ମସିହାର ଆଇନ୍ କୁ ବଦଳାଇ ଲାଗୁ କରାଯାଇଛି ପୂର୍ବ ଆଇନ୍ ରେ କେବଳ ୭ପ୍ରକାରର ଅକ୍ଷମତା ସାମିଲ୍ ଥିବା ବେଳେ, ୨୦୧୬ ଆଇନ୍ ରେ ଏହାକୁ ବୃଦ୍ଧି କରାଯାଇ ୨୧ ପ୍ରକାର କରାଯାଇଛି ଏହି ଅଧିନିୟମ ଦ୍ୱାରା ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ଶିକ୍ଷା, ସାମାଜିକ ସୁରକ୍ଷା, ନିଯୁକ୍ତି ଓ ସ୍ୱତନ୍ତ୍ର ଯୋଜନା ତଥା ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଭୃତି କ୍ଷେତ୍ରରେ ସୁନିଶ୍ଚିତ ଆରକ୍ଷଣର ବ୍ୟବସ୍ଥା କରାଯାଇ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣର ପ୍ରତିଶତକୁ ନିର୍ଦ୍ଦିଷ୍ଟ କରାଯାଇଛି ବିଶେଷ କରି ଦିବ୍ୟାଙ୍ଗ ମହିଳା ଓ ଶିଶୁଙ୍କ ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପର ପ୍ରାବଧାନ କରାଯାଇ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରାଯାଇଛି ସମାନତା, ସୁରକ୍ଷା ଏବଂ ଆତ୍ମସମ୍ମାନପୂର୍ଣ୍ଣ ଜୀବନ ସୁନିଶ୍ଚିତ କରାଯାଇଛି ସମାଜରେ ଭିନ୍ନକ୍ଷମମାନଙ୍କ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ଦିଗରେ ଯୁବ ସମାଜର ଭୂମିକା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ଏହି ଉଦ୍ଦେଶ୍ୟରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା ଏଥିରେ ବିଭିନ୍ନ ଡିଗ୍ରୀ କଲେଜର ଛାତ୍ରଛାତ୍ରୀମାନେ ଭିନ୍ନକ୍ଷମ ଅଧିକାର ସଂପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଏହି କୁଇଜ୍ ପ୍ରତିଯୋଗିତା ଭିନ୍ନକ୍ଷମ ଅଧିକାର ଦିଗରେ ବିଭିନ୍ନ ଅସମାହିତ ପ୍ରଶ୍ନର ଯଥାଯଥ ଉତ୍ତର ତଥା ନିର୍ଯ୍ୟାସ ବାହାର କରିବାରେ ସହାୟକ ହୋଇଥିଲା ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭିନ୍ନକ୍ଷମମାନଙ୍କୁ ସରକାରୀ ଯୋଜନାର ସହଜ ସୁବିଧା ଯୋଗାଇବା ପାଇଁ ସାରା ଦେଶରେ କାର୍ଡ ପ୍ରଦାନ କରାଯାଉଛି, ଯାହା ଏକ ଜାତୀୟ ଡାଟାବେସ୍ ଭାବେ କାର୍ଯ୍ୟ କରୁଛି ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ଡ଼କ୍ଟର ରୋହିତ ପାରାଭୋଇ, ସହକାରୀ ପ୍ରାଧ୍ୟାପକ, ସ୍ନାତକୋତ୍ତର ଇଂରାଜୀ ବିଭାଗ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼କ୍ଟର ପ୍ରଦୀପ କୁମାର ମିଶ୍ର, ସ୍ନାତକୋତ୍ତର ଶିକ୍ଷା ବିଭାଗ ଧନ୍ୟବାଦ ପ୍ରସ୍ତାବ ଦେବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ।।

# ଭବିଷ୍ୟତର ପିଢ଼ି

ଯୁବଶକ୍ତି ଦେଶ ଏବଂ ସମାଜର ମେରୁଦଣ୍ଡ। ଯୁବପିଢ଼ି ହିଁ ଦେଶ ଏବଂ ସମାଜକୁ ଶିଖରକୁ ନେଇଯାଆନ୍ତି। ସେମାନେ ଦେଶର ବର୍ତ୍ତମାନ, ଅତୀତ ଏବଂ ଭବିଷ୍ୟତ ମଧ୍ୟରେ ସେତୁ। ଯୁବପିଢ଼ି ଆମ ଜାତିରେ ଅନେକ ପରିବର୍ତ୍ତନ, ବିକାଶ, ସମୃଦ୍ଧି ଏବଂ ସମ୍ମାନ ଆଣିବାରେ ସକ୍ରିୟ ଭାବରେ ସାମିଲ ହୋଇଛନ୍ତି। କେବଳ ଏତିକି ନୁହେଁ, ସମାଜ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ି ସର୍ବାଧିକ ଅବଦାନ ରଖନ୍ତି। ଇତିହାସ ସାକ୍ଷୀ ଆଜି ପର୍ଯ୍ୟନ୍ତ ବିଶ୍ୱରେ ଯେକୌଣସି ବୈପ୍ଲବିକ ପରିବର୍ତ୍ତନ ଘଟିଛି ସାମାଜିକ, ରାଜନୈତିକ, ଆର୍ଥିକ, ସାଂସ୍କୃତିକ ଏବଂ ବୈଜ୍ଞାନିକ , ତାହାର ମୁଖ୍ୟ ଆଧାର ଯୁବପିଢ଼ି। ଯୁବପିଢ଼ିଙ୍କର ଏକ ସମୃଦ୍ଧ ଇତିହାସ ରହିଛି । ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ଗୌତମ ବୁଦ୍ଧ ଏବଂ ମହାବୀର ସ୍ୱାମୀଙ୍କ ପର୍ଯ୍ୟନ୍ତ, ସେମାନେ ଯୁବାବସ୍ଥାରେ ହିଁ ଧାର୍ମିକ ଏବଂ ସାମାଜିକ ସଂସ୍କାରର କାର୍ଯ୍ୟ ଗ୍ରହଣ କରିଥିଲେ। ପୁନର୍ଜାଗରଣ କାଳରେ, ରାଜା ରାମ ମୋହନ ରାୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ପରି ଯୁବ ଚିନ୍ତକମାନେ ବିବେକାନନ୍ଦଙ୍କ ସହିତ ଧାର୍ମିକ ଏବଂ ସାମାଜିକ ସଂସ୍କାର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଇତିହାସ ଯୁବପିଢ଼ିର ଶକ୍ତିର ପ୍ରଭାବ ଦେଖିଛି। ଯେଉଁ କାର୍ଯ୍ୟରେ ଯୁବପିଢ଼ି ସେମାନଙ୍କର ସକ୍ରିୟ ଯୋଗଦାନ ଦିଅନ୍ତି, ବିଜୟ ସୁନିଶ୍ଚିତ ହୋଇଥାଏ । ଉଦାହରଣ ସ୍ୱରୂପ, ଭାରତର ସ୍ୱାଧୀନତାରେ ଅନେକ ଯୁବକ ଯୋଗଦାନ ଦେଇଥିଲେ। ଅନେକ ଯୁବକ ନିଜର ଜୀବନ ଉତ୍ସର୍ଗ କରିଥିଲେ । ଫଳସ୍ୱରୂପ, ଆମେ ବ୍ରିଟିଶ ଶାସନର ଅନ୍ତ କରିବାରେ ସଫଳ ହୋଇଛନ୍ତି । ଯୁବପିଢ଼ି ଅନେକ ଐତିହାସିକ ପରିବର୍ତ୍ତନ ଆଣିଛନ୍ତି। ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ କହିଥିଲେ ଯେ ଆମ ପାଖରେ ଯୁବ ସମ୍ପଦ ରୂପରେ ଅପାର ସମ୍ପତ୍ତି ଅଛି ଏବଂ ଯଦି ସମାଜର ଏହି ବର୍ଗକୁ ସଶକ୍ତ କରାଯାଏ, ତେବେ ଖୁବ୍ ଶୀଘ୍ର ଏକ ମହାଶକ୍ତି ହେବାର ଲକ୍ଷ୍ୟ ହାସଲ କରିପାରିବା। ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ବିକଶିତ ଭାରତର ଏହି ଧାରଣାକୁ ସାକାର କରିବାରେ ଯୁବପିଢ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଯଦି ଆମେ ବର୍ତ୍ତମାନର ଭାରତ ବିଷୟରେ କଥା ହେବା, ତେବେ ଏହା ବିଶ୍ୱର ସବୁଠାରୁ ଯୁବପିଢ଼ି ଦେଶ। ଜନସଂଖ୍ୟା ତଥ୍ୟ ଅନୁସାରେ, ଭାରତର ଯୁବପିଢ଼ି ମୋଟ ଜନସଂଖ୍ୟାର ପଚାଶ ପ୍ରତିଶତ। ଜନସଂଖ୍ୟାର ଏତେ ବଡ଼ ଅଂଶ ରାଷ୍ଟ୍ରର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଅର୍ଥାତ୍, ଦେଶ ଏହାର ଭବିଷ୍ୟତର ସେହି ସୁବର୍ଣ୍ଣ ସମୟ ନିକଟରେ ପହଞ୍ଚିଛି, ଯେଉଁଠାରେ ଅର୍ଥନୀତି ନୂତନ ଉଚ୍ଚତା ଛୁଇଁପାରିବ। ଏହା ସ୍ପଷ୍ଟ ଯେ ଏହା କେବଳ ବର୍ତ୍ତମାନ ନୁହେଁ ବରଂ ନିକଟ ଭବିଷ୍ୟତରେ ମଧ୍ୟ ଏକ ପ୍ରଭାବଶାଳୀ ଯୁବଶକ୍ତି ଦେଶ ଭାବରେ ଉପସ୍ଥିତ ରହିବ। ଏହି ଯୁବଶକ୍ତି ଭାରତର ଭବିଷ୍ୟତ ଏବଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଶକ୍ତି ପ୍ରଦାନ କରିବ। ଯୁବଶକ୍ତି କେବଳ ମୋଟ ଜନସଂଖ୍ୟାର ଏକ ବଡ଼ ଅଂଶ ନୁହେଁ, ବରଂ ଆଗାମୀ ସମୟରେ ସାମାଜିକ-ରାଜନୈତିକ, ଆର୍ଥିକ ବିକାଶକୁ ମଧ୍ୟ ସୂଚିତ କରେ। ଯେହେତୁ ଯୁବଶକ୍ତି ଯେକୌଣସି ଦେଶର ସବୁଠାରୁ ଉତ୍ପାଦନକ୍ଷମ ଶ୍ରମିକ ଶ୍ରେଣୀ, ତେଣୁ ଆଶା କରାଯାଏ ଯେ ଯୁବଶକ୍ତିର ବିଶାଳ ଜନସଂଖ୍ୟା ସାହାଯ୍ୟରେ ଭାରତ ଶୀଘ୍ର ବିଶ୍ୱର ସର୍ବବୃହତ ଅର୍ଥନୀତିରେ ପରିଣତ ହେବ। ଏହା ମଧ୍ୟ ୧୦୦ ପ୍ରତିଶତ ସତ୍ୟ ଯେ ଏକ ଦେଶ ଖଣିଜ ସମ୍ପଦ ବିନା ବିକାଶ କରିପାରିବ। କିନ୍ତୁ ମାନବ ସମ୍ପଦ ବିନା ଦେଶର ବିକାଶ କଳ୍ପନା କରାଯାଇପାରିବ ନାହିଁ। ଆମେ ଜାପାନର ସିଧାସଳଖ ଉଦାହରଣ ନେଇପାରିବା, ଯାହା ଖଣିଜ ସମ୍ପଦର ଅଭାବ ସତ୍ତ୍ୱେ, ଏହାର ମାନବ ସମ୍ବଳ ବଳରେ ବିକାଶର ଏକ ନୂତନ ଅଧ୍ୟାୟ ଲେଖିଥିଲା ଏବଂ ଆଜି ଏହା ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରୁ ଗୋଟିଏ। ଯଦି ଆମେ ଭାରତର ରାଜ୍ୟଗୁଡ଼ିକ ବିଷୟରେ କଥା ହେବା, ତେବେ ବିହାର, ଛତିଶଗଡ଼ ଏବଂ ଓଡ଼ିଶା ଭଳି ରାଜ୍ୟ ସମସ୍ତ ସମ୍ପଦ ଥିବା ସତ୍ତ୍ୱେ ପଛୁଆ ଅଛନ୍ତି, ଯେତେବେଳେ କେରଳ ଏବଂ କର୍ଣ୍ଣାଟକ ଭଳି ରାଜ୍ୟ ବିକାଶ କ୍ଷେତ୍ରରେ ଆଗରେ ଅଛନ୍ତି। ଯଦି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦକ୍ଷତା ବିକାଶରେ ବିନିଯୋଗ କରି ମାନବ ସମ୍ପଦକୁ ମାନବ ପୁଞ୍ଜିରେ ପରିଣତ କରାଯାଏ, ତେବେ ଏହା ଭବିଷ୍ୟତରେ ନିଶ୍ଚିତ ଭଲ ଫଳ ଦେବ। ଯେତେବେଳେ ଯୁବପିଢ଼ି ଦେଶକୁ ପରିବର୍ତ୍ତନ କରିବାରେ ସକ୍ଷମ ବିଷୟରେ କଥା ହେଉ, ସେତେବେଳେ ଆମେ ଭାବୁଛନ୍ତି ଯେ କେଉଁ ଯୁବପିଢ଼ି ଦେଶକୁ ପରିବର୍ତ୍ତନ କରିବେ? ଯେଉଁ ଯୁବକମାନେ ନିଯୁକ୍ତି ଖୋଜିବା ପାଇଁ ଘର ଘର ବୁଲୁଛନ୍ତି? ଯେଉଁ ଯୁବକମାନଙ୍କର ପ୍ରତିଭା ଦୁର୍ନୀତିରେ ହଜିଯାଇଛି? ଯେଉଁ ଯୁବକମାନେ ବିଦେଶୀ କମ୍ପାନୀରେ ଚାକିରି ପାଇ ଦେଶ ଛାଡିବାକୁ ବାଧ ହେଉଛନ୍ତି ଯେତେବେଳେ ସେମାନଙ୍କ ପ୍ରତିଭାକୁ ଦେଶରେ ଉପଯୁକ୍ତ ସ୍ୱୀକୃତି ଦିଆଯାଏ ନାହିଁ? କିମ୍ବା ଯେଉଁ ଯୁବକମାନଙ୍କ ହାତରେ ଡିଗ୍ରୀ ଅଛି କିନ୍ତୁ ସେମାନଙ୍କ ପାଖରେ ବିଷୟ ସମ୍ବନ୍ଧୀୟ ବ୍ୟବହାରିକ ଜ୍ଞାନର ଅଭାବ ଅଛି? ଏମାନେ ସାକ୍ଷର କିନ୍ତୁ ଶିକ୍ଷିତ ନୁହଁନ୍ତି। ଆଜି ଅନେକ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ର ଅଛି ଯେଉଁଠାରେ ଯୁବପିଢ଼ିଙ୍କ ଶକ୍ତି ନଷ୍ଟ ହେଉଛି। ଦେଶରେ ଶିକ୍ଷା ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ଅଛି, ଏବଂ କିଛି ସ୍ଥାନରେ ବେକାରୀ ଭଳି ପରିସ୍ଥିତି ମଧ୍ୟ ରହିଛି। ଏହି ପରିସ୍ଥିତି ସତ୍ତ୍ୱେ, ବର୍ତ୍ତମାନର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଯୁବପିଢ଼ିଙ୍କୁ ଏକ ଉନ୍ନତ ଏବଂ ଆଦର୍ଶ ଜୀବନ ଆଡକୁ ନେଇଯିବା। ଦେଶର ପ୍ରଗତିରେ ସୁସ୍ଥ ଏବଂ ସଶକ୍ତ ଯୁବକଙ୍କ ଅବଦାନ କାରଖାନା, କୃଷି, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଅପେକ୍ଷା ଅଧିକ ଏବଂ ଗୁରୁତ୍ୱପୂର୍ଣ୍ଣ। ଜାତି କେବଳ ଶାରୀରିକ ଏବଂ ମାନସିକ ଭାବରେ ସୁସ୍ଥ ଯୁବକମାନଙ୍କଠାରୁ ଶକ୍ତି ପାଏ। ଏପରିସ୍ଥିତିରେ ଯୁବପିଢ଼ିଙ୍କୁ ସଶକ୍ତ କରିବାର ଆବଶ୍ୟକତା ଅଛି। ଯାହା ଦ୍ୱାରା ସେମାନେ ଶିକ୍ଷା, ନିଯୁକ୍ତି, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ସାମୁଦାୟିକ ସମ୍ପର୍କ ଏବଂ ରାଜନୀତି ଏବଂ ପ୍ରଶାସନରେ ସେମାନଙ୍କର ଅଂଶଗ୍ରହଣ ବୃଦ୍ଧି କରି ସମାଜରେ ଏକ ଉପଯୁକ୍ତ ସ୍ଥାନ ପାଇପାରିବେ। ଦେଶର ଯୁବଶକ୍ତି ହେଉଛି ସମାଜ ଏବଂ ଦେଶକୁ ଏକ ନୂତନ ଦିଗଦର୍ଶନ ଦେବାର ସବୁଠାରୁ ବଡ଼ ଉପକରଣ। ଯଦି ଏମାନେ ଚାହିଁବେ , ତେବେ ଦେଶର ଚିତ୍ର ବଦଳାଇ ପାରିବେ । ନିଜର ସାହସ ସହିତ, ସମାଜରେ ବ୍ୟାପିଥିବା ବିଭେଦ, ଅସମାନତା, ନିରକ୍ଷରତା ଏବଂ ଅପରାଧ ଇତ୍ୟାଦି କୁପ୍ରଥାକୁ ମୂଳରୁ ବାହାର କରିପାରିବ। ଐତିହାସିକ ଲେଖକ ଅର୍ନୋଲ୍ଡ ଟୟନବି ତାଙ୍କ ପୁସ୍ତକ ସାର୍ଭାଇଭିଂ ଦ ଫ୍ୟୁଚରରେ ଯୁବପିଢ଼ିଙ୍କୁ ପରାମର୍ଶ ଦେଇ ଲେଖିଛନ୍ତି, ମୃତ୍ୟୁ ପର୍ଯ୍ୟନ୍ତ ଯୁବପିଢ଼ି ଉତ୍ସାହ ବଜାୟ ରଖନ୍ତୁ। ବର୍ଷ ବର୍ଷ ଧରି ବିକାଶ ସତ୍ତ୍ୱେ, ଯୁବପିଢ଼ି ପ୍ରଗତି ଦୌଡ଼ରେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ତେଣୁ ନୂତନ ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଉଚିତ୍।

**ପ୍ରଣତି ଆଚାର୍ଯ୍ୟ ମିଶ୍ର**
**ନୟାଗଡ଼**

# ବିଦଗ୍ଧ ଚିନ୍ତାମଣିରେ ରାଧା ତତ୍ତ୍ୱ ଓ ଗାଥା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ବ୍ରହ୍ମବୈବର୍ତ୍ତ ପୁରାଣ ମତେ ନିତ୍ୟଶ୍ରୀରାଧା ଅଯୋନି ସମ୍ଭୂତ ଓ ଗୋକୁଳ ନିବାସୀ ରାଜା ବୃଷଭାନୁଙ୍କ ପତ୍ନୀ କୀର୍ତ୍ତିଦା ଙ୍କ କନ୍ୟା। ଥରେ କୀର୍ତ୍ତିଦା ପୁଷ୍କରଣୀକୁ ସ୍ନାନ କରିବାକୁ ଯିବା ସମୟରେ ଏକ ପ୍ରସ୍ଫୁଟିତ କଇଁ ଫୁଲ ଉପରେ ଶିଶୁକନ୍ୟାଟିଏ ଶୋଇଥିବା ଦେଖି ତାକୁ ଘରକୁ ନେଇ ଆସିଥିଲେ । କୁହାଯାଏ ଜନ୍ମଠାରୁ ତିନିଦିନ ପର୍ଯ୍ୟନ୍ତ ରାଧାଙ୍କ ଚକ୍ଷୁ ମୁଦ୍ରିତ ଥିଲା ଓ ଯଶୋଦାଙ୍କ କୋଳରେ ବାଳକ କୃଷ୍ଣଙ୍କୁ ଦେଖିବା ପରେ ତାଙ୍କର ଆଖି ଖୋଲିଯାଇଥିଲା । ଶ୍ରୀକୃଷ୍ଣଙ୍କର ଦକ୍ଷିଣ ଅଂଶରୁ ଶ୍ରୀରାଧାଙ୍କର ଉତ୍ପତ୍ତି ଓ ଶ୍ରୀକୃଷ୍ଣଙ୍କର ଜନ୍ମତିଥିକୁ 'ଜନ୍ମାଷ୍ଟମୀ' ନାମରେ ପାଳନ କରାଯାଏ ଓ ବୈଷ୍ଣବମାନେ ଶ୍ରୀରାଧାଙ୍କର ଜନ୍ମତିଥିକୁ 'ରାଧାଷ୍ଟମୀ' ଭାବେ ପାଳନ କରନ୍ତି।

କୈଶୋରାବସ୍ଥାରେ ରାଧା ଚନ୍ଦ୍ରସେଣା ନାମକ ଜଣେ ଗୋପାଳଙ୍କୁ ବିବାହ କରିଥିଲେ। ଶାଶୁ ନଣନ୍ଦ ଓ ସମାଜର ନିନ୍ଦା ଅପବାଦ କାହାରିକୁ ଭ୍ରୂକ୍ଷେପ ନକରି ରାଧା ଥିଲେ କୃଷ୍ଣପ୍ରେମରେ ବାତୁଳୀ ଓ ଶ୍ରୀକୃଷ୍ଣଙ୍କ ଚରଣରେ ନିଜର ସର୍ବସ୍ୱ ସମର୍ପଣ କରିଥିଲେ ରାଇ ବିନୋଦିନୀ । ବୃନ୍ଦାବନର ମହାରାସରେ ସେ ଥିଲେ ମୁଖ୍ୟ ନାୟିକା ଓ ଶ୍ରୀକୃଷ୍ଣଙ୍କ ମଥୁରା ଓ ଦ୍ୱାରକା ଗମନ ପରେ ବିରହ ବ୍ୟଥାରେ ଶ୍ରୀରାଧାଙ୍କ ବେଦନା ଥିଲା ହୃଦୟ ବିଦାରକ । କବି ଜୟଦେବ ନିଜର ସୁଲଳିତ ''ଗୀତ ଗୋବିନ୍ଦ'' କାବ୍ୟରେ ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମଲୀଳାର ଅପୂର୍ବ ବର୍ଣ୍ଣନା କରିଥିବା ବେଳେ ଅଭିମନ୍ୟୁ ସାମନ୍ତସିଂହାର ସ୍ୱରଚିତ ''ବିଦଗ୍ଧ ଚିନ୍ତାମଣି''ରେ ଏହି ଅପ୍ରାକୃତ ପ୍ରେମଲୀଳାରେ ଉଚ୍ଚକୋଟୀର ବର୍ଣ୍ଣନା କରିଛନ୍ତି ।

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ରାଧାଷ୍ଟମୀ ପର୍ବ ପାଳିତ ହୋଇଥାଏ । ଏହି ଦିନ ସକାଳ ଧୂପ ବଢ଼ିଲା ପରେ ଲକ୍ଷ୍ମୀ ଠାକୁରାଣୀ ଅର୍ଥାତ୍ ଶ୍ରୀଦେବୀ ଶ୍ରୀଅଙ୍ଗରୁ ଆଜ୍ଞା ମାଳ ପାଇ ଶ୍ରୀମନ୍ଦିର ସାତ ପାହାଚ ତଳେ ଥିବା ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡିଥିବା ଖଟ ଉପରେ ଅଧିଷ୍ଠିତ ହୋଇଥାନ୍ତି । ଏଠାରେ ଶ୍ରୀଦେବୀଙ୍କର ମାଜଣା ଓ ଶୀତଳ ଭୋଗ ହୋଇ ବନ୍ଦାପନା ହୋଇଥାଏ । ତତ୍ପରେ ରତ୍ନସିଂହାସନ ଠାରେ ମଧ୍ୟାହ୍ନ ଧୂପରେ ଶ୍ରୀଦେବୀ ସିଂହାସନରେ ବିଜେ ହୁଅନ୍ତି ଓ ମଧ୍ୟାହ୍ନ ଧୂପ ଭୋଗ ବଢିଥାଏ । ମହାଜନ ସେବକମାନେ ଭୂଦେବୀ ଓ ଶ୍ରୀଦେବୀଙ୍କୁ ହସ୍ତରେ ବିଜେ କରାଇ ଖଟ ଶେଜ ଘରେ ବିଜେ କରନ୍ତି । ପୂଜାପଣ୍ଡା ସେବକ ଶ୍ରୀଅଙ୍ଗରୁ ଖଣ୍ଡିଏ ଆଜ୍ଞାମାଳ ଶ୍ରୀସୁଦର୍ଶନ ଦେବଙ୍କୁ ପ୍ରଦାନ କରିବା ପରେ ଦଇତାପତି ସେବକମାନେ ଶ୍ରୀସୁଦର୍ଶନଦେବଙ୍କୁ ବିଜେ କରାଇ ଜଗମୋହନରେ ଥିବା ଚଉଦୋଳରେ ଅଧିଷ୍ଠିତ କରିବା ସହିତ ରୁନ୍ଧା, ପାଟ ପତନୀ ଲାଗି ହୋଇଥାନ୍ତି । ଏହାପରେ ବିମାନବଡୁମାନେ ଶ୍ରୀସୁଦର୍ଶନଙ୍କୁ ବିଜେ କରାଇ ଝୁଲଣ ମଣ୍ଡପ ତଳେ ରଖିଥାନ୍ତି । ସେଠାରେ ସୁନା ହରିଡ଼ାମାଳି, କମରପଟି ଓ ଚୂଳ ଲାଗି ହୋଇ ବଡ଼ଦେଉଳ ବେଢାଏ ପରିକ୍ରମା କରି ସିଂହଦ୍ୱାର ବାଟେ ଶ୍ରୀ ଯମେଶ୍ୱର ମନ୍ଦିରରେ ବିଜେ କରିଥାନ୍ତି । ସେଠାରେ ପ୍ରସାଦ ଲାଗି, ଶୀତଳ ଭୋଗ ଓ ବନ୍ଦାପନା ନୀତି ହୋଇଥାଏ । । ଏହାପରେ ଶ୍ରୀସୁଦର୍ଶନ ବାହୁଡା ବିଜେ କରିଥାନ୍ତି । ଏହାପରେ ଚାରି ବାଡ଼ରେ ମହାସ୍ନାନ ନୀତି ବଢିଥାଏ ଓ ପାଳିଆ ପୁଷ୍ପାଳକ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଆଣି ଖଟ ଶେଜ ଘରୁ ନେଇ ସନ୍ଧ୍ୟା ଆଳତି ବେଶ ଓ ଆଳତି ବଢ଼ାଇଥାନ୍ତି । ସନ୍ଧ୍ୟା ଧୂପରେ ଶ୍ରୀ ସୁଦର୍ଶନଙ୍କୁ ପ୍ରସାଦ ଲାଗି ହୋଇଥାଏ । ଏହାପରେ ବନ୍ଦାପନା ହୋଇଥାଏ। ଶ୍ରୀମନ୍ଦିରରେ ରାଧାଷ୍ଟମୀ ତିଥିରେ ଏହିପରି ବିଧି ଓ ପରମ୍ପରା ଅନୁଯାୟୀ ନୀତିମାନ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ଏକଦା ସୂର୍ଯ୍ୟଦେବ ବ୍ରହ୍ମାଣ୍ଡ ପରିଭ୍ରମଣ କରୁକରୁ ନାନା ପ୍ରକାରର ଐଶ୍ୱର୍ଯ୍ୟ ଦେଖି ତପସ୍ୟା କରିବାକୁ ମନ ବଳାଇଲେ। ତେଣୁ ସେ ମନ୍ଦର ପର୍ବତ ଗୁହାରେ କଠିନ ତପସ୍ୟାରତ ହେଲେ। ଫଳରେ ପୃଥିବୀ ଅନ୍ଧକାରାଚ୍ଛନ୍ନ ହେଲା, ଦେବତାଗଣ ଭୀତ ହେଲେ। ଇନ୍ଦ୍ର ଦେବତାଗଣଙ୍କ ସହ ମିଶି ପ୍ରଭୁ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ଦେବଗଣଙ୍କୁ ଆଶ୍ୱାସନା ଦେଇ ସୂର୍ଯ୍ୟଙ୍କୁ ଦର୍ଶନ ଦେଇ ବିଷ୍ଣୁ କହିଲେ ' ହେ ଦିବାକର ! ତୁମେ ତପସ୍ୟାରେ ସିଦ୍ଧି ଲାଭ କରିଛ ତୁମେ ବର ପ୍ରାର୍ଥନା କର। ସୂର୍ଯ୍ୟଦେବ କହିଲେ ପ୍ରଭୁ ! ମୋତେ ଗୋଟିଏ ଗୁଣବତୀ କନ୍ୟାର ବର ଦିଅନ୍ତୁ ଏବଂ ଆପଣ ଚିରଦିନ ସେହି କନ୍ୟାପ୍ରତି ବଶୀଭୂତ ରହିବେ। ଏହା ବ୍ୟତୀତ ମୋର ଆଉ କିଛି ଇଚ୍ଛା ନାହିଁ। ବିଷ୍ଣୁ ' ତଥାସ୍ତୁ ' କହି କହିଲେ ହେ ସୂର୍ଯ୍ୟଦେବ, ତୁମେ ବୃନ୍ଦାବନରେ ବୃଷଭାନୁ ରାଜା ନାମରେ ଜନ୍ମ ଗ୍ରହଣ କରିବ। ଶ୍ରୀରାଧା ତୁମର କନ୍ୟାରୂପେ ଅବତୀର୍ଣ୍ଣ ହେବେ। ବିଷ୍ଣୁଙ୍କ କଥା ଅନୁସାରେ ଶ୍ରୀହରି ମଥୁରାରେ ଜନ୍ମଗ୍ରହଣ କରି ନନ୍ଦାଳୟକୁ ଆସିଲେ। ସୂର୍ଯ୍ୟଦେବ ବୈଶ୍ୟ କୁଳରେ ବୃଷଭାନୁ ନାମରେ ଜନ୍ମ ଗ୍ରହଣ କଲେ। ଯଥା କାଳେ ଗୋପକନ୍ୟା କୀର୍ତ୍ତିଦାଙ୍କ ସହିତ ବୃଷଭାନୁଙ୍କର ବିବାହ ହେଲା, ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ବିଶାଖା ନକ୍ଷତ୍ରରେ କୀର୍ତ୍ତିଦାଙ୍କ ଗର୍ଭରେ ରାଧିକା ଜନ୍ମଗ୍ରହଣ କଲେ। ଗୋପଗୋପୀ ଗଣ ଆନନ୍ଦରେ ଶ୍ରୀରାଧାଙ୍କ ଜନ୍ମ ପାଳନ କରିଥିଲେ। କାଳକ୍ରମେ ଶ୍ରୀରାଧା ଚନ୍ଦ୍ରସେଣା ନାମକ ଜଣେ ଗୋପାଳଙ୍କୁ ବିବାହ କଲେ, କିନ୍ତୁ ସେ ପରମପୁରୁଷ ଜ୍ଞାନରେ ଶ୍ରୀକୃଷ୍ଣଙ୍କ ସହ ବିହାର କଲେ, ତେଣୁ ଶ୍ରୀକୃଷ୍ଣଙ୍କର କରୁଣା ଲାଭ ପାଇଁ ଶ୍ରୀରାଧାଙ୍କ ଜନ୍ମଦିନକୁ ' ଶ୍ରୀରାଧାଷ୍ଟମୀ ' ଭାବରେ ପାଳନ କରାଯାଏ।

**ଅରଙ୍ଗାବାଦ, ବରୀ, ଯାଜପୁର**

# ଛାଇର ଚରିତ୍ର

ଆନି ଜାଣିଥିଲେ ଜନ୍ମ ମରଣ ସତ ପରି ଛାଇ ବି ସତ । ଛାଇ ବି ମିତ । ଅନିତ୍ୟ ସଂସାରରେ ସମସ୍ତେ ଦୂରେଇ ଯାଉଥିବା ବେଳେ ଛାଇଟି ନିତ୍ୟ, ସତ୍ୟ ଓ ପରମ ମିତ୍ର ରୂପେ ପାଶେ ପାଶେ ରହେ ପ୍ରତ୍ୟେକ ମଣିଷର । ଆଜିକାଲି ସେଇ ଛାଇ ଖୁବ ଡରାଏ ଆନିଙ୍କୁ । କାହିଁକିର ଉତ୍ତର ନଥାଏ ନିଜ ପାଖରେ ତ ଭାବନ୍ତି ନିଶ୍ଚୟ ପ୍ରାରବ୍ଧ କର୍ମଫଳ ଏହା । ପୂର୍ବଜନ୍ମରେ କିଛି ପାପ ନିଶ୍ଚୟ ଏ ଜନ୍ମରେ ଛାଇ ସହିତ ରହି ତାକୁ କେବେ ବିକୃତ କରୁଛି ବିଲେଇଟିଏ ପରି ତ କେବେ କୁକୁରଟିଏ ପରି ତ କେବେ ପକ୍ଷୀଟିଏ ପରି । ହଠାତ ଆନିଙ୍କର ମନେ ହେଲା ପୂର୍ବଜନ୍ମରେ ସେ ନିଶ୍ଚୟ ବିଲେଇ କି କୁକୁର ବା ପକ୍ଷୀ ରୂପେ ଜନ୍ମ ହୋଇ କିଛି ପାପ କରିଛନ୍ତି । ହୁଏତ ବିଲେଇ ରୂପେ ଚୋରଣୀ ସାଜି ଆଖି ମୁଜି ମୁଜି ଲୁଚେଇ କ୍ଷୀର ପିଇ ମଣିଷକୁ ବିଲେଇ ଅଇଁଠା କ୍ଷୀର ପିଆଇ ମୃତ୍ୟୁ ମୁଖକୁ ଠେଲି ଦେଇଛନ୍ତି ବା କୁକୁର ଜନ୍ମରେ କୋଉ ଶିଶୁର ତଣ୍ଟି କଣା କରି ତାକୁ ଜୀବନ୍ତ ମୃତ୍ୟୁ କଷ୍ଟ ଦେବାର ପାପ ମୁଣ୍ଡେଇଛନ୍ତି ବା ଗୃଧ ପକ୍ଷୀ ରୂପେ ଜନ୍ମ ହୋଇ ବାଘ କି ସିଂହ ପରି ବଳବାନ ପଶୁର ଶିଶୁ ଶାବକ ଉଠେଇ ନେଇ ତା ରକ୍ତ ପିଇଛନ୍ତି । ଏମିତି ଭାବି ମନ ଅବସାଦ କରିବା ବେଳେ ଲଘୁ କଥାଟିଏ ମନକୁ ଆସୁଥିଲା ତାଙ୍କର ।କଥାଟି ଥିଲା ଏମିତି କି ଜୈନିକ ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀ ଯେବେ ପଚାରିଥିଲେ ସ୍ୱାମୀ ସ୍ତ୍ରୀ ଜନ୍ମ ଜନ୍ମାନ୍ତର ସାଥି ବା ସାତଜନ୍ମର ସାଥି ବୋଲି କୁହନ୍ତି । ହେଲେ କେମିତି ଜାଣିବ ଏଇଟା କେତେତମ ଜନ୍ମ ବୋଲି ତ ସେହି ସ୍ୱାମୀ ଚଟାପଟ ଉତ୍ତର ଦେଲେ ଆରେ ଏଇଟା ତ ଭାରି ସହଜ କଥା । ଯେତେବେଳେ ସ୍ତ୍ରୀ ସ୍ୱାମୀଙ୍କୁ କହୁଥିବେ ଏ ଜନ୍ମରେ ତୁମକୁ ଚିହ୍ନି ହେଲାନି ତ ଜାଣିବ ପ୍ରଥମ ନହେଲେ ଦ୍ୱିତୀୟ ଜନ୍ମର ସାଥି ହୋଇଥିବେ ଦୁହେଁ ଦୁହିଁଙ୍କର ଆଉ ଯଦି ସ୍ତ୍ରୀ କହୁଥିବେ କେତେ ଜନ୍ମ ଗଲେ ବି ତୁମକୁ ଚିହ୍ନିବା ସହଜ ନୁହେଁ ତେବେ ଜାଣିବ ଯେ ଏଇଟା ନିଶ୍ଚୟ ସାତଜନ୍ମର ବନ୍ଧନ । ଏ କଥା ଶୁଣି ସିନା ହସ ଲାଗେ କିନ୍ତୁ ପରବର୍ତ୍ତୀ ସମୟରେ କେତେକାଂଶରେ ସତ ପରି ମନେହୁଏ ଭାବି ସ୍ୱାମୀ ବିକାଶଙ୍କ ଫେରିବାକୁ ଚାହିଁ ଭାବୁଥାଆନ୍ତି ଆନି ଆଜି ପଚାରିବେ ସ୍ୱାମୀ ବିକାଶଙ୍କୁ ବୋଲି ଭାବି ଚାଲିଥାନ୍ତି ।

ସତକୁ ସତ ସେଦିନ ମନର କଥାଟି ପଚାରି ବ୍ୟସ୍ତ ବିବ୍ରତ ବୋଧ କରୁଥିଲେ ଆନି ଯେ ଛାଇ ମତେ ଡରାଉଛି, ଭାରି ଭୟ ହେଉଛି ମତେ । କେବେ ବିଲେଇ ପରି କେବେ କୁକୁର ପରି ତ କେବେ ପକ୍ଷୀ ପରି ଦେଖାଯାଉଛି ତ ଭାବୁଛି ପୂର୍ବ ଜନ୍ମ ମାନଙ୍କରେ ନିଶ୍ଚୟ ବିଲେଇ, କୁକୁର କି ପକ୍ଷୀ ରୂପରେ ଜନ୍ମ ଗ୍ରହଣ କରି କାହାର କିଛି ଅନିଷ୍ଟ କରି ପାପ କରିଥିବା ପରି ମନେ ହେଉଛି ତ ସ୍ୱାମୀ ହିସାବରେ ତୁମେ ତ ମୋର ପରମ ମିତ୍ର ରୂପେ ଥିବ ନିଶ୍ଚୟ ପାଖେ ପାଖେ । କହିପାରିବ କି ଏହାର ଗୋଟେ ସ୍ଥୁଳ ବା ସୂକ୍ଷ୍ମ କାରଣ!ତ ବିକାଶ କହିଲେ ଦେଖ ସବୁଜନ୍ମରେ ତୁମ ସ୍ୱାମୀ ଥିଲି କି ନଥିଲି କହିପାରିବିନି କିନ୍ତୁ ଏ ଜନ୍ମରେ ନିଶ୍ଚୟ ତୁମେ ବିଲେଇ, କୁକୁର ଓ ପକ୍ଷୀ ରୂପେ ଉପରକୁ ନିରୀହ ଦେଖାଯାଉଥିଲେ ମଧ୍ୟ ଭିତରେ କାହା ପ୍ରତି ହିଂସାତ୍ମକ କାମ କରିଛ ତେଣୁ ନିଜେ ନିଜର ଛାଇକୁ ଡ଼ରୁଛ । ଏବେଠାରୁ ଆନି ଆଉ ସ୍ୱାମୀ ବିକାଶଙ୍କୁ କିଛି ପ୍ରଶ୍ନ ପଚାରିନଥିଲେ କାରଣ ଶାଶୁଙ୍କ କଥା ତାଙ୍କର ଖୁବ ମନେ ପଡୁଥିଲା । ବିକାଶଙ୍କ ଭଲପାଇବାକୁ ଠୋକର ଦେଇ ସେ ଯେବେ ବିକାଶଙ୍କର କମ୍ପାନୀରୁ ଛଟେଇ ହେବା ଖବର ଶୁଣିବା ପରେ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଅନ୍ୟକୁ ବିବାହ କରିଯାଇଥିଲେ ସେତେବେଳେ ମଧ୍ୟ ଭାଗ୍ୟ ଫଳଇ ଅବଶ୍ୟ ନ୍ୟାୟରେ ପରେ ଯେବେ ଆନିଙ୍କ କମ୍ପାନୀରେ ହିଁ ବିକାଶ ଜଏନ କାରିଥିଲେ ଏମ ଡି ହିସାବରେ ତ ଆନି ସେତେବେଳେ ବିଧବା ହୋଇସାରିଥିଲେ । ବିକାଶଙ୍କ ପ୍ରେମକୁ ଫେରାଇଦେବାକୁ ଶାଶୁଙ୍କ ମଧ୍ୟସ୍ଥିରେ ସେ ପୁଣି ହାତ ଧରିଥିଲେ ବିକାଶଙ୍କର କିନ୍ତୁ ଶାଶୁ ରୋଗୀଣା ହେବା ପରେ ତାଙ୍କ ସେବା ଶୁଶ୍ରୁଷା ପାଇଁ ତାଙ୍କୁ ଚାକିରୀ ଛାଡିବାକୁ ପଡିଥିବାରୁ ସେ ଶାଶୁଙ୍କୁ ନେଇ ଅନାଥଆଶ୍ରମରେ ରଖିବା କଣ ବିଲେଇ, କୁକୁର ଓ ପକ୍ଷୀଙ୍କ ଭିତରେ ଥିବା ହିଂସାତ୍ମକ ଆଚରଣ ଅନୁସରଣ କରିନାହାଁନ୍ତି କି?ସେହିଦିନ ସନ୍ଧ୍ୟାରେ ସେ ନିଜେ ଯାଇ ଶାଶୁଙ୍କୁ ଫେରେଇ ଆଣିଥିଲେ ଘରକୁ । ଆଶ୍ଚର୍ଯ୍ୟ କଥା ସେବେଠାରୁ ବିକୃତ ଛାଇ ସବୁ ପରିବର୍ତ୍ତେ ନିଜ ଛାଇ ହିଁ ତାଙ୍କର ସବୁଠୁ ନିଜର ହୋଇଯାଇଥିଲା । ଛୁଟିରେ ଘରକୁ ଆସିଥିବା ସ୍ୱାମୀ ଯେବେ ଆସି ଘରେ ମାଆକୁ ଦେଖି ପଚାରିଥିଲେ ତ ଆନି କହିଥିଲେ ମାଆ ଏବେ ଆଗ ଅପେକ୍ଷା ଖୁବ ସୁସ୍ଥ ଥିବାରୁ ଆଶ୍ରମ ଅପେକ୍ଷା ଘର ତାଙ୍କର ଉପଯୁକ୍ତ ରହିବା ସ୍ଥାନ ବୋଲି ମନେହେଲା ବୋଲି ମାଆଙ୍କୁ ନେଇଆସିଛି । ବିକାଶ କିନ୍ତୁ ଆନିଙ୍କ ଛାଇ ଉପର ତର୍ଜମା କରି ଥେସିସ ଲେଖିବାରେ ଆନିଙ୍କ ସାହାଯ୍ୟ ସହଯୋଗ ମାଗୁଥିଲେ କାରଣ ଡିଜିଟାଲ ଯୁଗରେ ଏସବୁର ଆବଶ୍ୟକତା ରହିଛି କହି ବିକାଶ ବୁଝେଇଦେଇଥିଲେ ନିଜ ଛାଇ ନିଜ ଚରିତ୍ର ବିଷୟରେ କୁଆଡେ ଶହେରୁ ଶହେ ନହେଲେ ମଧ୍ୟ ଅନେକାଂଶ ସତ କହେ । ଏଣିକି ଛାଇ ଅପଲୋଡ଼ କରି କାଳେ ମଣିଷର ଚରିତ୍ର ଜାଣିହେବ କିନ୍ତୁ ସେହି ଆପ ର ନାମକରଣ ପରେ କରାଯିବ ବୋଲି ଶୁଣିବାକୁ ମିଳୁଛି । ଆନି କହୁଥିଲେ ଖୁବ ଭଲ,ଯାଏ ସେଆଡେ ମାଆ ମତେ ଖୋଜୁଥିବେ ତ ବିକାଶ ହସୁଥିଲେ କାରଣ ତାଙ୍କର ମନେପଡୁଥିଲା ସେଦିନର କଥା

ଘର ଦେଖି ବର ଦେଖି କନ୍ୟା ପକ୍ଷ ଗଲେଣି ପନ୍ଦର ଦିନ ହେଲାଣି କିନ୍ତୁ କିଛି ଖବର ଆସିନି ତ ଜେଜେ ନୀଳମାଧବ କପାଳ ମନ୍ଦ କହି କର କଚାଡି ହେଉଥିଲେ ଆଉ କହୁଥିଲେ ସତେ କି ଏ ଭାଗ୍ୟ ହେବ । । । । ନାତୁଣୀ ବୋହୁ ଏ ନେତ୍ର ଦେଖିବ । । ହେ ରାଧାମାଧବ । । । କେବେ ଜୀନ ନିଶ୍ଚୟ ଯିବ ହେ ରାଧାମାଧବ । ବାପାଙ୍କ କଥା ଶୁଣି ପତିତପାବନବାବୁ ଆଖିରୁ ଦୁଇଟୋପା ଲୁହ ନିଗାଡି ପକେଇଲେ । ସତେତ ବାପା ନୀଳମାଧବ ଆଉ କେତେଟା ଦିନ!ପାଚିଲା ପତର, କୋଉଦିନ କୋଉକଥା । ଖାଲି ବୋଉ ତାଙ୍କର ତାଙ୍କୁ ଜନ୍ମ କରି ବାପାଙ୍କ ହାତରେ ଦେଇ ଯାଇଛି ବୋଲି ସମସ୍ତେ କହନ୍ତି ତୁମେ କପାଳିଆ ନୀଳମାଧବ ପତିତପାବନ ପରି ପୁଅ ଧରେଇ ଆୟୁଷତକ ଦେଇ ବସେଇ ଦେଇ ଯାଇଛନ୍ତି ତୁମ ସ୍ତ୍ରୀ କମଳା ବୋଲି ଚାରିକୋଡ଼ି ଦଶ ହେଲାଣି ତୁମକୁ ଗୋଡ଼ ଉପରେ ଗୋଡ଼ ପକେଇ ବସିଛ । ପତିତପାବନଙ୍କର ମଧ୍ୟ ସେଇ ଦଶା କେତେବେଳେ ଯେ ଆସିଯିବ କିଏ କହିବ ପୁଅ ବିକାଶକୁ କୋଳରେ ଧରେଇ ଦେଇ ଆଖି ମୁଜିଦେଇନାହାଁନ୍ତି ସିନା ସୀତା, ହେଲେ ବଡ଼ଭାଗ୍ୟ ଯେ ସେ ବି ତିନିକୋଡ଼ି ଉପରେ ଦେଖିସାରିଲେଣି ବୟସ ଗଛକୁ କିନ୍ତୁ ବାପା ଓ ପୁଅ ଦୁହିଁଙ୍କର ଇଚ୍ଛା ନାତୁଣୀ ବୋହୁ ବା ବୋହୁ ଦେଖିବେ କିନ୍ତୁ ଯୋଉ କଥାଟା ଏଯାଏଁ ତାଙ୍କ ପାଇଁ ଶୁଭଙ୍କର ହୋଇଥିଲା ସେଇ କଥାଟା ବୁମେରାଙ୍ଗ ପରି ଲୋକଙ୍କ ତୁଣ୍ଡରେ ବାଜୁଛି ପ୍ରତିକୂଳ ହୋଇ ଯେ ଏଘରକୁ କିଏ ଝିଅ ଦେବ ଲୋ ମାଆ । ନିଜେ ବଞ୍ଚିଲେ ସିନା ବାପାର ନାଆଁ । ଯୋଉ କନିଆଁ ଆସିବ ସେ କଣ ତିଷ୍ଠିବ ଏ ଘରେ!କିଏ କହିବ ବିକାଶ ପୁଣି ପ୍ରେମରେ ନପଡିବ! କଥାଟା ଝିଅ ଘର କାନରେ ପଡେ ତ ପୁଅ ପାଇଁ ଆସୁଥିବା ପ୍ରସ୍ତାବ ସବୁ ଭାଙ୍ଗିଯାଏ, ଠିକ ହେଉ ହେଉ ।ରାତି ପାଇଲେ ବିକାଶକୁ ବି ଦି କୋଡ଼ି ପୁରିବ ।ପୁରିଲା ପୁରିଲା ଘରେ ବୋହୁ ବ୍ୟତିରେକେ ଭଲ ଲାଗୁନି ତ ନବଗ୍ରହକୂଟ କାଟିବାକୁ କେତେ କୋଉଠି ମାନସିକ,ଜାଗ,ଯଜ୍ଞ କରି ପୁଣି ବାସ୍ତୁଦୋଷ ଠିକ କରିବାକୁ ଯାଇ ଘରର କେବେ ଝରକା ଦିଗ ବଦଳୁଛି ତ କେବେ କବାଟ ଦିଗ ପୁଣି କେବେ ଆଗପଟ ରଙ୍ଗ ହେଉଛି ଜୋତିଷଙ୍କ ପରାମର୍ଶ କ୍ରମେ ତ କେବେ ଘର ଭିତରପଟ ରଙ୍ଗ ବଦଳୁଥିଲା ବାସ୍ତୁ ଅନୁଯାୟୀ ।

ଏତେ ଦିନ ପରେ ଏଥର ମଧ୍ୟସ୍ଥି ଆଣିଥିବା ପ୍ରସ୍ତବାର ସୁରାକ ଯେମିତି କେହି ନପାଆନ୍ତି ତାର ସୁବନ୍ଦୋବସ୍ତ କରିଥିଲେ ବାପା ପତିତପାବନ ଓ ଜେଜେ ନୀଳମାଧ । ସେଦିନ ଘରର ଚକରାଣୀ କି ଆସିବାକୁ ମନା କରିଦେଇଥିଲେ ଜେଜେ । ବାପା ମଧ୍ୟ ଡାକିନଥିଲେ କୋଉ କୁଣିଆ ମଇତ୍ର କି ବନ୍ଧୁ ବାନ୍ଧବ ନିଜ ପଟରୁ । ଏମିତିକି ଘର ରଙ୍ଗ ମିସ୍ତ୍ରୀ ପକେଟରେ ଖଡ଼ଖଡିଆ ଦୁଇଟି ପାଞ୍ଚଶହ ନୋଟ ଗୁଞ୍ଜି ଦେଇ ଜେଜେ କହିଥିଲେ କୁଣିଆ ଆସୁଛନ୍ତି ବୋଲି ଯେମିତି କେହି ନଜାଣନ୍ତି । ବାପା ମଧ୍ୟ ପୁଅ ଓ ସ୍ତ୍ରୀଙ୍କୁ ତାଗିଦ କରିଥିଲେ ସାଙ୍ଗ ସୁଖ କାହାକୁ ନକହିବାକୁ । ପୁଣି ପଇଡ଼ ତୋଳିବାକୁ ଆସିଥିବା ଲୋକକୁ ମଧ୍ୟ ଦିଅଣ୍ଡା ଅଧିକା ପଇଡ଼ ସହ ଗୋଟେ ପାଞ୍ଚଶହ ନୋଟ ଦେଇ କହିଥିଲେ ଆରେ ବାପା ଏଠି ପ୍ରାୟ କଥାଟା ଆଗେଇଛି ବୋଲି କାହାକୁ ଯେମିତି ନକହୁ । ସବୁତ ଠିକ ଥିଲା । ତେବେ ଝିଅ ଘର ପଟ ମଧ୍ୟସ୍ଥିକୁ ଚାହିଁ ବାପା ପତିତପାବନ ଦାଣ୍ଡ ଦୁଆରେ ଆରାମଚେୟାରରେ ଝୁଲୁଛନ୍ତି କିନ୍ତୁ ତାର ଦେଖାନାହିଁ । ଏତିକି ବେଳେ ଗାଁର ରମାନାନୀ କହିଲା ସେଦିନ କିଏ ସବୁ ତୁମ ଘରକୁ ଆସିଥିଲେ କି ପତିଆ ନନା ?ଚମକି ପଡି ପତିତପାବନ କହିଲେ ସେଦିନ,ହଁ ହଁ ଘର ରଙ୍ଗ ହେବାକୁ ଡାକିଥିଲି ତ । ମୁହଁ ମୋଡି ରମାନାନୀ କହୁଥିଲା ମତେ କାହିଁ ଲୁଚାଉଛ ବା ପତିଆନନା, ଘର ରଙ୍ଗ କରିବାକୁ କଣ ଇଞ୍ଜିନିଅର ଦରକାର ପଡିଲେଣି ନା କଣ! ମୁଁ ଜାଣିଛି ଏଇଠି ବାହାଘର ନିଶ୍ଚୟ ହେବ । ଆହେ ବର ଛାଡିଦେଇଥିବା ଝିଅକୁ ଆଉ କେତେ ଦିନ ବାପା ମାଆ ଦିଟା ଘରେ ରଖିବେ!ତା ଛଡା ତୁମ ପୁଅ କୋଉ ଆଉ ଯୁବା ହୋଇ ରହିଛି ଯେ!କାନମୁଣ୍ଡା ଝାଏଁ ଝାଏଁ ହେଉଥିଲା ବେଳେ ଦୂରରୁ ମଧ୍ୟସ୍ଥି ଆସିବା ଦେଖି ମଧ୍ୟ ପତିତପାବନଙ୍କ ଆଉ ଆଗ୍ରହ ନଥିଲା ।ରମାନାନୀ କହୁଥିଲା ହେଇଲୋ ଭଦ୍ରଲୋକ ଆସିଲେଣି । ଭଦ୍ରଲୋକ ବା ମଧ୍ୟସ୍ଥି କଣ କହିବ କହିବ ହୋଇ କହିବାକୁ ବସିଥିବା ବେଳେ ନୀଳମାଧବ କହୁଥିଲେ ଆରେ ଆମ ନାତି ପରା ସାହାଡା ଗଛକୁ ବାହା ହୋଇ ସାରିଛି । ପୁଅଠି ଯଦି ସାତଖୁଣ ମାଫ ଝିଅଠି କାହିଁ ଦେଖିବା!ରମାନାନୀ କହୁଥିଲା ହେଇ ଦେଖିଲ ନନା,ବୁଢା ମଞ୍ଜି କଥା କହିଲା । ମଧ୍ୟସ୍ଥି ସେତେବେଳକୁ ପତିତପାବନଙ୍କ ଗୋଡ଼ ଧରି ପକେଇସାରିଥିଲା। ଝିଅ ଘର ପଟୁ ପ୍ରସ୍ତାବ ଭାଙ୍ଗିଯାଇଥିଲା ହେଲେ ସୀତା ଆନିକୁ ବୋହୁ କରି ଆଣିବା ପରେ ଶଶୁର ଓ ସ୍ୱାମୀ ଦୁହେଁ ଆକାଶର ତାରା ହୋଇଗଲେ ତ ସୀତା ବାୟାଣୀ ପରି ହେଉଥିଲେ । ଆନି ଚାକିରୀ ଛାଡି ମାଆଙ୍କ ସେବା ପାଇଁ ବିକାଶ ନିର୍ଦ୍ଦେଶରେ ଘରକୁ ଆସିଲା ସତ ହେଲେ ସୀତାଦେବୀ ଆଶ୍ରମକୁ ଯିବା କଥାଟା ରମାନାନୀ ଦ୍ୱାରା ତୁଣ୍ଡ ବାଇଦ ସହସ୍ର କୋଶ ପରି ବାଜୁଥିଲାବେଳେ ଆନିଙ୍କୁ ଛାଇର ଛନକା ଡରେଇ ଚାଲିଥିଲା ।

ଆନି ଜାଣିଥିଲେ ଜନ୍ମ ମରଣ ସତ ପରି ଛାଇ ବି ସତ । ଛାଇ ବି ମିତ । ଅନିତ୍ୟ ସଂସାରରେ ସମସ୍ତେ ଦୂରେଇ ଯାଉଥିବା ବେଳେ ଛାଇଟି ନିତ୍ୟ, ସତ୍ୟ ଓ ପରମ ମିତ୍ର ରୂପେ ପାଶେ ପାଶେ ରହେ ପ୍ରତ୍ୟେକ ମଣିଷର । ଆଜିକାଲି ସେଇ ଛାଇ ଖୁବ ଡରାଏ ଆନିଙ୍କୁ । କାହିଁକିର ଉତ୍ତର ନଥାଏ ନିଜ ପାଖରେ ତ ଭାବନ୍ତି ନିଶ୍ଚୟ ପ୍ରାରବ୍ଧ କର୍ମଫଳ ଏହା । ପୂର୍ବଜନ୍ମରେ କିଛି ପାପ ନିଶ୍ଚୟ ଏ ଜନ୍ମରେ ଛାଇ ସହିତ ରହି ତାକୁ କେବେ ବିକୃତ କରୁଛି ବିଲେଇଟିଏ ପରି ତ କେବେ କୁକୁରଟିଏ ପରି ତ କେବେ ପକ୍ଷୀଟିଏ ପରି । ହଠାତ ଆନିଙ୍କର ମନେ ହେଲା ପୂର୍ବଜନ୍ମରେ ସେ ନିଶ୍ଚୟ ବିଲେଇ କି କୁକୁର ବା ପକ୍ଷୀ ରୂପେ ଜନ୍ମ ହୋଇ କିଛି ପାପ କରିଛନ୍ତି । ହୁଏତ ବିଲେଇ ରୂପେ ଚୋରଣୀ ସାଜି ଆଖି ମୁଜି ମୁଜି ଲୁଚେଇ କ୍ଷୀର ପିଇ ମଣିଷକୁ ବିଲେଇ ଅଇଁଠା କ୍ଷୀର ପିଆଇ ମୃତ୍ୟୁ ମୁଖକୁ ଠେଲି ଦେଇଛନ୍ତି ବା କୁକୁର ଜନ୍ମରେ କୋଉ ଶିଶୁର ତଣ୍ଟି କଣା କରି ତାକୁ ଜୀବନ୍ତ ମୃତ୍ୟୁ କଷ୍ଟ ଦେବାର ପାପ ମୁଣ୍ଡେଇଛନ୍ତି ବା ଗୃଧ ପକ୍ଷୀ ରୂପେ ଜନ୍ମ ହୋଇ ବାଘ କି ସିଂହ ପରି ବଳବାନ ପଶୁର ଶିଶୁ ଶାବକ ଉଠେଇ ନେଇ ତା ରକ୍ତ ପିଇଛନ୍ତି । ଏମିତି ଭାବି ମନ ଅବସାଦ କରିବା ବେଳେ ଲଘୁ କଥାଟିଏ ମନକୁ ଆସୁଥିଲା ତାଙ୍କର ।କଥାଟି ଥିଲା ଏମିତି କି ଜୈନିକ ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀ ଯେବେ ପଚାରିଥିଲେ ସ୍ୱାମୀ ସ୍ତ୍ରୀ ଜନ୍ମ ଜନ୍ମାନ୍ତର ସାଥି ବା ସାତଜନ୍ମର ସାଥି ବୋଲି କୁହନ୍ତି । ହେଲେ କେମିତି ଜାଣିବ ଏଇଟା କେତେତମ ଜନ୍ମ ବୋଲି ତ ସେହି ସ୍ୱାମୀ ଚଟାପଟ ଉତ୍ତର ଦେଲେ ଆରେ ଏଇଟା ତ ଭାରି ସହଜ କଥା । ଯେତେବେଳେ ସ୍ତ୍ରୀ ସ୍ୱାମୀଙ୍କୁ କହୁଥିବେ ଏ ଜନ୍ମରେ ତୁମକୁ ଚିହ୍ନି ହେଲାନି ତ ଜାଣିବ ପ୍ରଥମ ନହେଲେ ଦ୍ୱିତୀୟ ଜନ୍ମର ସାଥି ହୋଇଥିବେ ଦୁହେଁ ଦୁହିଁଙ୍କର ଆଉ ଯଦି ସ୍ତ୍ରୀ କହୁଥିବେ କେତେ ଜନ୍ମ ଗଲେ ବି ତୁମକୁ ଚିହ୍ନିବା ସହଜ ନୁହେଁ ତେବେ ଜାଣିବ ଯେ ଏଇଟା ନିଶ୍ଚୟ ସାତଜନ୍ମର ବନ୍ଧନ । ଏ କଥା ଶୁଣି ସିନା ହସ ଲାଗେ କିନ୍ତୁ ପରବର୍ତ୍ତୀ ସମୟରେ କେତେକାଂଶରେ ସତ ପରି ମନେହୁଏ ଭାବି ସ୍ୱାମୀ ବିକାଶଙ୍କ ଫେରିବାକୁ ଚାହିଁ ଭାବୁଥାଆନ୍ତି ଆନି ଆଜି ପଚାରିବେ ସ୍ୱାମୀ ବିକାଶଙ୍କୁ ବୋଲି ଭାବି ଚାଲିଥାନ୍ତି ।

ସତକୁ ସତ ସେଦିନ ମନର କଥାଟି ପଚାରି ବ୍ୟସ୍ତ ବିବ୍ରତ ବୋଧ କରୁଥିଲେ ଆନି ଯେ ଛାଇ ମତେ ଡରାଉଛି , ଭାରି ଭୟ ହେଉଛି ମତେ । କେବେ ବିଲେଇ ପରି କେବେ କୁକୁର ପରି ତ କେବେ ପକ୍ଷୀ ପରି ଦେଖାଯାଉଛି ତ ଭାବୁଛି ପୂର୍ବ ଜନ୍ମ ମାନଙ୍କରେ ନିଶ୍ଚୟ ବିଲେଇ, କୁକୁର କି ପକ୍ଷୀ ରୂପରେ ଜନ୍ମ ଗ୍ରହଣ କରି କାହାର କିଛି ଅନିଷ୍ଟ କରି ପାପ କରିଥିବା ପରି ମନେ ହେଉଛି ତ ସ୍ୱାମୀ ହିସାବରେ ତୁମେ ତ ମୋର ପରମ ମିତ୍ର ରୂପେ ଥିବ ନିଶ୍ଚୟ ପାଖେ ପାଖେ । କହିପାରିବ କି ଏହାର ଗୋଟେ ସ୍ଥୁଳ ବା ସୂକ୍ଷ୍ମ କାରଣ!ତ ବିକାଶ କହିଲେ ଦେଖ ସବୁଜନ୍ମରେ ତୁମ ସ୍ୱାମୀ ଥିଲି କି ନଥିଲି କହିପାରିବିନି କିନ୍ତୁ ଏ ଜନ୍ମରେ ନିଶ୍ଚୟ ତୁମେ ବିଲେଇ, କୁକୁର ଓ ପକ୍ଷୀ ରୂପେ ଉପରକୁ ନିରୀହ ଦେଖାଯାଉଥିଲେ ମଧ୍ୟ ଭିତରେ କାହା ପ୍ରତି ହିଂସାତ୍ମକ କାମ କରିଛ ତେଣୁ ନିଜେ ନିଜର ଛାଇକୁ ଡ଼ରୁଛ । ସେବେଠାରୁ ଆନି ଆଉ ସ୍ୱାମୀ ବିକାଶଙ୍କୁ କିଛି ପ୍ରଶ୍ନ ପଚାରିନଥିଲେ କାରଣ ଶାଶୁଙ୍କ କଥା ତାଙ୍କର ଖୁବ ମନେ ପଡୁଥିଲା । ବିକାଶଙ୍କ ଭଲପାଇବାକୁ ଠୋକର ଦେଇ ସେ ଯେବେ ବିକାଶଙ୍କର କମ୍ପାନୀରୁ ଛଟେଇ ହେବା ଖବର ଶୁଣିବା ପରେ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଅନ୍ୟକୁ ବିବାହ କରିଯାଇଥିଲେ ସେତେବେଳେ ମଧ୍ୟ ଭାଗ୍ୟ ଫଳଇ ଅବଶ୍ୟ ଫଳିବା ନ୍ୟାୟରେ ପରେ ଯେବେ ଆନିଙ୍କ କମ୍ପାନୀରେ ହିଁ ବିକାଶ ଜଏନ କାରିଥିଲେ ଏମ ଡି ହିସାବରେ ତ ଆନି ସେତେବେଳେ ବିଧବା ହୋଇସାରିଥିଲେ । ବିକାଶଙ୍କର ଏଣେ ଥରକୁ ଥର ବାହାଘର ଭାଙ୍ଗିବା କାରଣ ଯେ ଆନିକୁ ବିକାଶ ଭଲପାଉଥିଲା, ଏକଥା ପ୍ରଚାର ପ୍ରସାର କରିବାକୁ ରମାନାନୀ ପରି ଲୋକଙ୍କ ଅଭାବ ନଥିଲା ତ ସ୍ୱାମୀ ଓ ଶଶୁରଙ୍କ ଆଶା ପୁରଣ କରିବାକୁ ଯାଇ ପୁଅର ପ୍ରେମକୁ ଫେରାଇଦେବାକୁ ଶାଶୁ ସୀତାଦେବୀଙ୍କ ମଧ୍ୟସ୍ଥିରେ ବିକାଶର ହାତ ଧରିଥିଲେ ଆନି । ବିବାହ ପରେ ପରେ ପଛକୁ ପଛ ସ୍ୱାମୀ ଓ ଶଶୁରଙ୍କ ମୃତ୍ୟୁ ଶାଶୁ ସୀତାଙ୍କୁ ରୋଗୀଣା କରିଦେବା ପରେ ତାଙ୍କ ସେବା ଶୁଶ୍ରୁଷା ପାଇଁ ଆନିଙ୍କୁ ଚାକିରୀ ଛାଡିବାକୁ ପଡିଥିବାରୁ ସେ ଶାଶୁଙ୍କୁ ନେଇ ଅନାଥଆଶ୍ରମରେ ରଖିବାରେ କଣ ବିଲେଇ, କୁକୁର ଓ ପକ୍ଷୀଙ୍କ ଭିତରେ ଥିବା ହିଂସାତ୍ମକ ଆଚରଣ ଅନୁସରଣ କରିନାହାଁନ୍ତି କି?ସେହିଦିନ ସନ୍ଧ୍ୟାରେ ସେ ନିଜେ ଯାଇ ଶାଶୁଙ୍କୁ ଫେରେଇ ଆଣିଥିଲେ ଘରକୁ । ଆଶ୍ଚର୍ଯ୍ୟ କଥା ସେବେଠାରୁ ବିକୃତ ଛାଇ ସବୁ ପରିବର୍ତ୍ତେ ନିଜ ଛାଇ ହିଁ ତାଙ୍କର ସବୁଠୁ ନିଜର ହୋଇଯାଇଥିଲା । ଛୁଟିରେ ଘରକୁ ଆସିଥିବା ସ୍ୱାମୀ ଯେବେ ଆସି ଘରେ ମାଆକୁ ଦେଖି ପଚାରିଥିଲେ ତ ଆନି କହିଥିଲେ ମାଆ ଏବେ ଆଗ ଅପେକ୍ଷା ଖୁବ ସୁସ୍ଥ ଥିବାରୁ ଆଶ୍ରମ ଅପେକ୍ଷା ଘର ତାଙ୍କର ଉପଯୁକ୍ତ ରହିବା ସ୍ଥାନ ବୋଲି ମନେହେଲା ବୋଲି ମାଆଙ୍କୁ ନେଇଆସିଛି । ବିକାଶ କିନ୍ତୁ ଆନିଙ୍କ ଛାଇ ଉପର ତର୍ଜମା କରି ଥେସିସ ଲେଖିବାରେ ଆନିଙ୍କ ସାହାଯ୍ୟ ସହଯୋଗ ମାଗୁଥିଲେ କାରଣ ଡିଜିଟାଲ ଯୁଗରେ ଏସବୁର ଆବଶ୍ୟକତା ରହିଛି କହି ବିକାଶ ବୁଝେଇଦେଇଥିଲେ ନିଜ ଛାଇ ନିଜ ଚରିତ୍ର ବିଷୟରେ କୁଆଡେ ଶହେରୁ ଶହେ ନହେଲେ ମଧ୍ୟ ଅନେକାଂଶ ସତ କହେ । ଏଣିକି ଛାଇ ଅପଲୋଡ଼ କରି କାଳେ ମଣିଷର ଚରିତ୍ର ଜାଣିହେବ କିନ୍ତୁ ସେହି ଆପ ର ନାମକରଣ ପରେ କରାଯିବ ବୋଲି ଶୁଣିବାକୁ ମିଳୁଛି । ଆନି କହୁଥିଲେ ଖୁବ ଭଲ,ଯାଏ ସେଆଡେ ମାଆ ମତେ ଖୋଜୁଥିବେ ତ ରମାନାନୀ ଗାଁ ସାରା ପ୍ରଚାର ପ୍ରସାର କରିଚାଲିଥିଲା ବିକାଶଙ୍କ ଛାଇ ଅପଲୋଡ଼ ଆପ କଥା ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

# ଓସ୍ୱାସ୍ ଫାଇଲ୍ ପ୍ରକ୍ରିୟାକରଣରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରଥମ



ନବରଙ୍ଗପୁର,୮।୯ (ଆନିସ): ଅଗଷ୍ଟ ୨୦୨୬ ମାସର ଓଡ଼ିଶା ଷ୍ଟେଟ ୱର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ (ଓସ୍ୱାସ୍) ପ୍ରଦର୍ଶନ ଆଧାରରେ ସରକାରୀ ଫାଇଲ୍ ପ୍ରକ୍ରିୟାକରଣ କ୍ଷେତ୍ରରେ ଓଡ଼ିଶାର ୩୦ ଗୋଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରୁ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରିଛି।

ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକରେ ଓସ୍ୱାସ୍‌ର ସୁଚାରୁ ବ୍ୟବହାର ଫଳରେ ଫାଇଲ୍ ପ୍ରକ୍ରିୟାକରଣ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଗତିଶୀଳତା ଆସିଛି। ଅଗଷ୍ଟ ମାସରେ ନବରଙ୍ଗପୁର କଲେକ୍ଟୋରେଟ୍‌ର ପ୍ରତିଷ୍ଠାନ ଶାଖା ୧,୭୪୪ଟି, ସାଧାରଣ ଓ ବିବିଧ ଶାଖା ୧,୨୪୧ଟି ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ୧,୧୦୮ଟି ଫାଇଲ୍ ପ୍ରକ୍ରିୟାକରଣ କରିଛନ୍ତି।

ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ମଧ୍ୟରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ପକ୍ଷରୁ ୧,୧୩୨ଟି, ସିଡିଏମ୍‌ଓ ଏବଂ ପିଏଚ୍‌ଓ କାର୍ଯ୍ୟାଳୟ ପକ୍ଷରୁ ୧,୦୩୪ଟି ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୬୮୮ଟି ଫାଇଲ୍ ପ୍ରକ୍ରିୟାକରଣ କରାଯାଇଛି।

ବ୍ଲକ୍ ସ୍ତରରେ ନବରଙ୍ଗପୁର ପଞ୍ଚାୟତ ସମିତି ୭୪୨ଟି, ଉମରକୋଟ ପଞ୍ଚାୟତ ସମିତି ୬୨୨ଟି ଏବଂ ନନ୍ଦାହାଣ୍ଡି ପଞ୍ଚାୟତ ସମିତି ୫୫୧ଟି ଫାଇଲ୍ ପ୍ରକ୍ରିୟାକରଣ କରିଛନ୍ତି। ତହସିଲ୍ ସ୍ତରରେ ଉମରକୋଟ ତହସିଲ୍ ୬୩୬ଟି, ନନ୍ଦାହାଣ୍ଡି ତହସିଲ୍ ୪୮୫ଟି ଏବଂ ଚନ୍ଦାହାଣ୍ଡି ତହସିଲ୍ ୪୧୪ଟି ଫାଇଲ୍ ପ୍ରକ୍ରିୟାକରଣ କରିଛନ୍ତି। ସେହିପରି ନବରଙ୍ଗପୁର ପୌରପାଳିକା ପକ୍ଷରୁ ୮୧୯ଟି ଫାଇଲ୍ ପ୍ରକ୍ରିୟାକରଣ କରାଯାଇଛି।

ଓସ୍ୱାସ୍ ବ୍ୟବସ୍ଥା ମାଧ୍ୟମରେ ସରକାରୀ ଫାଇଲ୍‌ର ଡିଜିଟାଲ୍ ଗତିବିଧି, ଫାଇଲ୍‌ର ସ୍ଥିତି ଅନୁଧ୍ୟାନ, ନିଷ୍ପତ୍ତି ପ୍ରକ୍ରିୟାର ତଦାରଖ ଏବଂ ସମୟୋପଯୋଗୀ କାର୍ଯ୍ୟ ସମ୍ପାଦନ ସୁନିଶ୍ଚିତ ହୋଇପାରୁଛି। ଏହା ଦ୍ୱାରା କାଗଜର ବ୍ୟବହାର ହ୍ରାସ ପାଇବା ସହିତ କାର୍ଯ୍ୟାଳୟରେ ପାରଦର୍ଶିତା, ଉତ୍ତରଦାୟିତ୍ୱ ଓ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଉଛି।

ଏହି ସଫଳତା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ. ମହେଶ୍ୱର ସ୍ୱାଇଁ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସରକାରୀ କାର୍ଯ୍ୟରେ ଓସ୍ୱାସ୍‌ର ସର୍ବାଧିକ ଓ ସୁଚାରୁ ବ୍ୟବହାର ଜାରି ରଖି ଫାଇଲ୍ ପ୍ରକ୍ରିୟାକରଣକୁ ଅଧିକ ତ୍ୱରିତ ଓ ଦକ୍ଷ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଓସ୍ୱାସ୍ ମାଧ୍ୟମରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଥିବା ଡେପୁଟି କଲେକ୍ଟର ସମିନା ଅଖତରୀ, ଡେପୁଟି କଲେକ୍ଟର ନିବେଦିତା ଶତପଥୀ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ସିଡିଏମ୍‌ଓ ଏଣ୍ଡ୍ ପିଏଚ୍‌ଓ ଡ. ପ୍ରଫୁଲ୍ଲ କୁମାର ପାଢ଼ୀ, ବିଡ଼ିଓ ନବରଙ୍ଗପୁର ସୁନୀଲ ଖରା, ବିଡ଼ିଓ ଉମରକୋଟ ମନୋଜ କୁମାର ମେହେର, ବିଡ଼ିଓ ନନ୍ଦାହାଣ୍ଡି ଖିରୋଦ ଚନ୍ଦ୍ର ସାହୁ, ତହସିଲଦାର ଉମରକୋଟ ମଘବାନ ବାଘ, ତହସିଲଦାର ନନ୍ଦାହାଣ୍ଡି ଚନ୍ଦ୍ର ଦାସ ମହାନନ୍ଦିଆ, ତହସିଲଦାର ଚନ୍ଦାହାଣ୍ଡି ସହଦେବ କୁଟୁକା ଏବଂ ନବରଙ୍ଗପୁର ପୌରପାଳିକାର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣଙ୍କୁ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି ଉପସ୍ଥିତ ରହି ର ସୁଚାରୁ ବ୍ୟବହାର ମାଧ୍ୟମରେ ସରକାରୀ କାର୍ଯ୍ୟରେ ଅଧିକ ଦକ୍ଷତା ଓ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଡିଜିଟାଲ୍ ପ୍ରଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ସରକାରୀ ସେବା ପ୍ରଦାନ ପ୍ରକ୍ରିୟାକୁ ଅଧିକ ତ୍ୱରିତ, ପାରଦର୍ଶୀ ଓ ଉତ୍ତରଦାୟୀ କରିବା ଦିଗରେ ଓସ୍ୱାସ୍‌ର ପ୍ରଭାବଶାଳୀ ବ୍ୟବହାର ଜାରି ରହିବ ବୋଲି ପ୍ରକାଶ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶ, ଜିଲ୍ଲା ବନଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସାକ୍ଷରତା ଦିବସ ପାଳିତ



ନବରଙ୍ଗପୁର, ୮।୯ (ଆନିସ):ନବରଙ୍ଗପୁର ଜିଲ୍ଲାରେ ସ୍ଥାନୀୟ ଆର.ସି.ଡି ନୋଡାଲ ଉଚ୍ଚ ବିଦ୍ୟାଳୟ ଆଜି 'ଉଲ୍ଲାସ' କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାସ୍ତରୀୟ ସାକ୍ଷରତା ଦିବସ ଗରିମା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ସମାଜର ପ୍ରତ୍ୟେକ ବର୍ଗଙ୍କୁ ସାକ୍ଷରତାର ସୁଯୋଗ ପ୍ରଦାନ, ଆଜୀବନ ଶିକ୍ଷାକୁ ପ୍ରୋତ୍ସାହନ ଏବଂ ନବରଙ୍ଗପୁରକୁ ଏକ ସମ୍ପୂର୍ଣ୍ଣ ସାକ୍ଷର ଜିଲ୍ଲା ଭାବେ ଗଢ଼ିତୋଳିବା ଦିଗରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏକାଡେମିକ୍) ଶ୍ରୀମତୀ ସୁପ୍ରିୟା ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ପ୍ରତିଷ୍ଠାନ) ଶ୍ରୀ ପ୍ରକାଶ ଚନ୍ଦ୍ର ମାହାଲିକ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ବ୍ଲକ୍ ନୋଡାଲ୍ ଅଧିକାରୀ, କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଅର୍ଡିନେଟର, ସ୍ୱେଚ୍ଛାସେବୀ ଶିକ୍ଷକ ଏବଂ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଶିକ୍ଷାର୍ଥୀମାନେ ଯୋଗଦେଇଥିଲେ।

ଉଲ୍ଲାସ କାର୍ଯ୍ୟକ୍ରମ ଅଧୀନରେ ଶିକ୍ଷାର୍ଥୀ ପଞ୍ଜୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ପଦାଧିକାରୀ ଓ କର୍ମକର୍ତ୍ତାମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସର୍ବାଧିକ ଶିକ୍ଷାର୍ଥୀ ପଞ୍ଜୀକରଣ ସୁନିଶ୍ଚିତ କରିବାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଡାବୁଗାଁ ବ୍ଲକ୍‌କୁ 'ଶ୍ରେଷ୍ଠ ବ୍ଲକ୍' ଭାବେ ସମ୍ମାନିତ କରାଯାଇଥିଲା। ଏଥିସହ ଡାବୁଗାଁର ଏବିଇଓ-ତଥା-ବ୍ଲକ୍ ନୋଡାଲ୍ ଅଧିକାରୀ ଶ୍ରୀ ଭଗବାନ ମାଝୀ ଏବଂ କୋଷାଗୁମୁଡ଼ା ବ୍ଲକ୍‌ର ବାଙ୍କୁଲି କ୍ଲଷ୍ଟରର ସିଆରସିସି ଶ୍ରୀ ବିବେକାନନ୍ଦ ସ୍ୱାଇଁଙ୍କୁ ସାକ୍ଷରତା ଅଭିଯାନରେ ସେମାନଙ୍କର ଉତ୍କୃଷ୍ଟ ଓ ନିଷ୍ଠାପୂର୍ଣ୍ଣ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, 'ଉଲ୍ଲାସ' କେବଳ ସାକ୍ଷରତା ଅର୍ଜନର ଏକ କାର୍ଯ୍ୟକ୍ରମ ନୁହେଁ ଏହା ଆଜୀବନ ଶିକ୍ଷା, ସଚେତନତା, ଆତ୍ମନିର୍ଭରତା ଓ ସାମାଜିକ ସଶକ୍ତିକରଣର ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ। ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ଶିକ୍ଷାର୍ଥୀଙ୍କୁ ଏହି ଅଭିଯାନ ସହ ଯୋଡ଼ିବା ପାଇଁ ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ, ଶିକ୍ଷକ, ସ୍ୱେଚ୍ଛାସେବୀ ଓ ସମୁଦାୟର ସମିଳିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

ଜିଲ୍ଲାରେ ସାକ୍ଷରତା ଅଭିଯାନକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିବା ସହ ନବରଙ୍ଗପୁରକୁ ସମ୍ପୂର୍ଣ୍ଣ ସାକ୍ଷର ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଓ ସହଭାଗିତା ଜାରି ରଖିବାକୁ ଏହି ଅବସରରେ ଆହ୍ୱାନ କରାଯାଇଥିଲା।

# କୋରାପୁଟରେ ରାଜ୍ୟସ୍ତରୀୟ ସାକ୍ଷରତା ଦିବସ,ଅସୁସ୍ଥତା ସତ୍ତ୍ୱେ ଭରଚୁଆଲରେ ଯୋଡ଼ି ହେଲେ ଗଣଶିକ୍ଷା ମନ୍ତ୍ରୀ



ଜୟପୁର,୮।୯ (ଆନିସ): କୋରାପୁଟ ମେଡିକାଲ କଲେଜ ଅଡିଟୋରିୟମରେ ରାଜ୍ୟସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ମାନବୃଦ୍ଧି ଓ ଗୁଣାତ୍ମକ ଶିକ୍ଷାର ପ୍ରସାର ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେବାକୁ ଥିବା ବେଳେ ଅସୁସ୍ଥତା କାରଣରୁ ଉପସ୍ଥିତ ହୋଇପାରି ନଥିଲେ। ତେବେ ମେଡିକାଲରୁ ଭରଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ମାନବୃଦ୍ଧି କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଅବିଭକ୍ତ କୋରାପୁଟ ଜିଲ୍ଲା ଗତ ଦିନରେ ଶିକ୍ଷା କ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରିଛି। ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପଦକ୍ଷେପ ଦିନକୁ ଦିନ ସଫଳତାର ପାହାଚ ଚଢ଼ୁଛି ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ କୋରାପୁଟ ମାଟିରେ ଆୟୋଜିତ ହୋଇଥିବାରୁ କୋରାପୁଟ ବିଧାୟକ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ୮ଟି ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିଥିବା ଅଧିକାରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଙ୍କ ସମେତ ଜନ ପ୍ରତିନିଧି ଓ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ାଉ ସମୟରେ ୯୦ ଲିଟର ଅବୈଧ ଦେଶୀ ମଦ ସହ ଦୁଇ ଗିରଫ

ମାଲକାନଗିରି,୮।୯ (ଆନିସ): ମଙ୍ଗଳବାର ଦିନ ନିୟମିତ ପାଟ୍ରୋଲିଂ ଡ୍ୟୁଟି ସମୟରେ ଜିଲ୍ଲା ମୋବାଇଲ୍ ୟୁନିଟ୍, ମାଲକାନଗିରି ପକ୍ଷରୁ ଚଢ଼ାଉ କରାଯାଇ ୨ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଚଢ଼ାଉ ସମୟରେ ୯୦ ଲିଟର ଅବୈଧ ଦେଶୀ ମଦ ଏବଂ ୨ଟି ମୋଟରସାଇକେଲ୍ ଜବତ କରାଯାଇଛି। ଏହି ଘଟଣାରେ ତ୍ରିନାଥ ଭୂମିଆ, ଦୁର୍ଗାଗୁଡ଼ି ସାହି, ମାଲକାନଗିରି ଏବଂ ୱାଗା ପାଡ଼ିଆମୀ ଗ୍ରାମ-ତାଣ୍ଡପାଲି ଙ୍କୁ ଗିରଫ କରାଯାଇ ମାନ୍ୟବର ଅଦାଲତରେ ହାଜର କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଶ୍ରୀ ବିଙ୍ଗରାଜ ଦାମୀ, ଅବକାରୀ ଶ୍ରୀ ଦୀନବନ୍ଧୁ ଶିରା, କନଷ୍ଟେବଲ୍ ଶ୍ରୀ ଜ୍ଞାନରଞ୍ଜନ ସାହୁ ଏବଂ ଶ୍ରୀ ପାଣ୍ଡବ ଟୁଡୁ ଅଂଶଗ୍ରହଣ କରିଥିଲେ। ଅବୈଧ ମଦ ପ୍ରସ୍ତୁତି, ପରିବହନ ଓ ବିକ୍ରୟ ବିରୋଧରେ ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗର ଏହିପରି ଚଢ଼ାଉ ଓ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

# ଚୋରି ଅଭିଯୋଗରେ ୪ ଗିରଫ

## ସୁନା, ରୁପା ଓ ନଗଦ ଟଙ୍କା ଜବତ

ଜୟପୁର,୮।୯ (ଆନିସ): ଘରେ ତାଲା ଭାଙ୍ଗି ଚୋରି ଅଭିଯୋଗରେ କୋରାପୁଟ ଟାଉନ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଣ୍ଟୁ ଡ଼ଙ୍ଗରି,ସୁରେଶ ବାଗରିଆ,ବିନାୟକ ତୁରୁକ ଓ ନିହାଲ ବାଘ ବୋଲି ଜଣା ପଡିଛି। ପୋଲିସ ସୂଚନା ଅନୁସାରେ, ମାଇନିଂ କଲୋନୀ ନିକଟ ବାଘ ପାର୍କ ଅଞ୍ଚଳର କୃଷ୍ଣ ମାଝୀଙ୍କ ଘରେ ସେପ୍ଟେମ୍ବର ୭ ତାରିଖ ଭୋର ପ୍ରାୟ ୨ ଟା ସମୟରେ ଚୋରି ହୋଇଥିଲା। ଘର ତାଲା ଭାଙ୍ଗି ଚୋରମାନେ ନଗଦ ୬ ହଜାର ଟଙ୍କା ସହ ଦୁଇଟି ସୁନା କାନଫୁଲ ନେଇଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ କୋରାପୁଟ ଟାଉନ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତମାନେ ଘଟଣାସ୍ଥଳ ନିକଟରେ ଏକାଠି ହୋଇଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ଚଢ଼ାଉ କରି ୪ ଜଣଙ୍କୁ ଧରିବା ସହ ଦୁଇଟି ସୁନା କାନଫୁଲ ଓ ଦୁଇଟି ରୁପା ପାଦ ମୁଦି ଉଦ୍ଧାର କରାଯାଇଛି। ୪ ଅଭିଯୁକ୍ତ ଙ୍କୁ ଘଟଣା ସ୍ଥଳକୁ କୁ ନେଇ ସ୍କ୍ରିନ ରୀକ୍ରେସନ କରିଛି। ସେମାନଙ୍କ ଠାରୁ ଚୋରି ସାମଗ୍ରୀ ସହ ଗୋଟିଏ ଲୁହା ଖଣ୍ଡା ମଧ୍ୟ ଜବତ ହୋଇଛି।ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି ।



# ଏମଭି-୭୯ରେ ମିନି ବସଷ୍ଟାଣ୍ଡ ଦାବି, ମନ୍ତ୍ରୀଙ୍କ ସହ ଭିଡିଓ କନଫରେନ୍ସରେ ଆଲୋଚନା



କାଲିମେଳା, ୮।୯ (ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୯ (ରାମନଗର) ଠାରେ ମିନି ବସଷ୍ଟାଣ୍ଡ ନିର୍ମାଣ ଦାବି ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ସହ ଅଞ୍ଚଳବାସୀ ଭିଡିଓ କନଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି । ସୂଚନା ଅନୁସାରେ, ଏମଭି-୭୯ ର ଯୁବକ ସୁରଜ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଦାବି ଉପସ୍ଥାପନ କରାଯାଇଥିଲା । ଜାତୀୟ ରାଜପଥ-୩୨୬ କଡ଼ରେ ଥିବା ଏମଭି-୭୯ ଏକ ପ୍ରମୁଖ ବାଣିଜ୍ୟିକ ଓ ଯାତାୟାତ କେନ୍ଦ୍ର । ଏଠାରେ ସ୍ଥାୟୀ ବସଷ୍ଟାଣ୍ଡ ନଥିବାରୁ ବସ୍ ଗୁଡ଼ିକ ରାସ୍ତା କଡ଼ରେ ରହୁଛି, ଫଳରେ ଯାତାୟାତରେ ବାଧା ଓ ଦୁର୍ଘଟଣା ଆଶଙ୍କା ରହୁଛି । ଯାତ୍ରୀ ପ୍ରତୀକ୍ଷାଳୟ ଓ ମୁଖ୍ୟ ଛକରେ ଡ୍ରେନେଜ ବ୍ୟବସ୍ଥାର ଉନ୍ନତି ପାଇଁ ମଧ୍ୟ ଦାବି ହୋଇଛି । ଏହାର ଜବାବରେ ମନ୍ତ୍ରୀ ଏମଭି-୭୯ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୋଲି କହିବା ସହ କାଲିମେଳାରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଚାଲିଛି ଓ ଏମଭି-୭୯ ପାଇଁ ବିଭାଗୀୟ ସର୍ଭେ ପରେ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଭିଡିଓ କନଫରେନ୍ସରେ ପଲ୍ଲୀମଙ୍ଗଳ କମିଟି ସମ୍ପାଦକ ସଲିଲ ଆଇଚ, ସଞ୍ଜୟ ଦାଶ, ଶଶାନ ସାନା, ସନ୍ଦୀପ ହାଲଦାର, ପ୍ରହଲ୍ଲାଦ ଦାସ, ଗୁଲୁମ କର ପ୍ରମୁଖ ଯୋଗ ଦେଇଥିଲେ । ମନ୍ତ୍ରୀଙ୍କ ଆଶ୍ୱାସନା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି ।

# ଗଜପତି ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ



ପାରଳାଖେମୁଣ୍ଡି,୮।୯ (ଆନିସ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନିନ୍ଦ୍ର ହୋନନାଗା , ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀ କରିଥିଲେ। ଆଜିର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ- ୭୭ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୬୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୦ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍? କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋର ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

# ସବଜେଲରେ କଏଦୀଙ୍କ ମୃତ୍ୟୁ ପରେ ଜେଲରେ ଉତ୍ତେଜନା ସ୍ଥାୟୀ ଡାକ୍ତର ଓ ଫାର୍ମାସିଷ୍ଟ ନିଯୁକ୍ତି ଦାବି



ପାରଳାଖେମୁଣ୍ଡି,୮।୯ (ଆନିସ): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସବଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ପରେ ଜେଲ ପରିସରରେ କଏଦୀମାନଙ୍କ ତରଫରୁ ଉତ୍ତେଜନା ପ୍ରକାଶ ପାଇଛି. ପାରଳା ସବଜେଲରେ ସରକାରୀ ନିୟମ ଅନୁଯାୟୀ ଜଣେ ବିଶେଷଜ୍ଞ ଡାକ୍ତର ଓ ଜଣେ ଫାର୍ମାସିଷ୍ଟ ରହିବା କଥା. ହେଲେ ବହୁ ବର୍ଷ ହେବ ଏହି ୨ ଗୋଟି ପଦବୀ ଖାଲି ପଡିଛି. ଯଦ୍ୱାରା ଜେଲ ପରିସରରେ କଏଦୀମାନଙ୍କ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ କାହାର ସଠିକ ଭାବେ ଚିକିତ୍ସା କରାଯାଇପାରୁନାହିଁ. କଏଦୀ ଅବସ୍ଥା ଜେଲରେ ଗୁରୁତର ହେଲେ ପାରଳାଖେମୁଣ୍ଡି ଜିଲ୍ଲା ଡାକ୍ତରଖାନାକୁ ନିଆଯାଉଛି. ଏଭଳି ଅବହେଳା ଯୋଗୁଁ କଏଦୀଙ୍କ ଅହେତୁକ ମୃତ୍ୟୁ ଘଟୁଛି ବୋଲି ସବଜେଲ ପରିସରରେ ରହୁଥିବା କଏଦୀମାନେ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ସ୍ଥାୟୀ ଡାକ୍ତର ଫାର୍ମାସିଷ୍ଟ ନିଯୁକ୍ତି ଦାବି କରିଛନ୍ତି. ଗତକାଲି ଜେଲରେ ରହୁଥିବା ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିବା ପରେ ଗଜପତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପାରଳା ତହସିଲଦାର ନାରାୟଣ ବେହେରା ଗତକାଲି ଅପରାହ୍ନରେ ସବଜେଲର ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି. ସେହିଭଳି ଜେଲ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଜେଲରୁ ସିନିୟର ସୁପରଟେଣ୍ଟ ବୀରେନ୍ଦ୍ର ନାଥ ବାରିକ ପାରଳା ସବଜେଲ ପରିସରରେ ପହଞ୍ଚି ସବୁକିଛି ଅନୁଧ୍ୟାନ କରିଥିଲେ. ଏହି ସମୟରେ ଜେଲରେ ରହୁଥିବା କଏଦୀମାନେ ତୁରନ୍ତ ସ୍ଥାୟୀ ଡାକ୍ତର ଓ ଫାର୍ମାସିଷ୍ଟ ନିଯୁକ୍ତି ଦାବି କରିଥିଲେ. ସିନିୟର ସୁପରଟେଣ୍ଟ ଏହି ଦାବିକୁ ଜେଲ କର୍ତ୍ତୃପକ୍ଷଙ୍କ ଠାରେ ଉପସ୍ଥାପନା କରି ବିହିତ ପଦକ୍ଷେପ ଗ୍ରହଣ ପାଇଁ ନିବେଦନ କରି ବୋଲି କଏଦୀଙ୍କୁ ପ୍ରତିଶୃତି ଦେଇଥିଲେ. ବର୍ତ୍ତମାନ ପାରଳାଖେମୁଣ୍ଡି ସବଜେଲରେ ୩୦୨ ଜଣ କଏଦୀ ବିଚାରାଧୀନ କଏଦୀ ଭାବେ ରହୁଥିବା ପାରଳା ସବଜେଲ ସୁପରଟେଡେଣ୍ଟ କାମାକ୍ଷୀ ପ୍ରସାଦ ସୂଚନା ଦେଇଛନ୍ତି ।

# ମାଲକାନଗିରି ଜିଲ୍ଲା ପରିଷଦର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ପ୍ରକଳ୍ପ କାର୍ଯ୍ୟର ମାନ ଓ ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ମାଲକାନଗିରି,୮।୯ (ଆନିସ): ଆଜି ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାର ସମସ୍ତ ଉନ୍ନୟନମୂଳକ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଜିଲ୍ଲାର ସମସ୍ତ ୭ଟି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏହି ବୈଠକରେ ଜିଲ୍ଲା ପରିଷଦ ଅଧୀନରେ ଚାଲିଥିବା ଗ୍ରାମୀଣ ଭିତ୍ତିଭୂମି, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ନିର୍ମାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ନିର୍ଦ୍ଦିଷ୍ଟ ବ୍ଲକୱାରୀ ବିସ୍ତୃତ ଆଲୋଚନା କରାଯାଇଥିଲା। ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ଗାଁର ଶେଷ ଧାଡ଼ିରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ସୁଚାରୁରୂପେ ପହଞ୍ଚିପାରିବ ଏବଂ କୌଣସି ଯୋଗ୍ୟ ହିତାଧିକାରୀ ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ସଜାଗ ରହି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସମସ୍ତ ବିଡ଼ିଓ ଓ କ୍ଷେତ୍ରୀୟ କର୍ମଚାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ, ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ କାର୍ଯ୍ୟର ମାନ ଓ ସ୍ୱଚ୍ଛତା ବଜାୟ ରଖିବାକୁ ସିଡିଓ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ବିକାଶମୂଳକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ ଓ ପ୍ରତିଯୋଗିତାମୂଳକ କରିବା ପାଇଁ ଆଗାମୀ ସମୀକ୍ଷା ବୈଠକରେ ପ୍ରତ୍ୟେକ ବ୍ଲକର ବିଡ଼ିଓ ସେମାନଙ୍କ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିବା ଗୋଟିଏ ଲେଖାଏଁ ଶ୍ରେଷ୍ଠ ଓ ଅଭିନବ ପ୍ରକଳ୍ପ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସରକାରୀ ଯୋଜନାର ସଫଳ ରୂପାୟନ ମାଧ୍ୟମରେ ମାଲକାନଗିରି ଜିଲ୍ଲାର ପ୍ରତ୍ୟେକ ଗ୍ରାମାଞ୍ଚଳରେ ବିକାଶ ପ୍ରକ୍ରିୟାକୁ ଆହୁରି ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ୮୩ତମ ଜିଲ୍ଲା ପରିଷଦ ବୈଠକ: ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

## ରାସ୍ତା ଓ ସେତୁ ବିକାଶ ସହ ଶିକ୍ଷା, ଛାତ୍ରାବାସ ଓ ପାନୀୟଜଳ ସମସ୍ୟାର ତ୍ୱରିତ ସମାଧାନ ଉପରେ ଆଲୋଚନା



ରାୟଗଡା ,୮।୯ (ଆନିସ): ରାୟଗଡ଼ା ଜିଲ୍ଲା ପରିଷଦର ୮୩ତମ ଜିଲ୍ଲା ପରିଷଦ ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗ ଅଧୀନରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯିବା ସହ ଶିକ୍ଷା, ରାସ୍ତା ଓ ସେତୁ, ପାନୀୟଜଳ, ଛାତ୍ରାବାସ, ପରିମଳ ଓ ଜନସେବା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି, ମାନ୍ୟବର ବିଧାୟକ ରାୟଗଡ ଶ୍ରୀ କାଡ୍ରାକା ଆପାଲା ସ୍ୱାମୀ, ମାନ୍ୟବର ବିଧାୟକ ବିଷମକଟକ ଶ୍ରୀ ନୀଳମାଧ ହିକକା, ମାନ୍ୟବର ବିଧାୟକ ଗୁଣପୁର ଶ୍ରୀ ସତ୍ୟଜିତ ଗମାଙ୍ଗୋ, ମାନ୍ୟବର ସାଂସଦ ପ୍ରତିନିଧି ଶ୍ରୀ ଦୁର୍ଗାପ୍ରସାଦ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ଜନପ୍ରତିନିଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିକାଶ କାର୍ଯ୍ୟର ସ୍ଥିତି ଓ ଭବିଷ୍ୟତ କାର୍ଯ୍ୟଯୋଜନା ଉପରେ ମତବିନିମୟ କରିଥିଲେ।

ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ସମୟରେ ଜିଲ୍ଲାରେ ଲୋକଙ୍କୁ ଉନ୍ନତ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗରେ ମାନବ ସମ୍ବଳ/କର୍ମଚାରୀ ନିଯୁକ୍ତି ଏବଂ ରୋଗୀଙ୍କୁ ଅନାବଶ୍ୟକ ଭାବେ ଅନ୍ୟ ଜିଲ୍ଲାକୁ ରେଫର ନକରି, ଜିଲ୍ଲା ମଧ୍ୟରେ ସମ୍ଭବ ସମସ୍ତ ଚିକିତ୍ସାସେବା ଯୋଗାଇବା ଉପରେ ଆଲୋଚନା ହୋଇଥିଲା। ଏଥିସହ ଖାଦ୍ୟ ନିରୀକ୍ଷଣ କାର୍ଯ୍ୟକୁ ଅଧିକ ସକ୍ରିୟ କରିବା ଏବଂ ଜନସାଧାରଣଙ୍କୁ ନିରାପଦ ଓ ଗୁଣାତ୍ମକ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସର ଉପଲବ୍ଧତା ଓ ତ୍ୱରିତ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବା, ସିଏଚ୍‌ସି ଗୁଡ଼ିକର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଆବଶ୍ୟକ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ଏହା ସହ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଓ ସମୟୋପଯୋଗୀ କରିବା ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଟିକା ସମୟୋପଯୋଗୀ ଭାବେ ପହଞ୍ଚାଇବା ଓ ବଣ୍ଟନ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

ରାୟଗଡ଼ ଆର୍ ଏଣ୍ଡ ବି ବିଭାଗ ଅଧୀନରେ ରାସ୍ତା ଓ ସେତୁ ଭିତ୍ତିଭୂମିର ବିକାଶ ସମ୍ପର୍କରେ ବୈଠକରେ ବିସ୍ତୃତ ତଥ୍ୟ ଉପସ୍ଥାପିତ ହୋଇଥିଲା। – ଅଧୀନରେ ମୋଟ ୫୧୧.୫୮୦ କି.ମି. ରାସ୍ତା ରହିଥିବା ବେଳେ ଆର୍ ଏଣ୍ଡ ବି ଡିଭିଜନ-୧ ଅଧୀନରେ ମୋଟ ୪୪୧.୨୦୯ କି.ମି. ରାସ୍ତା ରହିଛି। ବୈଠକରେ ଗୁଣୁପୁର-ପୁଟସିଂ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ, ପାରଳାଖେମୁଣ୍ଡି ବର୍ଡର-ବାଙ୍ଗି ଜଙ୍କସନ ରାସ୍ତାର ୪-ଲେନ୍ କାର୍ଯ୍ୟ, ବିଷମକଟକ-କୁଟ୍ରାଗଡ଼ ରାସ୍ତା ଏବଂ ଡୁକୁମ-ଦୁର୍ଗୀ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଅଗ୍ରଗତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଜିଲ୍ଲା ଶିକ୍ଷା ବିଭାଗର ସମୀକ୍ଷା ସମୟରେ ଆଗାମୀ ବୋର୍ଡ ପରୀକ୍ଷାରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଏ-୧ ଓ ଏ-୨ ଗ୍ରେଡ୍‌ରେ ସଫଳ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଦର୍ଶନରେ ଉନ୍ନତି ପାଇଁ ବିଦ୍ୟାଳୟସ୍ତରରେ ଅତିରିକ୍ତ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ବିଶେଷକରି ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଅତିରିକ୍ତ କ୍ଲାସ୍ ଆୟୋଜନ କରାଯାଉଥିବା ନେଇ ବୈଠକରେ ଅବଗତ କରାଯାଇଥିଲା। ବିଦ୍ୟାଳୟଗୁଡ଼ିକରେ ପାନୀୟଜଳ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ସଚେତନତା ଅଭିଯାନ, ସିସିଟିଭି ସ୍ଥାପନ, ଛାତ୍ରାବାସର ସୁରକ୍ଷା ଏବଂ ନିୟମିତ ଅଭିଭାବକ-ଶିକ୍ଷକ ମିଟିଂ ଆୟୋଜନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପୁରୁଷ ଛାତ୍ରାବାସଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ୱାର୍ଡେନ୍ ନିଯୁକ୍ତି ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ସହଯୋଗରେ କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରାବାସରେ ଶୌଚାଳୟ ଓ ପରିମଳ ବ୍ୟବସ୍ଥାର ଉନ୍ନତି, ଆବଶ୍ୟକ ମରାମତି ଓ ଭିତ୍ତିଭୂମିର ସୁଧାର ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଥିଲା।

ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗର କାର୍ଯ୍ୟ ସମୀକ୍ଷା ସମୟରେ ବିଭିନ୍ନ ଅଞ୍ଚଳରେ ପାନୀୟଜଳ ସମସ୍ୟା ଓ ଏହାର ତୁରନ୍ତ ସମାଧାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜଳସଙ୍କଟ ଦେଖାଦେଉଥିବା ଅଞ୍ଚଳରେ ତ୍ୱରିତ ପଦକ୍ଷେପ, ଆବଶ୍ୟକସ୍ଥଳରେ ବୋରୱେଲ୍ ସ୍ଥାପନ ଏବଂ ନିରନ୍ତର ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା ଉପରେ ବିଭାଗକୁ ପ୍ରାଥମିକତା ଦେବା ପାଇଁ ଆଲୋଚନା କରାଯାଇଥିଲା।

ବୈଠକରେ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଚାଲୁଥିବା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ, ଗୁଣବତ୍ତା ସହିତ ସମ୍ପନ୍ନ କରିବା ସହ ସରକାରୀ ଯୋଜନା ଓ ଜନକଲ୍ୟାଣମୂଳକ ସେବାର ସୁଫଳ ଜିଲ୍ଲାର ଶେଷ ସୀମାରେ ଥିବା ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ପଞ୍ଚାୟତସ୍ତରୀୟ ଜନ ଶୁଣାଣିରେ ୫୦ ଅଭିଯୋଗ



ଜଳ, ଆବାସ ଗୃହ ଭଳି ବିଭିନ୍ନ ସମସ୍ୟା ନେଇଁ ସାରଙ୍ଗଡ଼ ର ୫୦ ଟି ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ ଗୁରୁତ୍ବ ସହ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅତି ଶ୍ରୀଘ୍ର ତଦନ୍ତ କରି ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ଯୋଜନା ର ସୁଫଳ ପ୍ରତ୍ୟେକ ଯୋଗ୍ୟ

କ.ନୂଆଗାଁ,୮।୯(ଆନିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକର ସାରଙ୍ଗଡ଼ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସାରଙ୍ଗଡ଼ ସରପଞ୍ଚ ବରୁଣ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଶୁଣାଣିରେ କ.ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନଙ୍କୁ ଅଭିଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ଏବିଡିଓ ପ୍ରିୟଦର୍ଶିନୀ ମଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୋଭମ ମହାପାତ୍ର, ତହସିଲଦାର ସମୀର କୁମାର ପାଇକରାୟ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୁରୁମାଝୀ ପତ୍ରା, କନିଷ୍ଠ ଯନ୍ତ୍ରୀ ଜିତ ପାଟ ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ବୟଂସିଦ୍ଧା ଦାସ , ଏପିଓ ତ୍ରିନାଥ ନାଏକଙ୍କ ସହ ବ୍ଲକର ବିଭିନ୍ନ ବିଭାଗ ର ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ସମସ୍ୟା ଯଥା ଭତ୍ତା, ରାସନ୍ କାର୍ଡ, ରାସ୍ତା,ପାନୀୟ ଲୋକଙ୍କ ପାଖରେ ପହଞ୍ଚାଇବା ଓ ଗ୍ରାମାଞ୍ଚଳ ର ସମସ୍ୟା କୁ ପ୍ରାଥମିକତା ଭିତ୍ତିରେ ସମାଧାନ କରାଯିବ ବୋଲି କହିଛନ୍ତି । ଶିବିରରେ ସ୍ଥାନୀୟ ଜନସାଧାରଣ ସହ ବହୁ ସଂଖ୍ୟକ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିବା ବେଳେ ଅଞ୍ଚଳ ର ସମାଜସେବୀ ବସନ୍ତ କୁମାର ପୂଜାରି ଜନସାଧାରଣ ଙ୍କ ଅଭିଯୋଗ ଶୁଣାଣି ରେ ସାହଯ୍ୟ କରିଥିଲେ ।

# ଦୁଇ ସାଂସଦ ନର୍ଲା ପ୍ରତି ଅଣଦେଖା କରୁଥିବା ଅଭିଯୋଗ ଆଣିଲା କଂଗ୍ରେସ

ନର୍ଲା,୮।୯(ଆନିସ): କଳାହାଣ୍ଡି ଜିଲ୍ଲାର ଲୋକସଭା ସାଂସଦ ମାଳବିକା ଦେବୀ ଓ ରାଜ୍ୟସଭା ସାଂସଦ ସୁଜିତ କୁମାର ସେଠ ନର୍ଲାକୁ ଅଣଦେଖା କରୁଥିବା କଂଗ୍ରେସର ଜିଲ୍ଲା ସାଧାରଣ ସମ୍ପାଦକ ନୀରଜ ଶର୍ମା ପ୍ରକାଶ କରିଛନ୍ତି। ଓଡିଶାରେ ଡବଲ ଇଞ୍ଜିନ ସରକାର ଆସିଲେ ଓଡିଶାରେ ସବୁ ସୁବିଧା ହେବ। ଓଡିଶାକୁ ବିଜେପି ଉଦ୍ଧାର କରିବ। ୩୦୦ ୟୁନିଟ ବିଜୁଳି ମାଗଣା ମିଳିବ। ବାର୍ଦ୍ଧକ୍ୟ ଭତ୍ତା ୩,୫୦୦ କୁ ବୃଦ୍ଧି ପାଇବ। ଓଡିଶା ବାସୀଙ୍କୁ ଆଉ ଆର୍ଥିକ ଅନାଟନ ଦେଇ ଗତି କରିବାକୁ ପଡିବ ନାହିଁ। ହେଲେ କେନ୍ଦ୍ର ଆଉ ରାଜ୍ୟ ବିଜେପି ସରକାର ଲୋକଙ୍କୁ ଭୁଆଁ ବୁଲାଇ, ଲଲିପପ୍ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗ ଆଣିଛନ୍ତି ଶ୍ରୀ ଶର୍ମା। ଗତ ବିଜେଡି ରାଜ୍ୟ ସରକାର ନବୀନ ପଟ୍ଟନାୟକଙ୍କ ସମୟରେ ରାଜ୍ୟ ସଭା ସାଂସଦରେ ରହିଲେ ସୁଜିତ ସେଠ। କଳାହାଣ୍ଡିର ଲୋକ ହୋଇ ସେ ସମୟରେ ମଧ୍ୟ କଳାହାଣ୍ଡି କିମ୍ବା ନର୍ଲା ପାଇଁ କିଛି କଲେ ନାହିଁ। ବିଜେଡି ସରକାରରେ ସୁଜିତ କୁମାରଙ୍କ ମୁଖା ଖୋଲିଯିବା ପରେ ବିଜେପିର ଶରଣାପନ୍ନ ହୋଇ ଦଳୀୟ ମୁରବିଙ୍କୁ ମନାଇ କରି ପୁଣି ରାଜ୍ୟ ସଭା ଗଲେ। ଏବେ ରାଜ୍ୟସଭା ସାଂସଦ ରହିଛନ୍ତି ହେଲେ କଳାହାଣ୍ଡିର ବିକାଶ, ନର୍ଲାର ବିକାଶ ପାଇଁ କୌଣସି ଆନ୍ତରିକତା ନାହିଁ। ବାରମ୍ବାର କେନ୍ଦ୍ର ସରକାର, ରେଳବାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଥକି ପଡିଥିଲେ ମଧ୍ୟ ନର୍ଲାରୋଡ ରେଳ ଷ୍ଟେସନ ଓ ରୁପ୍ରାରୋଡ ରେଳ ଷ୍ଟେସନରେ କୋଭିଡ ପୂର୍ବରୁ ଷ୍ଟପେଜ ରହିଆସିଥିବା ଏକ୍ସପ୍ରେସ ଟ୍ରେନ ଗୁଡିକର ରହଣୀ ଆଉ ଦିଆଗଲା ନାହିଁ। ଏହାକୁ ନେଇ ୧୧ ଅପ୍ରେଲ ୨୦୨୨ରେ ରୁପ୍ରାରୋଡ ରେଳ ଷ୍ଟେସନରେ ରୁପ୍ରାରୋଡ ରେଳଯାତ୍ରୀ ସୁରକ୍ଷା ସଂଘ ତରଫରୁ ରେଳରୋକ ଆନ୍ଦୋଳନ ହୋଇଥିଲା। ସେହିଭଳି ୧ ଜୁଲାଇ ୨୦୨୬ରେ ନର୍ଲା ସ୍ୱାଭିମାନ ମଞ୍ଚ ତରଫରୁ ନର୍ଲାରୋଡ ରେଳ ଷ୍ଟେସନରେ ରେଳରୋକ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନ କାରୀ ଅଞ୍ଚଳ ବାସୀଙ୍କୁ କେବଳ ଆଶ୍ୱାସନା ଦିଆଗଲା ହେଲେ ଟ୍ରେନ ଷ୍ଟପେଜ ଦିଆଗଲା ନାହିଁ। ଏହି ଆନ୍ଦୋଳନରେ କଂଗ୍ରେସର ତୁଙ୍ଗ ନେତା, କର୍ମୀ, ବିଜେଡିର ନେତା ଓ କର୍ମୀ ମାନେ ସାମିଲ ରହି ଅଞ୍ଚଳର ଜନ ସାଧାରଣଙ୍କ ପାଇଁ ଲଢେଇ କଲେ ହେଲେ ଏଥିରେ ବିଜେପିର କୌଣସି ନେତା କିମ୍ବା କର୍ମୀଙ୍କ ଦେଖା ମିଳିଲା ନାହିଁ। ଶେଷରେ ଆନ୍ଦୋଳନକାରୀ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କୁ ସାକ୍ଷାତ କରି ନର୍ଲା ଅଞ୍ଚଳବାସୀଙ୍କ ପାଇଁ ଗୁହାରୀ କଲେ ଲୋକଙ୍କ ମୁଖ୍ୟ ଦାବୀ ରହିଥିବା ବିଶାଖାପାଟନମ– ନିଜାମୁଦ୍ଦୀନ ଏକ୍ସପ୍ରେସ ଟ୍ରେନର ନର୍ଲାରୋଡ ଓ ରୁପ୍ରାରୋଡ ଷ୍ଟେସନରେ ରହଣୀ ନିମନ୍ତେ। ହେଲେ ପୁଣି ନିରାଶ ହେଲେ ଅଞ୍ଚଳ ବାସୀ। ରାଜ୍ୟ ଓ କେନ୍ଦ୍ର ବିଜେପିର ଏତାଦୃଶ ଆଭିମୁଖ୍ୟ ଦେଖି କଳାହାଣ୍ଡିର ଦୁଇ ସାଂସଦ ମାଳବିକା ଦେବୀ ଓ ସୁଜିତ କୁମାର ସେଠଙ୍କୁ ଆକ୍ଷେପ କରିଛନ୍ତି ଜିଲ୍ଲା କଂଗ୍ରେସର ଶ୍ରୀ ଶର୍ମା। କଳାହାଣ୍ଡି ଜିଲ୍ଲାରେ କଂଗ୍ରେସର ଜନ ସମର୍ଥନକୁ ଦେଖି ନର୍ଲା ଅଞ୍ଚଳର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ମଧ୍ୟ ଅଣଦେଖା କରୁଛନ୍ତି ଦୁଇ ସାଂସଦ। ଏହାକୁ ମଧ୍ୟ ରାଜନୀତିକରଣ କରି ସବୁ ପ୍ରାଧାନ୍ୟ କଂଗ୍ରେସ ନେଇଯିବ ବୋଲି ଭୟରେ ନର୍ଲାରୋଡ ଓ ରୁପ୍ରାରୋଡ ଷ୍ଟେସନରେ ସମତା ସୁପର ଫାଷ୍ଟ ଏକ୍ସପ୍ରେସ ଷ୍ଟପେଜ କରେଇ ଦେଉନଥିବା କହିଛନ୍ତି । କୁଆଡେ ଏବେ ଜିଲ୍ଲାରେ କଂଗ୍ରେସର ଦବଦବା ବଢି ଚାଲିଥିବା ବେଳେ କଂଗ୍ରେସ ଦଳକୁ ଚେକମେଣ୍ଟ ଦେବାପାଇଁ କଳାହାଣ୍ଡିର ଦୁଇ ସାଂସଦ ଏଭଳି ହୀନ ରାଜନୀତି କରୁଥିବା ଶ୍ରୀ ଶର୍ମା ପ୍ରକାଶ କରିଛନ୍ତି। ଏହା ବାଦ ନର୍ଲାରେ ଲୋକୋମୋଟିଭ କାରଖାନା ନିର୍ମାଣ ନିମନ୍ତେ ତତ୍କାଳୀନ ସାଂସଦ ବସନ୍ତ ପଣ୍ଡା ୫ ବର୍ଷ ମଧ୍ୟରେ ତିନିଥର ନଡିଆ ଭାଙ୍ଗି ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ବର୍ତ୍ତମାନର ସାଂସଦ ମାଳବିକା ଦେବୀ ଥରେ ନଡିଆ ଭାଙ୍ଗି ସାରିଲେଣି। ଏବଂ ଗତ ଦୁଇ ବର୍ଷ ତଳେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆଭାସି ମାଧ୍ୟମରେ ଭିତ୍ତି ପ୍ରସ୍ତର ସ୍ଥାପନା କଲେ। ଯାହାକୁ ନେଇ ନର୍ଲାରୋଡ ରେଳ ଷ୍ଟେସନରେ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଆରଏମଙ୍କ ସହ ତତ୍କାଳୀନ ସାଂସଦ ବସନ୍ତ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଏଥିପାଇଁ ଜମି ଅଧିଗ୍ରହଣ ସରି ସାରିଥିଲେ ମଧ୍ୟ କାର୍ଯ୍ୟପନ୍ଥା ଶୂନ୍ୟ। କଳାହାଣ୍ଡିର ବିକାଶରେ ବାଧକ ସାଜିଛନ୍ତି ଦୁଇ ସାଂସଦ। କେନ୍ଦ୍ର ସରକାର ନର୍ଲାର ଲୋକୋମୋଟିଭ କାରଖାନା ଲିଜ ଆଦାନୀଙ୍କୁ ଦେଇ ଦେବାର ଯୋଜନାରେ ନାହାଁନ୍ତି ତ ? କେବେ ହେବ ନର୍ଲାରେ ଲୋକୋମୋଟିଭ କାରଖାନା ଓ କେବେ ନର୍ଲା ଏବଂ ରୁପ୍ରାରୋଡ ଷ୍ଟେସନରେ ସମତା ସୁପରଫାଷ୍ଟ ଏକ୍ସପ୍ରେସ ରହିବ। ଏହାର ଉତ୍ତର ରଖନ୍ତୁ କଳାହାଣ୍ଡିର ଦୁଇ ସାଂସଦ ବୋଲି ଶ୍ରୀ ଶର୍ମା କହିଛନ୍ତି। କଳାହାଣ୍ଡି ତଥା ନର୍ଲାର ଲୋକଙ୍କ ସ୍ୱାର୍ଥକୁ ନେଇ ଲୋକଙ୍କ ପାଇଁ କାମ କରୁଛି କଂଗ୍ରେସ। ଏଣୁ କଂଗ୍ରେସକୁ ବ୍ୟାକଫୁଟକୁ ଠେଲିବା, ନର୍ଲା ଲୋକଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବାକୁ ମଧ୍ୟ ପଛାଉ ନାହାଁନ୍ତି କଳାହାଣ୍ଡିର ଦୁଇ ସାଂସଦ ବୋଲି ଶ୍ରୀ ଶର୍ମା କହିଛନ୍ତି।

# ବିଡ଼ିଓଙ୍କ ମନମୁଖୀକୁ ବିରୋଧ : କୁନ୍ଦୁରା ପଞ୍ଚାୟତ ସମିତି ବୈଠକଙ୍କୁ ସାମ୍ବାଦିକ ସଙ୍ଘର ବର୍ଜନ

କୁନ୍ଦୁରା,୮।୯(ଆନିସ):ଆଜି କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ବୈଠକ କକ୍ଷ୍ୟରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କୁନ୍ଦୁରା ବ୍ଲକ ସାମ୍ବାଦିକ ସଙ୍ଘ ବର୍ଜନ କରିଛି । ବର୍ଷକୁ ମାତ୍ର ୨ ଥର ପ୍ରସ୍ତୁତ ହେଉଥିବା ଏହି ପଞ୍ଚାୟତ ସମିତି ବୈଠକରେ ସ୍ଥାନୀୟ ବିଧାୟକ, ଜିଲ୍ଲାପରିଷଦ ସଭ୍ୟ ସଭ୍ୟା, ସମସ୍ତ ସମିତି ସଭ୍ୟ ସଭ୍ୟା,ସମସ୍ତ ସରପୋଞ୍ଚ ଏବଂ ବ୍ଲକ ଭିତରେ ରହିଥିବା ସମସ୍ତ ସରକାରୀ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସାମ୍ବାଦିକଙ୍କୁ ମଧ୍ୟ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ରହିବା ପାଇଁ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଥିଲା। ହେଲେ ଡକାଯାଇଥିବା ସାମ୍ବାଦିକଙ୍କ ବସିବା ପାଇଁ ଗୋଟିଏ ବି ଚେୟାର କିମ୍ବା ଟେବୁଲ ଖଣ୍ଡେର ବ୍ୟବସ୍ଥା କରାଯାଇ ନଥିଲା। ଏହି ଘଟଣା ଆଜିର ପ୍ରଥମ ନୁହଁ। ବର୍ତ୍ତମାନ କୁନ୍ଦୁରା ବ୍ଲକରେ ବିଡ଼ିଓ ଦାୟିତ୍ୱ ଗ୍ରହଣ କରିବା ପର ଠାରୁ ଏହିଭଳି ଅବ୍ୟବସ୍ଥା ବାରମ୍ବାର ହୋଇଚାଲିଛି। ଏହି ଅବ୍ୟବସ୍ଥାକୁ ସାମ୍ବାଦିକ ଗତ ଦିନରେ ସଙ୍ଘର ନିଜସ୍ୱ ଲେଟର ପେଡ୍‌ରେ ଉଲ୍ଲେଖ କରି ବିଡ଼ିଓଙ୍କୁ ସଚେତନ କରାଇଥିଲେ। କିନ୍ତୁ ବିଡ଼ିଓ ନିଜ ଆତ୍ମଗର୍ବ ଓ ଅହଂକାରରେ ଆଜିର ପଞ୍ଚାୟତ ସମିତି ବୈଠକ ରେ ବି ସାମ୍ବାଦିକ ଙ୍କୁ ଡାକି ବସିବା ବ୍ୟବସ୍ଥା ଜାଣିଶୁଣି କରିନଥିବା ସାମ୍ବାଦିକ ସଙ୍ଘ ଅଭିଯୋଗ କରିଛି ।

ଆଜିର ପଞ୍ଚାୟତ ସମିତି ବୈଠକ କାର୍ଯ୍ୟକ୍ରମରେ କୁନ୍ଦୁରା ବ୍ଲକ ଚେୟାରମ୍ୟାନ, ଜିଲ୍ଲାପରିଷଦ ଭାଇସ ପ୍ରେସିଡେଣ୍ଟ, ବିଡ଼ିଓ ଏବଂ ସମସ୍ତ ପି ଆର ଆଇ ସଦସ୍ୟ ଓ ସମସ୍ତ ଲାଇନ ବିଭାଗୀୟ



ଅଧିକାରୀଙ୍କ ସମ୍ମୁଖରେ ସାମ୍ବାଦିକ ମାନେ ଏହି ଅବ୍ୟବସ୍ଥାକୁ ନେଇ ଅଭିଯୋଗ କରିଥିଲେ। ସେତେବେଳେ ବିଡ଼ିଓ ହୋଇଥିବା ଅବ୍ୟବସ୍ଥାକୁ ସୁଧାରିବା ବଦଳରେ ସାମ୍ବଦିକଙ୍କୁ କହିଲେ – ସମିତି ବୈଠକ କେବଳ ସରପଞ୍ଚ, ସମିତିସଭ୍ୟଙ୍କ ଗୁରୁତ୍ୱ ରହିଛି। ସେମାନେ ନିଜ ନିଜ ଚେୟାର ରେ ବସି ଯାଇଛନ୍ତି। ଯଦି ପଞ୍ଚାୟତ ସମିତି ବୈଠକ ରେ ସାମ୍ବାଦିକ ଙ୍କ ଆବଶ୍ୟକତା ନାହିଁ ତେବେ ସାମ୍ବାଦିକ ଙ୍କୁ ସୂଚନା ଦେଇ ଡକାଗଲା କାହିଁକି ? ଜିଲ୍ଲା ସ୍ତରରେ ହେଉ କିମ୍ବା ଉପଖଣ୍ଡ ସ୍ତରର ଯେକୌଣସି କାର୍ଯ୍ୟକ୍ରମ ରେ ସାମ୍ବାଦିକ ଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ବର୍ତମାନର ବିଡ଼ିଓଙ୍କ ପୂର୍ବରୁ ସବୁ ଠିକ ଠାକ ଚାଲିଥିଲା। କିନ୍ତୁ ବର୍ତ୍ତମାନର ବିଡ଼ିଓ କାହିଁକି ସାମ୍ବାଦିକଙ୍କୁ ଉପେକ୍ଷା କରୁଛନ୍ତି ଏବଂ ବ୍ଲକ ଭିତରେ ଏମିତି କି ପ୍ରକାର ଗୁମର ରହିଛି ଯାହାକୁ ସାମ୍ବାଦିକ ମାନେ ଜାଣିଯିବେ ବୋଲି ଏହିଭଳି ଜାଣିଶୁଣି ଅବ୍ୟବସ୍ଥା କରାଯାଉଛି ବୋଲି ସାମ୍ବାଦିକ ପ୍ରଶ୍ନ କରିଥିଲେ।

ସାମ୍ବାଦିକ ଙ୍କ ବିରୋଧ ଓ ଅଭିଯୋଗ ଶୁଣି ଜିଲ୍ଲାପରିଷଦ ଭାଇସ ପ୍ରେସିଡେଣ୍ଟ ସାମ୍ବାଦିକ ଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ବିଡ଼ିଓ ନିଜର ଅବ୍ୟବସ୍ଥାକୁ ନେଇଁ ଯୁକ୍ତି ବଢ଼ିଥିଲେ। କିନ୍ତୁ ଏଥିରେ ସୁଧାର ଆଣିବା ବିଷୟରେ କିଛିବି କହିନଥିଲେ। ବିଡ଼ିଓଙ୍କ ମନମୁଖୀ ଏକଛାଟିଆ କାର୍ଯ୍ୟକୁ କୁନ୍ଦୁରା ବ୍ଲକ ସାମ୍ବାଦିକ ସଙ୍ଘ ନିନ୍ଦା କରିଛି ଏବଂ ବିଡ଼ିଓ ଯେତେବେଳ ପର୍ଯ୍ୟନ୍ତ ସାମ୍ବାଦିକ ଙ୍କ ସହ ଆଲୋଚନା କରି ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିବେ ନାହିଁ ସେତେ ଦିନ ପର୍ଯ୍ୟନ୍ତ କୁନ୍ଦୁରା ପଞ୍ଚାୟତ ସମିତିର କୌଣସି କାର୍ଯ୍ୟକ୍ରମର ଖବର ପ୍ରସାରଣ କରାଯିବ ନାହିଁ ବୋଲି ସାମ୍ବାଦିକ ସଙ୍ଘ ନିଷ୍ପତ୍ତି ନେଇଥିବା ଜଣାଇଛି।

# ଥୁଆମୁଲ ରାମପୁର ବ୍ଲକ ଅଞ୍ଚଳରେ ସ୍ଥାନେ ସ୍ଥାନେ କୁଢ଼କୁଢ଼ ଆବର୍ଜନା

ଥୁଆମୁଲ ରାମପୁର, ୮।୯(ଆନିସ):କଳାହାଣ୍ଡି ଜିଲ୍ଲା ଥୁଆମୁଲ ରାମପୁର ବ୍ଲକ ସଦରମହୋକୁମା ସମେତ୍ ଅନ୍ୟାନ୍ୟ ଗ୍ରାମପଞ୍ଚାୟତ ମାନଙ୍କରେ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପୂର୍ଣ୍ଣ ଭାବରେ ଫେଲ ମାରିଥିବା ଦେଖାଦେଇଛି। ଉକ୍ତ ଯୋଜନା କେବଳ କାଗଜପତ୍ରରେ ସୀମିତ ରହିଥିବା ଜଣାପଡିଛି। ସ୍ୱଚ୍ଛ ଭାରତର ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବେଶକୁ ସ୍ୱଚ୍ଛ ସୁନ୍ଦର ଏବଂ ପ୍ରଦୂଷଣ ମୁକ୍ତ ରଖିବା ନେଇ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା। ଏନେଇ ବ୍ଲକର ଓ ଅନ୍ୟାନ୍ୟ ଗ୍ରାମପଞ୍ଚାୟତ ମାନଙ୍କରେ କେବଳ କାଛବାଡରେ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ଲେଖାଲେଖିରେ ସୀମିତ ରହିଲା। ଏଦିଗରେ ପ୍ରଶାନ ପକ୍ଷରୁ ସଚେତନତା ସୃଷ୍ଟି ମଧ୍ୟ କରାଯାଉନଥିବା ଅଭିଯୋଗ ହେଉଛି। ବ୍ଲକ ସଦରମହୋକୁମା ହେଉ ଅବା ଗ୍ରାମ ପଞ୍ଚାୟତ ମାନଙ୍କରେ ହେଉ କୁଢକୁଢ ଅଳିଆ ଆବର୍ଜନା ଏଣେତେଣେ ପଡିଥିବା



ବେଳେ ଖୁଦ ବ୍ଲକ କାର୍ଯ୍ୟାଳୟ ପରିସରରେ ଅଳିଆ ଆବର୍ଜନା କୁଢକୁଢ ପଡିଥିବା ଦେଖାଦେଇଛି। ଏହାଛଡା ଥୁଆମୁଲ ରାମପୁର ମୁଖ୍ୟ ମାର୍କେଟ ଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅଳିଆ ଆବର୍ଜନା ପଡିଥିବା ରହିଛି। ଏହାବ୍ୟତୀତ ଥୁଆମୁଲ ରାମପୁର ମଧ୍ୟ ଭାଗରେ ଦୁଇଗୋଟି ପୋଖରୀ ରହିଛି ସେଥିରେ ଥିବା ଦୁଷିତ ଜଳ ସହିତ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ବେଳେ ବେଳେ ଦୁଃଗନ୍ଧ ପରିବେଶ ସୃଷ୍ଟି ହେଉଛି ଯାହାକି ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି କରୁଛି। ବର୍ଷା ସମୟରେ ରାସ୍ତାକଡରେ ଥିବା ଅଳିଆ ଆବର୍ଜନା ଦୁଷିତ ବର୍ଷା ଜଳ ଅବାଧରେ ରାସ୍ତା ଉପରକୁ ଚାଲିଆସିବା ଫଳରେ ରାସ୍ତାରେ ପଥଚାରୀ ମାନେ ଗାଡିମଟରର ଦୁଷିତ ଜଳ ଓ ପାଣି କାଦୁଅ ଚିଟା ଖାଇବାକୁ ପଡୁଥିବା ବେଳେ ପଡାର ଅଳିଆ ଆବର୍ଜନା ଓ ଦୁଷିତ ବର୍ଷା ଜଳ ଦୁଇଗୋଟି ପୋଖରୀ ଭିତରକୁ ପ୍ରବେଶ କରିବା ଯୋଗୁଁ ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି କରିବା ଭଳି ଘଟଣା ଦେଖାଦେଇଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏହା ଉପରେ ବିଭାଗୀୟ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ଖୋରଧା,୮।୯(ଆନିସ): ଖୋରଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁଶୋତ୍ତମ୍ ଦାସ ଙ୍କ ମିଳିତ ଅଧକ୍ଷତାରେ ଆଜିର ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋରଧା,ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋରଧା , ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡା. ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୮୬ ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୬୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା। ଜିଲ୍ଲାପାଳ, ଶ୍ରୀ ଋତୁରାଜ ଅଭିଯୋଗ ଶିବିରରେ ୦୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ,ସି ଏସ ଓ, ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ,ସମସ୍ତ ବି ଡି ଓ, ସମସ୍ତ ତହସିଲଦାର, ଡେପୁଟି କଲେକ୍ଟର,ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଅଶୋକ କୁମାର ବେହେରା, ଉପନିର୍ଦ୍ଦେଶକ, ଯୋଜନା ଓ ସଂଯୋଜନା ଶଙ୍କର ବେହେରା, ଅବକାରୀ ଅଧିକ୍ଷକ ସୁମିତ୍ରା ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ , ସଦର ତହସିଲଦାର ବିଭାଷ୍ ପାଣିଗ୍ରାହୀ , ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ରାଜ୍ୟସରକାରଙ୍କ ଲ୍ୟାପଟପ୍ ଯୋଗାଇଦେବା ଯୋଜନାରେ ଦୃଷ୍ଟି ବାଧିତ ସ୍ବପ୍ନ ରାଣୀ ବିହାରୀ,ପି .ଏନ. ଅଟୋନୋମସ କଲେଜ, ସ୍ୱୟମ୍ ପ୍ରଜ୍ଞା ନାୟକ,କେ ବି ସି , ବାରଙ୍ଗ, ଅଂଶୁମାନ ସାହୁ,ବି ଜେ ପି ଅଟୋନୋମସ କଲେଜ, ଭୁବନେଶ୍ୱର, ରଚନା ଜେନା,ଆର ଡି, ଓମେନ୍ସ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ସୌଭାଗ୍ୟ ସାହୁ,ବି ଜେ ପି, ଅଟୋନୋମସ, କଲେଜ, ଭୁବନେଶ୍ୱର, ବିଷ୍ଣୁପ୍ରିୟା ବେହେରା,କେ ସି ପି ଏ ଏନ କଲେଜ, ବାଙ୍କୋଇ, ଆଲୋକ କୁମାର ଲେଙ୍କା, ବିଜୁ ପଟ୍ଟନାୟକ ସ୍ନାତକ ବିଜ୍ଞାନ ଓ ଶିକ୍ଷା କଲେଜ, ଭୁବନେଶ୍ୱର, ମନୋଜ କୁମାର ବାରିକ, ରାଜଧାନୀ ସ୍ନାତକ କଲେଜ, ଭୁବନେଶ୍ୱର ଏବଂ ଜିତେନ୍ଦ୍ର ନାୟକ, ରାଜଧାନୀ ସ୍ନାତକ କଲେଜ, ଭୁବନେଶ୍ୱର ଙ୍କୁ ଲାପଟପ୍ ପ୍ରଦାନ କରି ତାଙ୍କ ଉଚ୍ଚତର ଶିକ୍ଷା ଗ୍ରହଣର ମଙ୍ଗଳ କାମନା କରିଥିଲେ

# ଶ୍ରୀ ରାମକୃଷ୍ଣ ଭ୍ରାମ୍ୟମାଣ ସତସଙ୍ଗର ନୂତନ କର୍ମକର୍ତ୍ତା

ମ.ରାମପୁର,୮।୯(ଆନିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଅନ୍ତର୍ଗତ ବମକ ଗ୍ରାମର ବାଲାଜୀ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ରାମକୃଷ୍ଣ ଭ୍ରାମ୍ୟମାଣ ତରଫରୁ ଅଁଳାପାଲିର ସତସଙ୍ଗ କରୁଥିବା କର୍ମକର୍ତ୍ତାଙ୍କୁ ନେଇ ଗତ ରବିବାର ଦିନ ଏକ ନୂତନ କମିଟି ଗଠନ କରାଯାଇଛି । ଧର୍ମାନ୍ତରିକରଣ କରୁ ଥିବା ବ୍ୟକ୍ତି ମାନଙ୍କ ପ୍ରଲୋଭନରେ ପଡି କିଛି ହିନ୍ଦୁ ଧର୍ମର ବ୍ୟକ୍ତି ମାନେ ଧର୍ମ ପରିବର୍ତ୍ତନ ନକରିବା ପାଇଁ ସଚେତନର ବାର୍ତ୍ତା ଦେଇ ପ୍ରଚାର କରିବାକୁ ସର୍ବ ସମ୍ମତି କମିଟିରେ ଗୃହୀତ ହୋଇଥିଲା। ଉକ୍ତ ବୈଠକରେ ସଭାପତି ଭାବରେ ବାଙ୍କେଲ ଗ୍ରାମର ଖୁସିରାମ ସାହୁଙ୍କୁ ଚୟନ କରାଯାଇଥିଲା ଏବଂ କୁଟୀଗୁଡ଼ୁମର ଯୋଗେଶ ଚନ୍ଦ୍ର ମାଝୀ,ସାଧାରଣ ସମ୍ପାଦକ ଭାବେ, ଉପସଭାପତି ଭାବେ କଡେଲର ଅନନ୍ତ ମାଝୀଙ୍କୁ,କୋଷାଧକ୍ଷ



ଭାବରେ ସୀତାରାମପାଲିର ଚିନ୍ତାମଣି ସାହୁ,ପ୍ରଚାରକ ଭାବରେ ରେଗଡା ର ଚିତ୍ରସେନ ଦାଶ ଏବଂ ପେନ୍ଦିକୂପାର ପଣ୍ଡିତ ମୋହନ ଦାସଙ୍କୁ ଚୟନ କରାଯାଇଛି ଏବଂ ଉପଦେଷ୍ଟା କମିଟିରେ ଜୟଦ୍ରଥ ବନଛୋର ଅଁଳାପାଲି,ଭିକାରିଚରଣ ବାରିକ ଖଲିଆପାଲି, ରତ୍ନାକର ସାହୁ ଟୁର୍ଚ୍ଚ,ଭାଗିରଥି ସାହୁ ସୀତାରାମପାଲି,ଶ୍ରୀମତୀ ସାହୁ ବାଙ୍କେଲ, ଫକୀର ସାହୁ ଅଁଳାପାଲି, ବନମାଳୀ ସାହୁ ବମକ,ଦୀନବନ୍ଧୁ ସାହୁ କେର୍ଣ୍ଣପଲାଙ୍କୁ ଚୟନ କରାଯାଇଛି ଏବଂ ଅବଶିଷ୍ଟ ପଦପଦବୀ ପରବର୍ତ୍ତୀ ଅଧିବେଶନରେ ଚୟନ କରାଯିବ । ବୈଠକରେ ନୂତନ କମିଟି ପାଇଁ ୨୦ ଜଣଙ୍କୁ ଚୟନ କରାଯିବା ସହ ସେମାନଙ୍କ ମଧ୍ୟରୁ ବିଭିନ୍ନ ପଦପଦବୀ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। କମିଟିର ସଭାପତି ଚୟନ ପରେ ଶ୍ରୀ ସାହୁ ପ୍ରତି ପୂର୍ଣ୍ଣମା ଦିନ ପ୍ରତେକ ଗ୍ରାମକୁ ଯାଇ ଜନସାଧାରଣଙ୍କୁ ହିନ୍ଦୁ ଧର୍ମର ପୋଥି ପୁରାଣ,ଉପନିଷଦ ଆଦି ଗ୍ରନ୍ଥ ମାନଙ୍କରେ ଲେଖା ଯାଇଥିବା ଜ୍ଞାନକୁ ଲୋକ ଲୋଚନକୁ ଆଣି ଧର୍ମ ବିଚ୍ୟୁତ ନହେବା ପାଇଁ କମିଟିର କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ ।

# ଟିସିଏସ ପକ୍ଷରୁ ଓଡ଼ିଶା ସରକାରଙ୍କ ପାଇଁ ଏଆଇ ଆଧାରିତ ଡିଜିଟାଲ ଶାସନ ପ୍ଲାଟଫର୍ମ ଗଠନ ପାଇଁ ୧୨୨ କୋଟି ଟଙ୍କାର ବିଡ୍ ହାସଲ

ଭୁବନେଶ୍ୱର,୮।୯: ବିଶ୍ୱର ଅଗ୍ରଣୀ ଆଇଟି ସେବା, କନସଲଟିଂ ଓ ବ୍ୟବସାୟ ସମାଧାନ କମ୍ପାନି ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ) ପକ୍ଷରୁ ଓଡ଼ିଶା ରାଜ୍ୟ ୱାର୍କଫ୍ଲୋ ଅଟୋମେସନ ସିଷ୍ଟମ (ଓସ୍ୱାସ ୩.୦) କାର୍ଯ୍ୟକାରୀ କରିବା ପାଇଁ ୧୨୨.୬ କୋଟି ଟଙ୍କାର ବିଡ୍ ବିଜୟୀ ହୋଇଥିବା ଘୋଷଣା କରାଯାଇଛି। ଏଥି ସହିତ ଓଡ଼ିଶା ସରକାରଙ୍କ ସହ ରହିଥିବା ପ୍ରାୟ ୬ ବର୍ଷର ସହଯୋଗିତାକୁ କମ୍ପାନି ଆଗକୁ ବଢ଼ାଇଛି ଟିସିଏସ ଡିଜିବୋଲଟର ଶକ୍ତି ଥିବା ଏହି ଶାସନ ପ୍ଲାଟଫର୍ମରେ ୱାର୍କଫ୍ଲୋ ଅଟୋମେସନ, ସମନ୍ୱୟ, ଆନାଲିଟିକ୍ସ, ନିରାପତା ଓ ଏଆଇ ଦକ୍ଷତାର ମିଶ୍ରଣ ରହିବ।

ଓସ୍ୱାସ ଓଡ଼ିଶା ସରକାରଙ୍କୁ ବଡ଼ ଧରଣର କାଗଜପତ୍ର ଜନିତ କାର୍ଯ୍ୟପ୍ରଣାଳୀଠାରୁ ଆଗକୁ ବଢ଼ାଇ ଏକ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ ଡିଜିଟାଲ ପ୍ରକ୍ରିୟା ଆଡ଼କୁ ନେଇଯିବ। ଡିଜିଟାଲ ଫାଇଲ ହସ୍ତାନ୍ତର, ଇଲେକ୍ଟ୍ରୋନିକ୍ସ ମଞ୍ଜୁରି, ବାସ୍ତବ ସମୟ ଟ୍ରାକିଂ ଓ ରେକର୍ଡକୁ ସହଜରେ ହାସଲ କରିବା ଭଳି ସୁବିଧା ସହିତ ସରକାରୀ ଅଧିକାରୀଙ୍କୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବାରେ ଓସ୍ୱାସ ସହାୟକ ହୋଇପାରିବ। ୨୦୦୯ ପରଠାରୁ କାଗଜପତ୍ର ଆଧାରିତ ଦାଖଲ ପ୍ରକ୍ରିୟା ଓ ମାନୁଆଲ ଫଟୋ-ଅପକୁ ଓସ୍ୱାସ ଏକ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ ଡିଜିଟାଲ ପ୍ରକ୍ରିୟାରେ ବଦଳାଇପାରିଛି। ଏହି ବ୍ୟବସ୍ଥା ୪୬୦୦ରୁ ଅଧିକ ସରକାରୀ କାର୍ଯ୍ୟାଳୟ ଓ ରାଜ୍ୟବ୍ୟାପୀ ୫୦,୦୦୦ରୁ ଅଧିକ ବ୍ୟବହାରକାରୀଙ୍କୁ ସମର୍ଥନ କରୁଛି।

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର (ଓକାକ)ର ଅଧ୍ୟକ୍ଷ ବିଶାଳ କୁମାର ଦେବ କହିଛନ୍ତି ଯେ, ଦଓଡ଼ିଶା ସରକାରୀ ସ୍ଚିବାଳୟ ୱାର୍କଫ୍ଲୋ ସ୍ୱୟଚାଳିତ ପ୍ରଣାଳୀ (ଓସ୍ୱାସ) ଓଡ଼ିଶା ସରକାରଙ୍କ ଡିଜିଟାଲ୍ ମେରୁଦଣ୍ଡରେ ପରିଣତ ହୋଇଛି ଯାହା ରାଜ୍ୟରେ ସହଜ, ସ୍ୱଚ୍ଛ ଓ କାଗଜବିହୀନ ଶାସନ ପ୍ରକ୍ରିୟାକୁ ସମ୍ଭବ କରିପାରିଛି। ଏହି ମଜବୁତ ଭିତ୍ତିଭୂମିକୁ ଆଧାର କରି ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ) ସହଯୋଗରେ ଓକାକ ପକ୍ଷରୁ ଓସ୍ୱାସ ୩.୦ ମାଧ୍ୟମରେ ପରବର୍ତ୍ତି ପିଢ଼ିର ଡିଜିଟାଲ୍ ଶାସନରେ ରୂପାନ୍ତର ଆଣୁଛି। ଆଧୁନିକ ଅଣୁ ସେବା ଭିତିକ ଢାଞ୍ଚା, କୃତ୍ରିମ ବୁଦ୍ଧିମତା (ଏଆଇ), ସୁଦୃଢ଼ ସୁରକ୍ଷା, ଆନ୍ତଃକାର୍ଯ୍ୟକ୍ଷମତା ଓ ୱେବ୍ ସୁଗମତା ଦ୍ୱାରା ପରିଚାଳିତ ଏହି ପ୍ଲାଟଫର୍ମ ଦୈନନ୍ଦିନ କାର୍ଯ୍ୟକୁ ସହଜ କରି ପ୍ରଶାସନିକ ପ୍ରକ୍ରିୟାକୁ ସରଳ କରିବ ଏବଂ ଯେକୌଣସି ସ୍ଥାନରୁ ଶୀଘ୍ର ଓ ତଥ୍ୟ ଭିତିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ ଉନ୍ନତ କ୍ଷମତା, ଓଡ଼ିଆ ଭାଷା ପାଇଁ ସହାୟତା ଓ ବିଭିନ୍ନ ସରକାରୀ ଆପ୍ଲିକେସନ୍ଗୁଡ଼ିକର ଗଭୀର ସଂଯୋଗୀକରଣ ସହିତ ଓସ୍ୱାସ ୩.୦ ପ୍ଲାଟଫର୍ମ ନିଷ୍ପତିରୁ କାର୍ଯ୍ୟକାରିତା ପର୍ଯ୍ୟନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଓ ଓଡ଼ିଶାବାସୀଙ୍କ ପାଇଁ ଅଧିକ ଦକ୍ଷ ଓ ଫଳପ୍ରଦ ଶାସନ ସେବା ଯୋଗାଇଦେବ।

ଟିସିଏସର ପବ୍ଲିକ୍ ସର୍ଭିସେସ୍ ଇଣ୍ଡିଆ ମୁଖ୍ୟ ସୁଶୀଳ ଜୈନ୍ କହିଛନ୍ତି ଯେ, ଶାସନ ପ୍ରକ୍ରିୟାକୁ ଅଧିକ ଦକ୍ଷ ଓ ସ୍ୱଚ୍ଛ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କ୍ଷେତ୍ରରେ ଓଡ଼ିଶା ସବୁବେଳେ ଆଗରେ ରହିଆସିଛି ଓସ୍ୱାସ ୩.୦ ଏହି ସୁଦୃଢ଼ ଡିଜିଟାଲ୍ ଭିତିଭୂମିକୁ ଅଧିକ ସୁରକ୍ଷିତ, ସମ୍ପ୍ରସାରଣଯୋଗ୍ୟ ଓ ମୋବାଇଲ୍ ଅନୁକୂଳ ପ୍ଲାଟଫର୍ମ ଭାବରେ ଆଗକୁ ନେବ ଏହା ଅଧିକାରୀ ଙ୍କୁ ଅଧିକ ଦ୍ରୁତତା ଓ ସ୍ୱଚ୍ଛତା ସହ କାର୍ଯ୍ୟ କରିବାକୁ ସକ୍ଷମ, ଉତ୍ତରଦାୟିତ୍ୱକୁ ସୁଦୃଢ଼ ଏବଂ ସାରା ରାଜ୍ୟରେ ଏକ ଅଧିକ ସଂଯୁକ୍ତ ଓ ସଂବେଦନଶୀଳ ପ୍ରଶାସନ ପ୍ରତିଷ୍ଠା କରିବ।

ଟିସିଏସ ପକ୍ଷରୁ ଓସ୍ୱାସ ୧.୦ର ଶୁଭାରମ୍ଭ ସହିତ ୨୦୦୯ରେ ଓଡ଼ିଶର କାଗଜବିହୀନ ଶାସନ ଯାତ୍ରା ଆରମ୍ଭ ହୋଇଥିଲା ୨୦୧୮ରେ ଓସ୍ୱାସ ୨.୦ର ଶୁଭାରମ୍ଭ କରାଯାଇଥିଲା ଓସ୍ୱାସ ୩.୦ରେ ଏଆଇ ସକ୍ଷମ ଦକ୍ଷା ଓ ମୋବାଇଲ ପ୍ରଥମ ଡିଜାଇନ ରହିବ ଓସ୍ୱାସ ୩.୦ର ବିଡ ଜିତିବା ରାଜ୍ୟମାନଙ୍କୁ ପ୍ରଯୁକ୍ତି ଜରିଆରେ ସାଧାରଣ ପ୍ରଶାସନକର ଆଧୁନିକରଣ କରିବାରେ ଟିସିଏସର ଦୃଢ଼ ଟ୍ରାକ ରେକର୍ଡକୁ ଦର୍ଶାଉଛି।

## ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା

ଘୁ.ଉଦୟଗିରି,୮।୯(ଆନିସ): ଜି.ଉଦୟଗିରି ଥାନା ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ ସ୍ଥିତ ଡୁଗୁରିପାରି ଗ୍ରାମର ଚନ୍ଦ୍ରମା ସାହୁ( ୬୦)ଙ୍କ ଗଳିତ ଶବକୁ କୁଟୁଡୁକୁପା ଜଙ୍ଗଲରୁ ଜି ଉଦୟଗିରି ପୋଲିସ ଠାବ କରିଛି । ବିବରଣୀ ରୁ ପ୍ରକାଶ ଯେ ଚନ୍ଦ୍ରମା କିଛି ଦିନ ହେବ ନିଖୋଜ ଥିଲା । ଆଜି ଲୋକେ ଜଙ୍ଗଲକୁ ଯାଇ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଏଏସ ଆଇ ବୁଲୁ ବେହେରା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରିବା ସହ ବୋହୁ ରେଶମା ସାହୁର ଏତଲାକୁ ଭିତ୍ତି କରି ଅପମୃତ୍ୟ ମାମଲା ଦାୟର କରିଛି।

## ବାଇକ ଦୁର୍ଘଟଣା ଜଣେ ମୃତ, ଦୁଇ ଗୁରୁତରଙ୍କୁ ଫୁଲବାଣୀ ସ୍ଥାନାନ୍ତର

ଘୁ.ଉଦୟଗିରି,୮।୯(ଆନିସ): ଦ୍ରୁତ ଗତି ଯେ ବିପତ୍ତି ଆଣେ ଏହା ସତ୍ୟ ବୋଲି ଆଜି ପ୍ରମାଣ ହୋଇଛି । ଘୁ.ଉଦୟଗିରି ବ୍ଲକ ଅଧିନସ୍ଥ କଳିଙ୍ଗା ପଞ୍ଚାୟତ ନିକଟସ୍ଥ ଜବେଡି ବୁଲାଣି ରେ ସୋମବାର ବିଳମ୍ବିତ ରାତିରେ ଏକ କେ ଟି ଏମ ବାଇକ ନମ୍ବର ଓ ଡି ୨୪ଡି ୯୯୬୬ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି ଉକ୍ତ ବାଇକରେ ତିନି ଜଣ ଯୁବକ ବସି କ୍ଷିପ୍ର ଗତିରେ ଯାଉଥିବା ସମୟରେ ବାଇକ ଆରୋହୀ ଗୁଲସନ ଗଣ୍ଡା (୨୨) ଙ୍କ ମୃତ୍ୟୁ ଘଟିଥିବା ବେଳେ ଆଶୁତୋଷ ଜାନି (୨୩)ଓ ଆନିସ ଦିଗାଲ (୧୮)ଙ୍କୁ ଗୁରୁତର ଭାବେ ଫୁଲବାଣୀ ସ୍ଥାନାନ୍ତର କରାଯାଇଛି ସମସ୍ତଙ୍କ ଘର ଖଜୁରୀପଡା ବ୍ଲକ ର ଦଳପଡ଼ା ଗ୍ରାମ ବୋଲି ଜଣାପଡ଼ିଛି । ଦୁର୍ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ଏ ଏସ. ଆଇ ବଣ୍ଟି ଦଣ୍ଡିଆ ଏବଂ ଟିମ ପହଁଞ୍ଚି ଘଟଣା ର ତଦନ୍ତ କରୁଛନ୍ତି ରବୀନ୍ଦ୍ର ଗଣ୍ଡା ୪୮ଙ୍କ ଏତଲାକୁ ଭିତ୍ତି କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଥାନା କେସ ନମ୍ବର ୧୪୭/ ୨୬, ୨୮୧, ୧୦୬(୧)୧୨୫(ଏ )ମକଦମା ରୁଜୁ କରି ଏ ଏସ ଆଇ ବଣ୍ଟି ଦଣ୍ଡିଆ ତଦନ୍ତ କରୁଥିବା ନେଇ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି

## ଅନ୍ତର୍ଜାତୀୟ ସାକ୍ଷାରତା ଦିବସ



କାଶୀନଗର,୮।୯(ଆନିସ): ଗଜପତି ଜିଲ୍ଲା କାଶୀନଗର ସହର ରେ ଥିବା ହରିଜନ ସାହି ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ସକାଳ ପ୍ରାର୍ଥନା ସରିବା ପରେ ଛାତ୍ର ଛାତ୍ରୀ ପ୍ଲାକାର୍ଡ, ବ୍ୟାନେର ଧଶ୍ରୀ ସାହି ବସ୍ତି ବୁଲି ବିଭିନ୍ନ ସ୍ଲୋଗ୍ବନ ଦେଇ ସଚେତନ କରିଥିଲେ ପ୍ରଧାନ ଶିକ୍ଷକ କେ.ଈଶ୍ୱରଙ୍କ ନେତୃତ୍ୱ ରେ ଜଗଦୀଶ ପାତ୍ର ଗଣେଶ ପାଣିଗ୍ରାହୀ, ଜି. କେଶବ ରାଓ ଶିକ୍ଷକ ସାହି ଓ ପଡା ବୁଲି ଲୋକଙ୍କୁ ସଚେତନ କରାଇଥିଲେ. ପରେ ଛାତ୍ର ଛାତ୍ରୀ ଙ୍କୁ ଶପଥ ପାଠ କରାଇଥିଲେ। ଶିକ୍ଷା ଜଣେ ମନୁଷ୍ୟ କୁ କଣ କଣ ସାହାଯ୍ୟ କରେ ସେ ନେଇ ବିସ୍ତୃତ ଭାବେ ପିଲାଙ୍କୁ ବୁଝା ଯାଇଥିଲା।

# ବନ୍ଧନ ବ୍ୟାଙ୍କ ପକ୍ଷରୁ କ୍ରେଡିଟ୍ କାର୍ଡର ଶୁଭାରମ୍ଭ, ଚାରିଟି ଭାରିଆଣ୍ଟ ଉନ୍ମୋଚିତ

ମୁମ୍ବାଇ,୮।୯: ବନ୍ଧନ ବ୍ୟାଙ୍କ ପକ୍ଷରୁ ମାଷ୍ଟରକାର୍ଡ ସହଯୋଗରେ କ୍ରେଡିଟ୍ କାର୍ଡ ପୋର୍ଟଫୋଲିଓ ଶୁଭାରମ୍ଭ ଘୋଷଣା କରାଯାଇଛି। ଯାହା ଗ୍ରାହକମାନଙ୍କୁ ନବସୃଜନକାରୀ ଓ ଅନ୍ତର୍ଭୁକ୍ତୀକରଣ ଆର୍ଥିକ ସମାଧାନ ସହିତ ସଶକ୍ତ କରିବା ପାଇଁ ବ୍ୟାଙ୍କର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିଛି । ବନ୍ଧନ ବ୍ୟାଙ୍କର ଲୋଗୋରେ ଥିବା ସ୍ଥାୟୀ ଶିଖା ଦ୍ୱାରା ଅନୁପ୍ରାଣିତ ଯାହା ଜୀବନକୁ ସମୃଦ୍ଧ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଦର୍ଶାଉଛି, ସେହି ଅନୁସାରେ ଏହି ନୂତନ କ୍ରେଡିଟ୍ କାର୍ଡ ସିରିଜ୍ ଚାରିଟି ଭାରିଆଣ୍ଟରେ ଉନ୍ମୋଚନ କରାଯାଉଛି ତାହା ହେଉଛି ସ୍ପାର୍କସ, ଇଗ୍ନାଇଟ୍, ଫ୍ଲେୟାର୍ ଓ ଲୁମିନା

ବନ୍ଧନ ବ୍ୟାଙ୍କର ଏମଡି ଓ ସିଇଓ ପାର୍ଥ ପ୍ରତିମ ସେନଗୁପ୍ତା, ମାଷ୍ଟରକାର୍ଡର ଭାରତ ଓ ଦକ୍ଷିଣ ଏସିଆର ସଭାପତି ଗୌତମ ଅଗ୍ରୱାଲ, ଇଡି ଓ ସିବିଓ ରାଜିନ୍ଦର କୁମାର ବବର ଓ କ୍ରେଡିଟ୍ କାର୍ଡର ମୁଖ୍ୟ ପୀୟୁଷ ଝା, ବ୍ୟାଙ୍କ ଓ ମାଷ୍ଟରକାର୍ଡର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି କ୍ରେଡିଟ୍ କାର୍ଡ ଉନ୍ମୋଚନ କରାଯାଇଛି।

ନୂତନ କ୍ରେଡିଟ୍ କାର୍ଡ ପୋର୍ଟଫୋଲିଓ ବିଭିନ୍ନ ଗ୍ରାହକ ବର୍ଗଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି:

ସ୍ପାର୍କସ: ଗ୍ରୋସରି ଓ ପୋଷାକ ଖର୍ଚ୍ଚ ଉପରେ ଦ୍ରୁତ ରିୱାର୍ଡ, ୱେଲକମ ରିୱାର୍ଡ ବୋନସ୍, ଘରୋଇ ବିମାନବନ୍ଦର ଲାଉଞ୍ଜ୍ ପ୍ରବେଶ, ବୁକମାଇସୋ ଅଫର, ଇନ୍ଧନ ସରଚାର୍ଜ ଛାଡ, ଓ ଇଏମଆଇ କ୍ୟାସବ୍ୟାକ୍ ଲାଭ।

ଇଗ୍ନାଇଟ: ଗ୍ରୋସରି ଓ ଯାତ୍ରା ଖର୍ଚ୍ଚ ଉପରେ ଦ୍ରୁତ ପୁରସ୍କାର, ସ୍ୱାଗତ ଏବଂ ମାଇଲଖୁଂଟ ପୁରସ୍କାର, ଘରୋଇ ଓ ଅନ୍ତର୍ଜାତୀୟ ଲାଉଞ୍ଜ୍ ପ୍ରବେଶ ଓ ଇଜିଡାଇନର୍ ଲାଭ।

ଫ୍ଲେୟାର: ୱେଲକମ ଲାଭ ଭାବରେ ଆମାଜନ ପେ ଭାଉଚର, ଘରୋଇ ଓ ଅନ୍ତର୍ଜାତୀୟ ବିମାନବନ୍ଦର ଲାଉଞ୍ଜ୍ ପ୍ରବେଶ, ବୁକମାଇସୋ ଓ ଇଜିଡାଇନର୍ ଲାଭ ଓ ଗଲ୍ଫ ସୁବିଧା ସହିତ ଯାତ୍ରା-କେନ୍ଦ୍ରିକ କାର୍ଡ

ଲୁମିନା: ଅନ୍ତର୍ଜାତୀୟ ଖର୍ଚ୍ଚ ଉପରେ ପ୍ରିମିୟମ ପୁରସ୍କାର ସ୍ୱାଗତ ଲାଭ ଭାବରେ ଓବେରଏ ଗିଫ୍ଟ ଭାଉଚର, ଘରୋଇ ଓ ଅନ୍ତର୍ଜାତୀୟ ଲାଉଞ୍ଜ୍ ପ୍ରବେଶ, କନସିଅର୍ଜ ସେବା, ବିମାନବନ୍ଦର ସାକ୍ଷାତ ଓ ସ୍ୱାଗତ ସେବା, ବୁକମାଇସୋ ଓ ଇଜିଡାଇନର୍ ଲାଭ, ଏବଂ ଗଲ୍ଫ ସୁବିଧା

ଏହି ଅବସରରେ ବନ୍ଧନ ବ୍ୟାଙ୍କର ଏମଡି ଓ ସିଇଓ ପାର୍ଥ ପ୍ରତିମ ସେନଗୁପ୍ତା କହିଛନ୍ତି ଯେ, କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଏକ ସର୍ବଜନୀନ ବ୍ୟାଙ୍କ ଭାବରେ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସୃଷ୍ଟି କରିଛି। ମାଷ୍ଟରକାର୍ଡ ସହଯୋଗରେ ଶୁଭାରମ୍ଭ କରାଯାଇଥିବା ଆମର ନୂତନ କ୍ରେଡିଟ୍ କାର୍ଡ ପୋର୍ଟଫୋଲିଓ, ଏକ ଡିଜିଟାଲ ପ୍ରଥମ ଭାରତର ଆକାଂକ୍ଷାକୁ ସେବା କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଯେଉଁଥିରେ ଏକ ସହଜ ଏଣ୍ଡ ଟୁ ଏଣ୍ଡ ଡିଜିଟାଲ ଆବେଦନ ଯାତ୍ରା ଓ ସୁବିଧାଜନକ କାର୍ଡ ସେବା ଅଭିଜ୍ଞତା ରହିଛି ସ୍ପାର୍କସ, ଇଗ୍ନାଇଟ୍, ଫ୍ଲେୟାର୍ ଓ ଲୁମିନା ସହିତ ଆମେ ଉତ୍ପାଦଗୁଡ଼ିକର ଏକ ବ୍ୟାପକ ବର୍ଗ ସୃଷ୍ଟି କରିଛୁ। ଯାହା ଜେନଜି ଓ ଉଦୀୟମାନ ଧନୀ ଗ୍ରାହକଙ୍କଠାରୁ ଆରମ୍ଭ କରି ଅଭିଜ୍ଞ ଯାତ୍ରୀ ଓ ପ୍ରିମିୟମ୍ ଜୀବନଶୈଳୀ ପ୍ରଶଂସକଙ୍କ ପର୍ଯ୍ୟନ୍ତ ଗ୍ରାହକଙ୍କ ଏକ ବ୍ୟାପକ ବର୍ଗକୁ ସେବା ଯୋଗାଉଛି। ଯାହା ସେମାନଙ୍କ ଆର୍ଥିକ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟରେ ଅର୍ଥପୂର୍ଣ୍ଣ, ରିୱାର୍ଡ ସୁବିଧା ଓ ପ୍ରସ୍ତୁତ ଲାଭ ପ୍ରଦାନ କରୁଛି।

ଏହି ଶୁଭାରମ୍ଭ ଅବସରରେ ବନ୍ଧନ ବ୍ୟାଙ୍କର ଇଡି ଓ ସିବିଓ ରାଜିନ୍ଦର କୁମାର ବବର କହିଛନ୍ତି, ଆମର କ୍ରେଡିଟ୍ କାର୍ଡର ଶୁଭାରମ୍ଭ ବନ୍ଧନ ବ୍ୟାଙ୍କର ଗ୍ରାହକଙ୍କୁ ପ୍ରାଥମିକତା ଦେଇ ପ୍ରସ୍ତୁତ କରାଯାଉଥିବା ଉତ୍ପାଦ ଓ ସେବାକୁ ଆହୁରି ମଜବୁତ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରାହକଙ୍କର ବିଭିନ୍ନ ପ୍ରକାରର ଖର୍ଚ୍ଚ ଆବଶ୍ୟକତା ଓ ଆଶାକୁ ଧ୍ୟାନରେ ରଖି ଆମେ ଏହି କାର୍ଡଗୁଡ଼ିକୁ ପ୍ରସ୍ତୁତ କରିଛୁ ଏଥିରେ ଡିଜିଟାଲ ସୁବିଧା, ଆକର୍ଷଣୀୟ ରିୱାର୍ଡ ଏବଂ ଦୈନନ୍ଦିନ ଜୀବନଶୈଳୀ ସହ ଜଡ଼ିତ ଉପଯୋଗୀ ସୁବିଧାଗୁଡ଼ିକୁ ଏକାଠି କରାଯାଇଛି କ୍ରେଡିଟ୍ କାର୍ଡ କ୍ଷେତ୍ରରେ ଆମର ଉପସ୍ଥିତିକୁ ବିସ୍ତାର କରିବା ସହ ଆଗାମୀ ଦିନରେ ଗ୍ରାହକଙ୍କୁ ଆହୁରି ଅଧିକ ସୁବିଧା ଓ ମୂଲ୍ୟ ପ୍ରଦାନ କରିବାକୁ ଆମେ ଆଶାବାଦୀ।ଏହି ସହଯୋଗିତା ସଂପର୍କରେ ମାଷ୍ଟରକାର୍ଡର ଭାରତ ଓ ଦକ୍ଷିଣ ଏସିଆର ସଭାପତି ଗୌତମ ଅଗ୍ରୱାଲ କହିଛନ୍ତି ଯେ, ବୃଦ୍ଧି ପାଉଥିବା ଡିଜିଟାଲ୍ ଆପଣାଇବା, ପରିବର୍ତ୍ତିତ ଉପଭୋକ୍ତା ଆଶା ଓ ପୃଥକ ପେମେଣ୍ଟ ଅଭିଜ୍ଞତା ପାଇଁ ବଢୁଥିବା ଚାହିଦା ଦ୍ୱାରା ପରିଚାଳିତ ହୋଇ ଭାରତର କ୍ରେଡିଟ୍ ପରିଦୃଶ୍ୟ ଦ୍ରୁତ ଗତିରେ ବଦଳୁଛି ମାଷ୍ଟରକାର୍ଡରେ ଆମେ ଆମର ଭାଗିଦାରୀମାନଙ୍କୁ ସୁରକ୍ଷିତ, ସହଜ ଓ ନବସୃଜନକାରୀ ପେମେଣ୍ଟ ସମାଧାନ ମାଧ୍ୟମରେ ଏହି ସୁଯୋଗଗୁଡ଼ିକୁ ଖୋଲିବାରେ ସାହାଯ୍ୟ କରିବାକୁ ପ୍ରତିବଦ୍ଧ ଏହି ସହଯୋଗିତା ବନ୍ଧନ ବ୍ୟାଙ୍କର ମଜବୁତ ଗ୍ରାହକ ଉପସ୍ଥିତି ଓ ମାଷ୍ଟରକାର୍ଡର ବିଶ୍ୱସ୍ତରୀୟ ନେଟୱାର୍କ ଓ କ୍ଷମତାକୁ ଏକାଠି ଆଣି ଏପରି କ୍ରେଡିଟ୍ ଉତ୍ପାଦ ପ୍ରଦାନ କରୁଛି ଯାହା ଆଜିର ଗ୍ରାହକଙ୍କ ବିବିଧ ଆବଶ୍ୟକତା ପାଇଁ ପ୍ରାସଙ୍ଗିକ, ପୁରସ୍କୃତ ଓ ପ୍ରସ୍ତୁତ କରାଯାଇଛି।

ବିବିଧ ଜୀବନଶୈଳୀ ଓ ଖର୍ଚ୍ଚ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିବା, ବନ୍ଧନ ବ୍ୟାଙ୍କ କ୍ରେଡିଟ୍ କାର୍ଡ ପୋର୍ଟଫୋଲିଓ ନିତ୍ୟବ୍ୟବହାର୍ଯ୍ୟ କ୍ରୟ, ଯାତ୍ରା, ଡାଇନିଂ, ମନୋରଞ୍ଜନ ଓ ପ୍ରିମିୟମ୍ ଜୀବନଶୈଳୀ ବର୍ଗଗୁଡ଼ିକରେ ପୁରସ୍କାରପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ କରେ। ଗ୍ରାହକମାନେ ସୁବିଧାଜନକ ଭାବରେ ଅନଲାଇନ୍ ଆବେଦନ କରିପାରିବେ କିମ୍ବା ନିକଟତମ ଶାଖା ପରିଦର୍ଶନ କରିପାରିବେ।ବନ୍ଧନ ବ୍ୟାଙ୍କ ବର୍ତ୍ତମାନ ଭାରତର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୩୫ରେ କାର୍ଯ୍ୟ କରୁଛି ଓ ୬,୪୦୦ରୁ ଅଧିକ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ର ଏକ ମଜବୁତ ନେଟୱାର୍କ ମାଧ୍ୟମରେ ୩.୨ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଉଛି ଯାହା ସାରା ଦେଶରେ ଗୁଣାତ୍ମକ ବ୍ୟାଙ୍କିଙ୍ଗ୍ ସେବାକୁ ପହଞ୍ଚଯୋଗ୍ୟ କରିବାର ଲକ୍ଷ୍ୟକୁ ସୁଦୃଢ଼ କରୁଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଓଡ଼ଗାଁ,୮।୯(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ ଉଦଘାଟନ କରିଥିଲା ବେଳେ ବିଡ଼ିଓ ପ୍ରିତିବାଳା ରଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ଉପସ୍ଥିତ ରହିଥିଲେ।ଅଭିଜ୍ଞ ଡ଼ାକ୍ତରମାନଙ୍କୁ ନେଇ ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା।୩୬ଟି ପଞ୍ଚାୟତରୁ ଆସିଥିବା ମୋଟ ୨୨୩ ଜଣ ପଞ୍ଜିକୃତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡ଼ାକ୍ତର ସଞ୍ଜୟ କୁମାର ଦେବଙ୍କ ଦ୍ୱାରା ୧୦୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ଦୃଷ୍ଟିବାଧିତ ବିଭାଗରେ ଡ଼ାକ୍ତର ପି.ପି. ସାହୁଙ୍କ ଦ୍ୱାରା ୨୪ ଜଣଙ୍କ ପରୀକ୍ଷା କରାଯାଇଥିଲା।ସେହିପରି ଶ୍ରବଣ ଓ ବାକ୍ ବାଧିତ ବିଭାଗରେ ଡ଼ାକ୍ତର ସୀତାଶ୍ରୀ ସେଠୀ ଓ ଅଡିଓ ଲୋଜିଷ୍ଟ – ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କ ସହଯୋଗରେ ୬୧ ଜଣଙ୍କ ପରୀକ୍ଷା ହୋଇଥିବା ବେଳେ ମାନସିକ ଅନଗ୍ରସର ବିଭାଗରେ ଭେଷଜ ବିଭାଗ ବିଶେଷଜ୍ଞ ଡ଼ାକ୍ତର ସିଦ୍ଧାର୍ଥ ଦାଶ ଏବଂ ଡା. ସବିତା କୁମାରୀ ବରାଡ ଓ ସାଇକୋଲୋଜିଷ୍ଟ – ତପସ୍ୱିନୀ ଆଚାରୀ ପ୍ରମୁଖ ଯୋଗଦାନ କରି ୩୫ ଜଣଙ୍କ ଦିବ୍ୟାଙ୍ଗ ପରୀକ୍ଷା କରିଥିଲେ।ଦୂରଦୂରାନ୍ତରୁ ଆସିଥିବା ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଡାକ୍ତରଙ୍କ ଦ୍ୱାରା ଭିନ୍ନକ୍ଷମ ଚିହ୍ନଟ ବେଳେ ରଘୁନାଥ ସମବାୟ ମହାବିଦ୍ୟାଳୟର ଷ୍ଟୁଡେଣ୍ଟ୍ ଏବଂ ସମସ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ସହଯୋଗ କରିଥିଲେ। ସୂଚନା କେନ୍ଦ୍ର ମାଧ୍ୟମରେ ଦିବ୍ୟାଙ୍ଗ ମାନଙ୍କୁ ସମସ୍ତ ସୂଚନା ପ୍ରଦାନ କରାଯାଇଥିଲା। ବ୍ଲକ୍ ପ୍ରଶାସନ ତରଫରୁ ସମସ୍ତଙ୍କ ପାଇଁ ପାନୀୟଜଳ ଏବଂ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ ପରିଚାଳନା କରିଥିବା ବେଳେ କନିଷ୍ଠ ସହାୟକ ରାଜେଶ କୁମାର ନାୟକ ଓ କାର୍ଯ୍ୟକ୍ରମ ସହାୟକ ଶ୍ରଦ୍ଧାଞ୍ଜଳୀ ନାୟକ ସହଯୋଗ କରିଥିଲେ।

## ସ୍ୱାବଲମ୍ବୀ ଭାରତ ଅଭିଯାନ ତରଫରୁ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୮।୯(ଆନିସ): ପଟ୍ଟାମୁଣ୍ଡାଇ ମହା ବିଦ୍ୟାଳୟ ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ଆନୁକୂଲ୍ୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ପରିପ୍ରେକ୍ଷୀରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଡ଼ ଗୌର ପ୍ରସାଦ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅଭିଯାନର ଜିଲ୍ଲା ସମନ୍ୱୟକ ଅଭିମନ୍ୟୁ ଗୋଛାୟତ, ମହାବିଦ୍ୟାଳୟର କ୍ୟାରିଅର କାଉଁସେଲିଙ୍ଗ ସଂଯୋଜକ ଭାରତ ଭୂଷଣ ସାହୁ,ଜିଲ୍ଲା ଯୁବା ପ୍ରମୁଖ ତଥା ଯୁବ ଉଦ୍ୟୋଗୀ ଅଶ୍ୱିନୀ କୁମାର ବେହେରା, ଯୁବ ଉଦ୍ୟୋଗୀ ବିଭୁତି ଭୂଷଣ ଦାସ, ମୋନିକାରାଣୀ ଶର୍ମା,ଜିଲ୍ଲା ବିଚାର ବିଭାଗ ପ୍ରମୁଖ ରବୀନ୍ଦ୍ର ବିଶ୍ୱାଳ ଏବଂ ପୂର୍ଣ୍ଣକାଳୀନ ରଶ୍ମିରଂଜନ ସେଠୀ ଉପସ୍ଥିତ ରହି ସମସ୍ତ ଯୁବସମାଜ ପାଠପଢା ପରେ କେବଳ ସରକାରୀ ଚାକିରୀ ପଛରେ ନ ଧାଇଁ ନିଜକୁ ଆତ୍ମନିର୍ଭରଶୀଳ ହୋଇ ଅର୍ଥ ଉପାର୍ଜନ କରିବାର ପନ୍ଥା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଭାରତବର୍ଷକୁ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ରୂପେ ଗଢି ତୋଳିବାକୁ ହେଲେ ସମସ୍ତ ଦେଶବାସୀ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ସହ ଆତ୍ମ ନିର୍ଭର ଭାରତ ଓ ଭୋକାଲ ଫର ଲୋକାଲ ମାଧ୍ୟମରେ ଦେଶୀୟ ବସ୍ତୁର ଆଦର ଓ ପ୍ରୋତ୍ସାହନ ବଢାଇବା ସହ ଯୁବ ସମାଜକୁ ଆତ୍ମନିର୍ଭରଶୀଳ ହେବାକୁ ପଡିବ। ଯାହାଦ୍ୱାରା ଦେଶର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ପୃଥ୍ୱୀରାଜ ବିଶ୍ୱାଳ, ଚିନ୍ମୟ ସାମଲ, ରଞ୍ଜନ କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ପଟ୍ଟାମୁଣ୍ଡାଇ ନଗର ସଂଯୋଜକ ସମୀର ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମହିନ୍ଦ୍ରା ବ୍ଲେଜୋ ଆଇ-ଟିଆରକେ ଟ୍ରକ୍: ଭାରତରେ ଲାଭଦାୟକ ପରିବହନର ନୂତନ ପରିଚୟ

ଭୁବନେଶ୍ୱର/ କେନ୍ଦୁଝର, ସେପ୍ଟେମ୍ବର,୮।୯: ମହିନ୍ଦ୍ରା ଗ୍ରୁପର ଅଂଶବିଶେଷ ମହିନ୍ଦ୍ରା ଟ୍ରକ୍ ଆଣ୍ଡ୍ ବସ୍ ଆଜି ସମ୍ପୂର୍ଣ୍ଣ ନୂତନ ବ୍ଲେଜୋ ଆଇ-ଟିଆରକେ ଟ୍ରକ୍‌ଲଞ୍ଚ କରିଛି। ଏହା ଏକ ନୂତନ ପିଢ଼ିର ହେଭି କମର୍ସିଆଲ୍ ଟ୍ରକ୍, ଯାହା ପରିବହନକାରୀ ଏବଂ ଫ୍ଲିଟ୍ ମାଲିକମାନଙ୍କ ପାଇଁ ଏକମାତ୍ର ପ୍ରତିଶ୍ରୁତି ପ୍ରଫିଟ୍ କା ରକେଟ୍‌ଦ ଆଧାରରେ ନିର୍ମିତ। କେବଳ ଗୋଟିଏ ଟ୍ରକ୍ ବଦଳରେ ଏକ ସମ୍ପୂର୍ଣ୍ଣ ବ୍ୟବସାୟିକ ସମାଧାନ ଭାବରେ ନିର୍ମିତ। ବ୍ଲେଜୋ ଆଇ-ଟିଆରକେ ଟ୍ରକ୍ ସର୍ବୋତ୍ତମ ମାଇଲେଜ୍, ଉଚ୍ଚ କାର୍ଯ୍ୟଦକ୍ଷତା, ବୁଦ୍ଧିମାନ କନେକ୍ଟେଡ୍ ଟେକ୍ନୋଲୋଜି ଏବଂ ଅପଟାଇମ୍ ଗ୍ୟାରେଣ୍ଟିକୁ ନେଇ ସଂଗଠିତ ଏହା ଗ୍ରାହକଙ୍କୁ ଆୟ ବୃଦ୍ଧି, ଉତ୍ପାଦନଶୀଳତା ବୃଦ୍ଧି, ପରିଚାଳନା ଖର୍ଚ୍ଚ ହ୍ରାସ ଏବଂ ସେମାନଙ୍କ ଫ୍ଲିଟ୍ ଉପରେ ଅଧିକ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରେ।

ଏହି ବ୍ଲେଜୋ ଆଇ-ଟିଆରକେ ଟ୍ରକ୍ ତିନୋଟି ଶକ୍ତିଶାଳୀ ଗ୍ରାହକ ପ୍ରତିଶ୍ରୁତି ଉପରେ ଆଧାରିତ:

ଅର୍ଣ୍ଣ ମୋର (ଅଧିକ ରୋଜଗାର): ୧୦% ପର୍ଯ୍ୟନ୍ତ ଅଧିକ ମାଇଲେଜ୍ ପ୍ରଦାନ କରୁଥିବା ବ୍ଲେଜୋ ଆଇ-ଟ୍ରକରେ ଏଆଇ-ଚାଳିତ ଆଇ-ଫ୍ୟୁଏଲ୍-ସ୍ମାର୍ଟ ଅଟୋ ଡ୍ରାଇଭ୍ ମୋଡ୍, ଟର୍ବୋମ୍ୟାକ୍ସ ଟର୍ବୋଚାର୍ଜର, ଅପ୍ଟିଫ୍ୟୁଏଲ୍ ଏୟାର କମ୍ପ୍ରେସର ଏବଂ ଅନ୍ୟାନ୍ୟ ହାର୍ଡୱେର୍ ଓ ସଫ୍ଟୱେର୍ ଇନୋଭେସନ୍ ଅନ୍ତର୍ଭୁକ୍ତ ଏହି ସଞ୍ଚୟ ୫ ବର୍ଷରେ ଟ୍ରକ୍ ପିଛା ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଲାଭରେ ପରିଣତ ହୋଇପାରିବ।

ରନ୍ ମୋର (ଅଧିକ ପରିବହନ): ସମଗ୍ର ବ୍ଲେଜୋ ଆଇ-ଟିଆରକେ ଟ୍ରକ୍ ସିରିଜ୍‌ରେ ମହିନ୍ଦ୍ରାର ବିଶ୍ୱସ୍ତ ୩୬୦ ଏଚପି ଏମପାୱାର ଇଞ୍ଜିନ୍ ରହିଛି, ଯାହା ଦୃଢ଼ କାର୍ଯ୍ୟଦକ୍ଷତା, ଉଚ୍ଚ ନିର୍ଭରଯୋଗ୍ୟତା ଏବଂ ଅଧିକ ଉତ୍ପାଦନଶୀଳତା



ଦିଏ। କମ୍ଫିମ୍ୟାକ୍ସ ସସପେନ୍ସନ୍ ସିଟ୍, ଇଜି-କ୍ରୁଜ୍ କ୍ରୁଜ୍ କଣ୍ଟ୍ରୋଲ୍, ମାଇକ୍ ସହିତ ବ୍ଲୁଟୁଥ୍ ମ୍ୟୁଜିକ୍ ସିଷ୍ଟମ୍ ଏବଂ ପ୍ରଶସ୍ତ ଏସି କ୍ୟାବିନ୍ ଦ୍ୱାରା ଚାଳକଙ୍କ ଆରାମ ବୃଦ୍ଧି ପାଏ। ଗାଡ଼ିର ଉପଲବ୍ଧତା ବୃଦ୍ଧି ଏବଂ ଖର୍ଚ୍ଚ ହ୍ରାସ ପାଇଁ ମହିନ୍ଦ୍ରାର ୪୮ ଘଣ୍ଟାର ଅପଟାଇମ୍ ଗ୍ୟାରେଣ୍ଟି ରହିଛି। ଗାଡ଼ି ୪୮ ଘଣ୍ଟା ମଧ୍ୟରେ ରାସ୍ତାକୁ ନଫେରିଲେ ଗ୍ରାହକ ଦୈନିକ ୧୦,୦୦୦ ଟଙ୍କା ଅନୁକମ୍ପା ରାଶି ପାଇବେ। ଜାତୀୟ ରାଜପଥରେ ୭୫ କିମି ଏବଂ ରାଜ୍ୟ ରାଜପଥରେ ୫୦ କି.ମି. ମଧ୍ୟରେ ମହିନ୍ଦ୍ରା କ୍ୱିକ୍ ସର୍ଭିସ୍ ପଏଣ୍ଟ (ଏମକ୍ୟୁଏସପି) ଉପଲବ୍ଧ। ଏହାସହ ୨୫୦ଟି ଜରୁରୀ ପାର୍ଟସ୍ ୨୪ ଘଣ୍ଟା ମଧ୍ୟରେ ନମିଳିଲେ ତାହା ମାଗଣାରେ ଯୋଗାଇ ଦିଆଯିବ।

କଣ୍ଟ୍ରୋଲ୍ ମୋର (ଅଧିକ ନିୟନ୍ତ୍ରଣ): ବ୍ଲେଜୋ ଆଇ-ଟ୍ରକରେ ଆଇ-ମ୍ୟାକ୍ସ ୨.୦ କନେକ୍ଟେଡ୍ ଭେହିକିଲ୍ ପ୍ଲାଟଫର୍ମ ରହିଛି ଏହା ରିଅଲ-ଟାଇମ୍ ଗାଡ଼ି ସୂଚନା, ପ୍ରିଡିକ୍ଟିଭ୍ ଡାଇଗ୍ନୋଷ୍ଟିକ୍ସ, ଡ୍ରାଇଭର ବ୍ୟବହାର ଅନୁଧ୍ୟାନ ଏବଂ ସର୍ଭିସ୍ ମ୍ୟାନେଜମେଣ୍ଟ ପ୍ରଦାନ କରେ ଗ୍ରାହକଙ୍କ ପାଇଁ ଦୀର୍ଘକାଳୀନ ଏମକେୟାର୍ ଏଏମସି ଏବଂ ଏକ୍ସଟେଣ୍ଡେଡ୍ ୱାରେଣ୍ଟି ଯୋଜନା ଉପଲବ୍ଧ। ନୂତନ ନାଓ ୨୪ଘ୭ ମୋବାଇଲ୍ ଆପ୍ ମାଧ୍ୟମରେ ଗ୍ରାହକ ସର୍ଭିସ୍ ଅନୁରୋଧ, ବ୍ରେକଡାଉନ୍ ଭ୍ୟାନ୍ ଲାଇଭ୍ ଲୋକେସନ୍, ସ୍ପେୟାର ପାର୍ଟସ୍ ଅର୍ଡର ଏବଂ ସେବା ଇତିହାସ ନିଜ ମୋବାଇଲରୁ ନିୟନ୍ତ୍ରଣ କରିପାରିବେ।

ଇଣ୍ଟେଲିକୋର୍ ଡିଜାଇନ୍ : ବ୍ଲେଜୋ ଆଇ-ଟ୍ରକର ଡିଜାଇନ୍ ମହିନ୍ଦ୍ରାର ଇଣ୍ଟେଲିକୋର୍ଦ ଡିଜାଇନ୍ ର ପ୍ରଥମ ଉତ୍ପାଦ ଏହାର ଓସାରିଆ ଗ୍ରିଲ୍ ଏବଂ ହାଇ-ପରଫରମାନ୍ସ ହେଡଲ୍ୟାମ୍ପ ଗାଡ଼ିକୁ ମଜବୁତ୍ ଲୁକ୍ ଦିଏ କ୍ୟାବିନ୍‌ଟି ଚାଳକଙ୍କ ପାଇଁ ଏକ ସୁବିଧାଜନକ ଅଫିସ୍ ଭାବରେ ନିର୍ମିତ ଏହି ସିରିଜ୍ ସ୍କାଇଲାଇନ୍ ବ୍ଲୁ ରଙ୍ଗ ସହିତ ମୋଟ ୩ଟି ରଙ୍ଗରେ ଉପଲବ୍ଧ ହେବ।

ଲଞ୍ଚ ଅବସରରେ ମହିନ୍ଦ୍ରା ଗ୍ରୁପର ପ୍ରେସିଡେଣ୍ଟ (ଟ୍ରକ୍ସ ଏଣ୍ଡ ବସେସ୍) ବିନୋଦ ସାହାଏ କହିଛନ୍ତି ଯେ, ଭାରତର ମାଲ ପରିବହନ କ୍ଷେତ୍ର ନୂତନ ଯୁଗରେ ପ୍ରବେଶ କରୁଛି, ଯେଉଁଠାରେ ପ୍ରଯୁକ୍ତି ଓ ଦକ୍ଷତା ହିଁ ପ୍ରତିଯୋଗିତା ନିର୍ଦ୍ଧାରଣ କରିବ ବ୍ଲେଜୋ ଆଇ-ଟିଆରକେ ଟ୍ରକ୍ ପ୍ରକୃତରେ ପ୍ରଫିଟ୍ କା ରକେଟ୍‌ଦ ଯାହା ୫ ବର୍ଷରେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଧିକ ଲାଭ ଦେବ।

**ବୈଷୟିକ ବିବରଣୀ:**

୩୬୦ ଏଚପି ଏମପାୱାର ଇଞ୍ଜିନ୍: ୭.୨ ଲିଟର ଇଞ୍ଜିନ୍ ୧୧୦୦ ରୁ ୧୭୦୦ ଆରପିଏମ୍ ମଧ୍ୟରେ ୧୧୦୦ ଏନଏମ ଟର୍କ ପ୍ରଦାନ କରେ, ଯାହା ଗିୟର ବଦଳାଇବା କମାଏ ଏବଂ ମାଇଲେଜ୍ ବଢ଼ାଏ

ଟର୍ବୋମ୍ୟାକ୍ସ: ଇଞ୍ଜିନରେ ବାୟୁ ପ୍ରବାହ ବଢ଼ାଇ କମ୍ ଆରପିଏମ୍‌ରେ ଅଧିକ ଟର୍କ ଏବଂ ଉତ୍ତମ ମାଇଲେଜ୍ ପ୍ରଦାନ କରେ

ଅପ୍ଟିଫ୍ୟୁଏଲ୍: ଆବଶ୍ୟକତା ନଥିବା ସମୟରେ ଏୟାର କମ୍ପ୍ରେସରକୁ ଅଟୋମେଟିକ୍ ବନ୍ଦ କରି ଇଞ୍ଜିନ୍ ଶକ୍ତି ବଞ୍ଚାଏ

ଏଆଇ-ଚାଳିତ ଆଇ-ଫ୍ୟୁଏଲ୍-ସ୍ମାର୍ଟ: ରାସ୍ତାର ଢାଲ ଓ ଓଜନ ଅନୁସାରେ ସ୍ୱୟଂଚାଳିତ ଭାବେ ସର୍ବୋତ୍ତମ ଡ୍ରାଇଭିଂ ମୋଡ୍ ବାଛିଥାଏ

ଆଇ-ମ୍ୟାକ୍ସ ୨.୦ ଫିଚର୍ସ: ରିମୋଟ୍ ଏସି ମ୍ୟାନେଜମେଣ୍ଟ, ରିମୋଟ୍ ଭେହିକିଲ୍ କ୍ରାଙ୍କ ଇନହିବିଟ୍ (ଇଞ୍ଜିନ୍ ଲକ୍), ଏୟାର ଫିଲ୍ଟର ସଫେଇ ଆଲର୍ଟ, ଡିପିଏଫ୍ ଆଲର୍ଟ, ଡିଷ୍ଟାନ୍ସ-ଟୁ-ଏମ୍ପଟି (ଡିଟିଇ) ମନିଟରିଂ, ଫ୍ଲିଟସେନ୍ସ ରିପୋର୍ଟ, ସ୍କୋରମ୍ୟାକ୍ସ ଡ୍ରାଇଭର ଆନାଲିଟିକ୍ସ ଏବଂ କ୍ୟାମେରା ଆଧାରିତ ଡ୍ରାଇଭର ମନିଟରିଂ ସିଷ୍ଟମ୍ (ଡିଏମଏସ୍)

ଅନ୍ୟାନ୍ୟ ସୁବିଧା: କମ୍ଫିମ୍ୟାକ୍ସ ସସପେନ୍ସନ୍ ସିଟ୍, ଇଜି-କ୍ରୁଜ୍ କ୍ରୁଜ୍ କଣ୍ଟ୍ରୋଲ୍, ୪୩୦ ଏମଏମ ହେଭି ଡ୍ୟୁଟି କ୍ଲଚ୍, ବ୍ଲୁଟୁଥ୍ ଏସି କ୍ୟାବିନ୍, ୨୪/୭ ଆପ୍, ଏବଂ ମାଇଲେଜ୍ ବୃଦ୍ଧି ପାଇଁ ଏରୋକିଟ୍-ରେଡି ଡିଜାଇନ୍

## କାଶୀନଗରରେ ବ୍ଲକ୍‌ସ୍ତରୀୟ ଯୁବ ସମ୍ମିଳନୀ



କାଶୀନଗର ,୮।୯(ଆନିସ): କାଶୀନଗର ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବେଟି ବଚାଓ , ବେଟି ପଢ଼ାଓ ଯୋଜନାର ପ୍ରଚାର ପ୍ରସାର ଉପଲକ୍ଷେ ମଙ୍ଗଳ ବାର ଦିନ ଏକ ବ୍ଲକ୍ ସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି . ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ବାରିକଙ୍କ ସଭାପତିତ୍ୱରେ ଏ ଉପଲକ୍ଷେ ଆୟୋଜିତ ସମାବେଶରେ ଏବିଡିଓ ମାନସ ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ପୋଲିସ୍ ଅଧିକାରୀ ଆଲୋକ ଜଗଦଲ୍ , ସି ଡି ପି ଓ କେ . କୋଟେଶ୍ୱରୀ , ସ୍ଥାନୀୟ ସି ଏଚ୍ ସି ଡାକ୍ତର , ଡି ଏଚ ଇ ଡବ୍ଲ୍ୟୁ ସଂଯୋଜକ ଏଲ୍ . ରାମ ପ୍ରସାଦ , ଜେଣ୍ଡର ବିଶେଷଜ୍ଞ ସୂର୍ଯ୍ୟ ପ୍ରସାଦ ପାଢ଼ୀ , କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର , ବରିଷ୍ଠ ନାଗରିକ ହୃଷିକେଶ ଗୌଡ଼ ପ୍ରମୁଖ ମଂଚାସୀନ ହୋଇ ବାଳିକା ଓ ମହିଳା ସଶକ୍ତିକରଣ , ବାଳିକା ଶିକ୍ଷାର ଆବଶ୍ୟକତା , ଲିଙ୍ଗ ପକ୍ଷପାତିତା ଓ ନିର୍ଦ୍ଧାରଣର ନିରାକରଣ, ସ୍ଥାନୀୟ ସ୍ତରରେ ଯୁବ ଚମ୍ପିଆନ ସୃଷ୍ଟି ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ।ବେଟି ବଚାଓ , ବେଟି ପଢ଼ାଓ ପ୍ରସଙ୍ଗକୁ ନେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସେହିପରି ସ୍ଥାନୀୟ ବାରାଣସୀ ସରକାରୀ ହାଇସ୍କୁଲ ପକ୍ଷରୁ ମଙ୍ଗଳବାର ଦିନ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ପାଳିତ ହୋଇଥିଲା। ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରବର୍ତ୍ତୀ ସମୟରେ ବିଇଓ କାର୍ଯ୍ୟାଳୟ ପରିସରରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଏବିଇଓ ତଥା ବି.ଆର ସି ସି ସୋମେଶ୍ୱର ରାଓ , ଶିକ୍ଷକ ଶିକ୍ଷୟିତ୍ରୀ , ସି ଆର ସି ସି ଅନ୍ତର୍ଜାତିକ ସାକ୍ଷରତା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ନୟାଗଡ଼ରେ ବିଜେପିର ମିଶ୍ରଣ ପର୍ବ



ନୟାଗଡ଼,୮।୯(ଆନିସ):ସ୍ଥାନୀୟ ପୁରୁଣା ରାଜବାଟୀସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟଠାରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକାଭିମୁଖୀ ଶାସନ ଓ ବିକାଶମୁଖୀ ନୀତି ପ୍ରତି ଆକୃଷ୍ଟ ହୋଇ ବିଜେଡିର ବହୁ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି।

ଏଥିସହ ନୟାଗଡ଼ରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଭୟମୁକ୍ତ, ଭ୍ରଷ୍ଟାଚାରମୁକ୍ତ ଓ ବିକାଶମୁଖୀ ନୟାଗଡ଼ ଗଠନର ସଂକଳ୍ପ ଏବଂ ଦୃଢ଼ ନେତୃତ୍ୱକୁ ପାଥେୟ କରି ବିରୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିରୁଡ଼ା, ପାଣ୍ଡେରୀ ପାଟଣା, ମର୍ଦ୍ଦରାଜପୁର ଓ ବାଘରା ଗ୍ରାମର ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଓ କାର୍ଯ୍ୟକର୍ତ୍ତା ବିଜୁ ଜନତା ଦଳ ପରିତ୍ୟାଗ କରି ବିଜେପିରେ ଯୋଗଦାନ କରିଛନ୍ତି। ବିରୁଡ଼ା ଗ୍ରାମ ପଞ୍ଚାୟତର ପଞ୍ଚାୟତ ପ୍ରମୁଖ ଗୌରାଙ୍ଗ ଦଶ, ପଞ୍ଚାୟତ ସଭାପତି ଅନନ୍ତ ଚରଣ ଲେଙ୍କା, ମନୋଜ ଖଟୁଆ, ପ୍ରକାଶ ପଳେଇ ଏବଂ ମନୋଜ ମିଶ୍ରଙ୍କ ନେତୃତ୍ୱରେ ଏହି ଯୋଗଦାନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଉପସ୍ଥିତିରେ ନୂତନ କାର୍ଯ୍ୟକର୍ତ୍ତାମାନେ ବିଜେପିର ଦଳୀୟ ଉତ୍ତରୀୟ ପରିଧାନ କରି ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ।

ସେହିପରି ସାମ୍ପ୍ରତିକ ସମୟରେ ଜେନ୍-ଜି ଯୁବଗୋଷ୍ଠୀଙ୍କ ରାଜନୈତିକ ସଚେତନତା ଓ ସକ୍ରିୟତା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଇଟାମାଟି ଗ୍ରାମର ୱାର୍ଡ ନଂ-୧୪ର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଜେନ୍-ଜି ଯୁବକ-ଯୁବତୀ ଇଟାମାଟି ମଣ୍ଡଳ ସଭାପତି ବିଷ୍ଣୁ ପ୍ରସାଦ ସାହୁଙ୍କ ନେତୃତ୍ୱରେ ବିଜେପିରେ ସାମିଲ ହୋଇଥିଲେ।

ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ଆଜି ପୁନର୍ବାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ବିଜୁ ଜନତା ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ଉକ୍ତ ମିଶ୍ରଣ ପର୍ବକୁ ନୟାଗଡ଼ ନଗର ମଣ୍ଡଳ ପ୍ରଭାରୀ ତଥା ପୂର୍ବତନ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ନସିର ଅହମଦ ଏବଂ ନୟାଗଡ଼ ନଗର ମଣ୍ଡଳ ପ୍ରତିନିଧି ତଥା ଓଡ଼ଗାଁ ଏନ୍.ଏ.ସି. ମଣ୍ଡଳ ସହ-ପ୍ରଭାରୀ ରଂଜନ ରଶ୍ମି ଜେନା ପରିଚାଳନା କରିଥିଲେ।


ଏହି ଅବସରରେ ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ବିଜେପି ଉପ-ସଭାପତି ମାଧବ ବେହେରା, ଇଟାମାଟି ମଣ୍ଡଳ ପ୍ରତିନିଧି ରାଜକିଶୋର ପୃଷ୍ଟି, ଇଟାମାଟି ମଣ୍ଡଳ ପ୍ରଭାରୀ ରମେଶ ପ୍ରଧାନ, ଲାଠିପଡ଼ା ମଣ୍ଡଳ ସଭାପତି ଦିଲ୍ଲୀପ ପ୍ରଧାନ, ଭାଟସାହି ମଣ୍ଡଳ ସଭାପତି ଅକ୍ଷୟ କୁମାର ନାୟକଙ୍କ ସମେତ ମହିଳା ମୋର୍ଚ୍ଚାର ପ୍ରମିଳା ମୁଦୁଲି, ସୁଜାତା ତ୍ରିପାଠୀ ଓ ରଂଜିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ବିଜେପି ନେତୃବୃନ୍ଦ ନବାଗତ କାର୍ଯ୍ୟକର୍ତ୍ତାମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ।ଏହି ବିଶାଳ ମିଶ୍ରଣ ପର୍ବ ନୟାଗଡ଼ରେ ବିଜେପି ପ୍ରତି ଜନସାଧାରଣଙ୍କ ବଢ଼ୁଥିବା ଆସ୍ଥା, ଯୁବପିଢ଼ିଙ୍କ ଆକର୍ଷଣ ଏବଂ ଦଳର ସାଂଗଠନିକ ଶକ୍ତିକୁ ଆହୁରି ସୁଦୃଢ଼ କରିଥିବା ବିଜେପି ନେତୃବୃନ୍ଦ ପ୍ରକାଶ କରିଛନ୍ତି।

## ନୟାଗଡ଼ରେ ପଲିଥିନ୍ ଓ ପ୍ଲାଷ୍ଟିକ ଜିନିଷ ଉପରେ ଜୋରଦାର ଚଢାଉ, ଦୋକାନୀ ଛାନିଆ

ନୟାଗଡ଼,୮।୯(ଆନିସ): ନୟାଗଡ଼ ମ୍ୟୁନିସିପାଲ୍ଟି ତରଫରୁ ନୟାଗଡ଼ ସହରର ବିଭିନ୍ନ ଦୋକାନ ଉପରେ ଆଜି ଜୋରଦାର ଚଢଉ କରାଯାଇ ପ୍ଲାଷ୍ଟିକ ଜିନିଷ ଓ ପଲିଥିନ ଜବତ ହେବା ସହିତ ୧୩,୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ନୟାଗଡ଼ ସହରରେ ଏପରି ଚଢଉ ଦେଖି ଦୋକାନୀମାନେ ଛାନିଆ ହୋଇପଡିଛନ୍ତି । ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀକରଣ ଦଳର ୧୦ ଜଣିଆ ଟିମ ଚଢଉରେ ସାମିଲ ହୋଇଛନ୍ତି । ଆଜି ସନ୍ଧ୍ୟାସୁଦ୍ଧା ୧୯ କେ.ଜି. ପଲିଥିନ୍ ଓ କିଛି ପ୍ଲାଷ୍ଟିକ ସାମଗ୍ରୀ ଜବତ ହେବା ସହିତ ଜରିମାନା ଆଦାୟ ହୋଇଛି । ଖଣ୍ଡପଡା ରାସ୍ତା, ପି.ଟି.ଏସ୍. ଛକ ସହିତ ପ୍ରାୟ ୩୭ ଟି ଦୋକାନ ଉପରେ ଚଢଉ କରାଯାଇଛି । ଏହି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଚଢଉ ଟିମରେ ନାରାୟଣ ନାୟକ, ଅଜିତ କୁମାର ମଲ୍ଲିକ, ଦୀପକ କୁମାର ଜେନା, ହଜରତ ଅଲ୍ଲି ଖାଁ, କୁମାର ଚନ୍ଦ୍ର ମିଶ୍ର, ବିଭୁତି ଭୂଷଣ ସାହୁ ଓ ପରିମଳ ସଂସ୍ଥାର କର୍ମଚାରୀମାନେ ସାମିଲ ଥିଲେ । ବର୍ତ୍ତମାନ ଅଧିକାଂଶ ଦୋକାନରେ ପଲିଥିନର ବହୁଳ ବ୍ୟବହାର ଯୋଗୁଁ ଏହା ସମସ୍ତଙ୍କର ଚିନ୍ତାର କାରଣ ପାଲଟିଛି । ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ସହିତ ବିଭିନ୍ନ ରୋଗ ସଂକ୍ରମଣ ହେବାର ଆଶଙ୍କା ରହିଥିବାରୁ ଏପରି ଚଢାଉ କରାଯାଉଛି ।

## ଆଗକୁ ଆସୁଛି ପାର୍ବଣ, ମୂର୍ତ୍ତି ଗଢିବାରେ ନିମଗ୍ନ କରିଗର

ଘୁ.ଉଦୟଗିରି,୮।୯(ଆନିସ): ଆଗକୁ ଆସୁଛି ପାର୍ବଣ। ଏଥି ପାଇଁ ପଲ୍ଲୀ ରୁ ସହର ସବୁଠି ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଆରମ୍ଭ ହୋଇଛି ମୂର୍ତ୍ତି ଗଢ଼ା। ପ୍ରଥମେ ଅଗ୍ରପୁଜ୍ୟ ଗଜାନନ ଙ୍କ ଆବାହନ ରୁ ପାର୍ବଣ ଆରମ୍ଭ ହେବାକୁ ଥିବା ବେଳେ ପରେ ପରେ ବିଶ୍ୱକର୍ମା ପୂଜା, ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ଆସୁଛି। ଯାହାକୁ ନେଇ ପୂଜା ମଣ୍ଡପ ଗୁଡିକର ପ୍ରସ୍ତୁତି ଜୋରଦାର କରିଥିବା ବେଳେ ବିଭିନ୍ନ ମଣ୍ଡପ ତରଫରୁ ଭିର୍ଣ୍ଣ ଭିର୍ଣ୍ଣ କଳାକୃତି ମୂର୍ତ୍ତି ନିର୍ମାଣ କରିବାକୁ ସ୍ଥିର କରାଯାଇଛି। ଯାହାକୁ ନେଇ ମୂର୍ତ୍ତି କାରିଗାର ମାନେ ଏହି ଅବସର କୁ ଚାହିଁ ବସିଥିବା ବେଳେ ଭଲ ଦୁଇ ପଇସା ପାଇବା ପାଇଁ ଆଶା କରି ବସିଛନ୍ତି। ନିର୍ଧାରିତ ସମୟ ମଧ୍ୟରେ ସବୁ ମୂର୍ତ୍ତି ଗଢ଼ା କାମ ଶେଷ କରିବାକୁ ସବୁ ସାମର୍ଥ୍ୟ ଲଗାଇ ଦେଇଥିବା ବେଳେ ହାତରେ ରହିଛି କାମ ଦିନ। ଶିକ୍ଷାନୁଷ୍ଠାନ ଗୁଡିକ ସହିତ ସାହି ସାହି ରେ ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ଆୟୋଜିତ ହୋଇଥାଏ ଗଣେଶ ପୂଜା। ଶିକ୍ଷାର୍ଥୀ ଙ୍କ ସହିତ ଯୁବ ପିଢ଼ି




ଉତ୍ସାହିତ ଥିବା ବେଳେ ଆରମ୍ଭ ହେଲାଣି ମଣ୍ଡପ ସାଜସଜ୍ଜା।

# କଟାଙ୍ଗ ପୁରାତନ ଶୈବପୀଠରେ ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ବିକାଶ ପାଇଁ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ଫୁଲବାଣୀ , ୮/୯ (ଆନିସ): କନ୍ଧମାଳ ଜିଲ୍ଲାର ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଲୁଚି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହାସିକ-ଧାର୍ମିକ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ପାଇଁ ପ୍ରଶାସନର ପଦକ୍ଷେପ ଏବେ ଆଶା ସଞ୍ଚାର କରିଛି। ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସୁମେରବନ୍ଧ ପଞ୍ଚାୟତର ଅପହଞ୍ଚ ଅଞ୍ଚଳରେ ଥିବା ପୁରାତନ କଟାଙ୍ଗି ଶୈବପୀଠର ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟନ ବିକାଶ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଇଛି।

କନ୍ଧମାଳ ଜିଲ୍ଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ଶମ୍ଭୁନାଥ ନନ୍ଦୀଙ୍କ ସହ ଫିରିଙ୍ଗିଆ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟପ୍ରକାଶ ଜେନା ଓ ଯନ୍ତ୍ରୀ ସୁନିଲ କୁମାର ପାତ୍ର କଟାଙ୍ଗ ଅଞ୍ଚଳ ଗସ୍ତ କରି ପୁରାତନ ଶୈବପୀଠ ପରିଦର୍ଶନ କରିଥିଲେ। ଏହି ସମୟରେ ଶୈବପୀଠର ପରିବେଶ, ଏହାର ଚତୁଃପାର୍ଶ୍ୱର ପ୍ରାକୃତିକ



ପରିବେଶ ଓ ଭବିଷ୍ୟତରେ ଏହାକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାର ସମ୍ଭାବନା ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। କଟାଙ୍ଗି ଶୈବପୀଠଟି ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରମୁଖ କେନ୍ଦ୍ର ଭାବେ ରହିଆସିଛି। ଏହି ଶୈବ ପୀଠ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ହୋଇଥିବାରୁ ଏହ ଲୋକଲୋଚନକୁ ଆସିପାରିନାହିଁ। ଯଦି ଏଠାରେ ଆବଶ୍ୟକ ଭିତ୍ତିଭୂମି ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଏ, ତେବେ କଟାଙ୍ଗି ଶୈବପୀଠ କନ୍ଧମାଳ ଜିଲ୍ଲାର ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ଭାବେ ଉଭା ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ବିଶେଷକରି ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ରାସ୍ତାଘାଟର ଉନ୍ନତି, ପାନୀୟ ଜଳ, ବସିବା ସ୍ଥାନ, ଆଲୋକୀକରଣ, ପରିମଳ ବ୍ୟବସ୍ଥା, ସୂଚନା ଫଳକ ଓ ପରିବେଶ ସୁରକ୍ଷା ଭଳି ମୌଳିକ ସୁବିଧାର ବିକାଶ ହେଲେ ଏହି ସ୍ଥାନର ଗୁରୁତ୍ୱ ଆହୁରି ବଢ଼ିବ। ଏହା ଫଳରେ ଧାର୍ମିକ ପର୍ଯ୍ୟଟନ ସହିତ ସ୍ଥାନୀୟ ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶର ମଧ୍ୟ ନୂଆ ସୁଯୋଗ ସୃଷ୍ଟି ହୋଇପାରିବ।ଦୀର୍ଘଦିନ ଧରି ଅବହେଳିତ ହୋଇ ରହିଥିବା କଟାଙ୍ଗି ଶୈବପୀଠର ବିକାଶ ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସ୍ଥଳ ପରିଦର୍ଶନ କରିବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଓ ଆଶା ବଢ଼ିଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ନନ୍ଦୀ ଓ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜେନାଙ୍କ ଏହି ପଦକ୍ଷେପ ପାଇଁ କଟାଙ୍ଗ ଅଞ୍ଚଳବାସୀ ସାଧୁବାଦ ଜଣାଇବା ସହ ଶୈବପୀଠର ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଫିରିଙ୍ଗିଆ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଁ. ଜୟ ପ୍ରକାଶ ଜେନା ଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା କାର୍ଯ୍ୟ ଦକ୍ଷତା ଓ ଆଗ୍ରହ ପ୍ରକାଶ ଯୋଗୁଁ କଟଙ୍ଗ ଗୁମ୍ଫା ର ଉନ୍ନୟନ କାର୍ଯ୍ୟ ଆରଂଭ ସମ୍ଭବ ହୋଇଥିବା କୁହାଯାଉଛି

# ସ୍ୱାତୀ ଅନୁଷ୍ଠାନ ଦ୍ୱାରା ବିଭିନ୍ନ ସ୍ଥାନରେ ଜାତୀୟ ପୋଷଣ ସପ୍ତାହ ପାଳିତ

ଫୁଲବାଣୀ, ୮।୯ (ଆନିସ): ସାରା ଦେଶରେ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୦୧ ଠାରୁ ୦୭ ତାରିଖ ପର୍ଯ୍ୟନ୍ତ ପୋଷଣ ସପ୍ତାହ ପାଳନ ହେଉଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ଙ୍କ ସହଯୋଗରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳନ କରିଛନ୍ତି । ଏହି ସପ୍ତାହ ପାଳନ ଅବଶରରେ ଅନୁଷ୍ଠାନ ତରଫରୁ ଚାଲିଥିବା ମା ଗୃହ ପ୍ରକଳ୍ପ ତରଫରୁ ଗର୍ଭବତି ଓ ପ୍ରସୁତି ମାନଙ୍କ ପାଇଁ



ଆବଶ୍ୟକ ହେଉଥିବା ପୋଷଣ ଯୁକ୍ତ ଖାଦ୍ୟ କିପରି ନିଜ ବାଡିବଗିଚା ରୁ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ଏଥିସହିତ ମା ଗୃହରେ ଅବସ୍ଥାପିତ ଗର୍ଭବତି ମହିଳା ମାନଙ୍କୁ ପ୍ରସୁତି ସମୟରେ କିପରି ଖାଦ୍ୟ ଖାଇବେ ତାହା ମଧ୍ୟ ଜଣାଯାଇଥିଲା । ଏହା ସପ୍ତାହ ସାରା ଦେଶରେ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିଜ ଶରୀର କୁ ସୁସ୍ଥ ରଖିବା ପାଇଁ ହେଲେ ଶୁଷମ ଖାଦ୍ୟ ଯେପରିକି ତ୍ରିରଙ୍ଗା ପତାକା ର ତିନୋଟି ରଙ୍ଗ ଅଛି ପ୍ରତିଦିନ ଆମର ଖାଇବା ଥାଳି ସେହିପରି ତିନୋଟି ରଙ୍ଗର ଖାଦ୍ୟରେ ଭରପୁର ହେବା ଆବଶ୍ୟକ ବୋଲି ସମସ୍ତେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ ଏ.ଏନ୍.ଏମ୍ , ସି.ଏଚ୍.ଓ. , ଅଙ୍ଗନବାଡି ଓ ଆଶା ଦିଦି ମାନେ ଉପସ୍ଥିତ ରହି ପୋଷଣ ବା ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ଆମେ ସବୁସମୟରେ ବାହାରେ ମିଳୁଥିବା ଦାମିକା ଖାଦ୍ୟ ଉପରେ ନିର୍ଭର ନକରି ନିଜ ଘର ବାରିରେ ମିଳୁଥିବା ସଜନା ସାଗ, ସଜନା ଛୁଇଁ, କଂଚା କଦଳି, ଅମୃତଭଣ୍ଡା, କାଗିଜି ଲେମ୍ବୁ ଇତ୍ୟାଦି ସବୁଦିନ ଖାଦ୍ୟରେ ଖାଇଲେ ଶରୀରରେ ଲୌହସାର ବଢିବା ସହିତ ପୋଷକ ତତ୍ୱ ମଧ୍ୟ ମିଳି ପାରିବ ବୋଲି କୁହାଯାଇଥିଲା । ଗର୍ଭବତି ମହିଳା ମାନେ ପୁଷ୍ଟିକର ଖାଦ୍ୟ ଖାଇଲେ ନିଜେ ସୁସ୍ଥ ରିବା ସହିତ ଜଣେ ସୁସ୍ଥ ଶିଶୁ କୁ ସମାଜକୁ ଆଣିପାରିବେ ବୋଲି ସ୍ୱାସ୍ଥ୍ୟ କର୍ମୀମାନେ ମଧ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ । ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ଗୁଡିକରେ ମା ଗୃହ ଦାୟିତ୍ୱରେ ଥିବା ଏ.ଏନ୍.ଏମ୍. ସଂଯୋଜିକା ଓ ମହିଳା ସ୍ୱାସ୍ଥ୍ୟ ସହାୟିକା ମାନେ ପରିଚାଳନା ରେ ସହଯୋଗ କରିଥିଲେ ।

### ଗଞ୍ଜେଇ ଚାଲାଣ ବେଳେ ପୋଲିସର ବଡ଼ ଧରପଗଡ଼

# ୪୨ କେଜି ଗଞ୍ଜେଇ ସହ ଦୁଇ ବନ୍ଧୁକ ଜବତ ୩ ଗିରଫ

ବାଲିଗୁଡ଼ା, ୮।୯ (ଆନିସ): କନ୍ଧମାଳ ଜିଲ୍ଲାରେ ନିଶା କାରବାର ଓ ଅପରାଧୀଙ୍କ ବିରୋଧରେ ବାଲିଗୁଡ଼ା ପୋଲିସର ଅଭିଯାନ ଜୋରଦାର ହୋଇଛି। ପାଟ୍ରୋଲିଂ ସମୟରେ ମିଳିଥିବା ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ ଚଢ଼ାଉ କରି ୪୨ କିଲୋ ୪୦୦ ଗ୍ରାମ ଚୋରା ଗଞ୍ଜେଇ, ଦୁଇଟି ଦେଶୀ ନିର୍ମିତ ଏସ୍‌ବିଏମ୍‌ଏଲ୍ ବନ୍ଧୁକ ଏବଂ ଦୁଇଟି ମୋଟରସାଇକେଲ ଜବତ କରିଛି।ଏହି ଘଟଣାରେ ପୋଲିସ ତିନି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲିଗୁଡ଼ା ଥାନା ଅନ୍ତର୍ଗତ ତଳିପଡ଼ା ଗ୍ରାମର ନୀଳାମ୍ବତ ମଲ୍ଲିକ (୨୬), ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ବନ୍ଧଗିଡ଼ା ଗ୍ରାମର ବୀରେନ୍ଦ୍ର ମଲ୍ଲିକ (୨୦) ଏବଂ କେନ୍ଦୁବାଡ଼ା ଗ୍ରାମର ରଞ୍ଜିତ ଭୋଇ (୨୧)।ଏନେଇ ବାଲିଗୁଡ଼ା ଥାନାରେ ମାମଲା ନଂ-୨୨୬/୨୦୨୬ ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି) ଏବଂ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫(୧-ବି)(କ) ଅନୁଯାୟୀ ମାମଲା ରୁଜୁ କରାଯାଇଛି।ପୋଲିସର ପ୍ରାଥମିକ ତଦନ୍ତରୁ ଗିରଫ ତିନି ଅଭିଯୁକ୍ତଙ୍କର କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଘଟିଥିବା ଡକାୟତି ସମେତ ଏକାଧିକ ଅପରାଧିକ ମାମଲା ସହ ସମ୍ପୃକ୍ତି ଥିବା ସୂଚନା ମିଳିଛି। ଗଞ୍ଜେଇ ଚାଲାଣ ଓ ଅସ୍ତ୍ରଶସ୍ତ୍ର କାରବାର ପଛରେ ଆଉ କେହି ସଂଶ୍ଳିଷ୍ଟ ଅଛନ୍ତି କି ନାହିଁ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ ଭୋସଲେଙ୍କ ନେତୃତ୍ୱରେ ପୋଲିସର ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ବିବାଦ ପରେ ପୁଣି ନୀଳ ରଙ୍ଗକୁ ଭାରତୀୟ ହକି ଟିମ ଜର୍ସି ପ୍ରତ୍ୟାବର୍ତ୍ତନ!

ନୂଆଦିଲ୍ଲୀ: ଆଉ ଗେରୁଆ ରଙ୍ଗର ଜର୍ସି ରହିବ ନାହିଁ! ଭାରତୀୟ ହକି ଟିମ ପୁଣି ପାରମ୍ପରିକ ନୀଳ ଜର୍ସି ପିନ୍ଧି ମୈଦାନକୁ ଓହ୍ଲାଇବ। ଆସନ୍ତା ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ଓ ହକି ଟିମ ଗେରୁଆ ବଦଳରେ ନୀଳ ରଙ୍ଗ ପିନ୍ଧି ଟର୍ଫରେ ମେଡାଲ ପାଇଁ କରିବେ ଲଢ଼େଇ। ଏନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଅଗଷ୍ଟ ମାସରେ ଆୟୋଜିତ ହକି ବିଶ୍ୱକପ ପୂର୍ବରୁ ହଠାତ୍ ବଦଳି ଯାଇଥିଲା ଭାରତୀୟ ହକି ଟିମ ଜର୍ସିର ରଙ୍ଗ। ପାରମ୍ପରିକ ନୀଳ ରଙ୍ଗ ଛାଡ଼ି ଖେଳାଳିମାନେ ପିନ୍ଧିଥିଲେ କମଳା ରଙ୍ଗର ଜର୍ସି। ବିଶ୍ୱକପରେ କମଳା ରଙ୍ଗର ଜର୍ସିକୁ ନେଇ ବେଶ ବିବାଦ ଦେଖାଯାଇଥିଲା। ଦଳର ଏକାଧିକ ପୂର୍ବତନ ଅଧିନାୟକ ଜର୍ସିର ରଙ୍ଗ ପରିବର୍ତ୍ତନକୁ ନାପସନ୍ଦ କରିଥିଲେ। ବିବାଦ ବଢ଼ୁଥିବା ବେଳେ ହକି ଇଣ୍ଡିଆ ସଫେଇ ଦେଇ କହିଥିଲା ଯେ ନୀଳ ରଙ୍ଗର ସିନ୍ଥେଟିକ ଟର୍ଫ ସହ ଭାରତୀୟ ଖେଳାଳିଙ୍କ କିଟ୍ ମିଶି ଯାଉଥିବାରୁ ଏବେ ଜର୍ସି ରଙ୍ଗରେ ପରିବର୍ତ୍ତନ କରାଯାଇଛି। ନୀଳ ଛାଡ଼ି ଖେଳାଳିମାନେ କମଳ ରଙ୍ଗର ଜର୍ସି ପିନ୍ଧିଥିବା ହକି ଇଣ୍ଡିଆ କହିଥିଲା। ବୋର୍ଡ ଆହୁରି କହିଥିଲା ଯେ ୨୦୧୪ ଏଫଆଇଏଚ୍ ହକି ବିଶ୍ୱକପ ବେଳେ ଭାରତୀୟ ଟିମ ହଳଦିଆ ଜର୍ସି ପିନ୍ଧିଥିଲା। ୨୦୧୮ ସଂସ୍କରଣର ବିଭିନ୍ନ ସମୟରେ ସ୍କାଏ ନୀଳ ଜର୍ସି ମଧ୍ୟ ଖେଳାଳିମାନେ ପିନ୍ଧିଥିଲେ। ତଥାପି ଚଳିତ ବିଶ୍ୱକପରେ ଗେରୁଆ ରଙ୍ଗର ଜର୍ସିକୁ ନେଇ ବିବାଦ ହୋଇଥିଲା। ଏବେ କିନ୍ତୁ ଏସିଆନ ଗେମ୍ସରେ ଭାରତର ପ୍ରଥମ ପସନ୍ଦର କିଟ୍ ନୀଳ ହେବ। ହକି ଇଣ୍ଡିଆ କୋଷାଧ୍ୟକ୍ଷ ଶେଖର ମନୋହରନ କହିଛନ୍ତି, ''ଭାରତୀୟ ଅଲିମ୍ପିକ ଆସୋସିଏସନ ଆମକୁ ପସନ୍ଦର କିଟ ସମ୍ପର୍କରେ ପଚାରିଥିଲା। ହକି ଇଣ୍ଡିଆ ନିଜର ପ୍ରଥମ ପସନ୍ଦ ଭାବେ ନୀଳକୁ ବାଛିଛି।

### ମହିଳା ବିଶ୍ୱକପ୍

# ସେମିରେ ଶ୍ରୀଲଙ୍କାର ପ୍ରବେଶ

ଦୁବାଇ, : ମହିଳା ବିଶ୍ୱକପ୍ ୨୦୨୬ ର ୧୦ମ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇ ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିନେଇଛି ଶ୍ରୀଲଙ୍କା। ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରୀଲଙ୍କା ଦଳର ଏହା କ୍ରମାଗତ ତୃତୀୟ ବିଜୟ ଥିଲା। ଯଦିଓ ୧୧୫ ରନ୍‌ର ଲକ୍ଷ୍ୟକୁ ପିଛା କରିବା ବେଳେ ଶ୍ରୀଲଙ୍କାର ଆରମ୍ଭ ବହୁତ ଖରାପ ରହିଥିଲା ଏବଂ ମାତ୍ର ୪୪ ରନ୍‌ରେ ଅଧିନାୟିକା ଚମାରୀ ଅଟାପଟ୍ଟୁଙ୍କ ସମେତ ୫ ଜଣ ଖେଳାଳି ଆଉଟ୍ ହୋଇଯାଇଥିଲେ।ଏକ ସମୟରେ ମ୍ୟାଚ୍ ଉପରେ ବାଂଲାଦେଶର ପୂରା ନିୟନ୍ତ୍ରଣ ଥିବା ପରି ମନେହେଉଥିଲା, କିନ୍ତୁ ପଞ୍ଚମ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ହର୍ଷିତା ସମରବିକ୍ରମା ଏକ ଚମତ୍କାର ଇନିଂସ ଖେଳି ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ ଏବଂ ଦଳକୁ ବିଜୟୀ କରାଇଥିଲେ। ଏହି ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଚୟନ କରାଯାଇଛି। ଶ୍ରୀଲଙ୍କା ପୂର୍ବରୁ ଟିମ୍ ଇଣ୍ଡିଆ ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିସାରିଛି।ମ୍ୟାଚ୍ ବିଷୟରେ କହିଲେ ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ବାଂଲାଦେଶ ଦଳ ନିର୍ଦ୍ଧାରିତ ୨୦ ଓଭର ବ୍ୟାଟିଂ କରି ୮ ୱିକେଟ୍ ହରାଇ ମାତ୍ର ୧୧୪ ରନ୍ ସ୍କୋର କରିଥିଲା। ବାଂଲାଦେଶ ତରଫରୁ ଶୋଭନା ମୋସ୍ତାରୀ ସର୍ବାଧିକ ୩୪ ରନ୍ ସ୍କୋର କରିଥିବା ବ୍ୟାଟ୍ସମ୍ୟାନ ରହିଥିଲେ। ଶୋଭନାଙ୍କ ବ୍ୟତୀତ ଦିଲାରା ଅଖ୍ତର ୨୬, ଜୁଭେରିଆ ଫିରଦୋସ ଓ ଫାହିମା ଖାତୁନ ୧୪ ରନ୍ ଲେଖାଁଏ ସ୍କୋର କରିଥିଲେ। ଅନ୍ୟପଟେ ଶ୍ରୀଲଙ୍କା ପାଇଁ ଚାମୁଡି ପ୍ରବୋଧା ସର୍ବାଧିକ ୩ଟି ୱିକେଟ୍ ନେବାରେ ସଫଳ ହୋଇଥିଲେ।

ଏହାପରେ ୧୧୫ ରନ୍‌ର ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ଶ୍ରୀଲଙ୍କା ଦଳର ଆରମ୍ଭ ବହୁତ ଖରାପ ରହିଥିଲା। ପ୍ରଥମ ଓଭରରେ ହିଁ ଅଧିନାୟିକା ଚମାରୀ ଅଟାପଟ୍ଟୁ ମାତ୍ର ୧ ରନ୍ କରି ଆଉଟ୍ ହୋଇଯାଇଥିଲେ ଏବଂ ପାୱାରପ୍ଲେ ଶେଷ ହେବା ସୁଦ୍ଧା ଶ୍ରୀଲଙ୍କା ଆହୁରି ଦୁଇଟି ୱିକେଟ୍ ହରାଇଥିଲା। ଏହାପରେ ୯ମ ଏବଂ ୧୦ମ ଓଭରରେ ବିଶ୍ମୀ ଗୁଣରତ୍ନେ ଏବଂ କବିଶା ଦିଲହାରୀ ଆଉଟ୍ ହେବା ଫଳରେ ଦଳର ଅସୁବିଧା ଆହୁରି ବଢ଼ିଯାଇଥିଲା। ମାତ୍ର ୪୪ ରନ୍‌ରେ ୫ଟି ୱିକେଟ୍ ପଡ଼ିଯିବା ଯୋଗୁଁ ଶ୍ରୀଲଙ୍କା ସଙ୍କଟରେ ପଡ଼ିଯାଇଥିଲା ଏବଂ ମ୍ୟାଚ୍ ଉପରେ ବାଂଲାଦେଶର ପକ୍କଡ଼ ମଜବୁତ ଦେଖାଯାଉଥିଲା।

ପଞ୍ଚମ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ହର୍ଷିତା ସମରବିକ୍ରମା ଏକ ସ୍ମରଣୀୟ ଇନିଂସ ଖେଳି ନୀଳାକ୍ଷିକା ସିଲ୍ଭାଙ୍କ ସହ ଷଷ୍ଠ ୱିକେଟ୍ ପାଇଁ ୩୮ ରନ୍‌ର ପାର୍ଟନରସିପ୍ କରିଥିଲେ। ଶ୍ରୀଲଙ୍କା ଦଳ ପାଇଁ ଶେଷ ୩ ଓଭରରେ ୨୯ ରନ୍ ଆବଶ୍ୟକ ଥିଲା। ଏହି ସମୟରେ ଶ୍ରୀଲଙ୍କା ଦଳ ୧୮ତମ ଓଭରରେ ୧୬ ରନ୍ ଏବଂ ୧୯ତମ ଓଭରରେ ୧୧ ରନ୍ ସଂଗ୍ରହ କରି ମ୍ୟାଚ୍‌କୁ ନିଜ ଆଡ଼କୁ ଆଣି ଦେଇଥିଲା। ଶ୍ରୀଲଙ୍କା ୧୯ତମ ଓଭରର ଦ୍ୱିତୀୟ ବଲ୍‌ରେ ୪ ୱିକେଟ୍‌ରେ ଏହି ମ୍ୟାଚ୍ ଜିତି ନେଇଥିଲା।ଶ୍ରୀଲଙ୍କାର ହର୍ଷିତା ସମରବିକ୍ରମା ୪ଟି ଚୌକା ଏବଂ ୨ଟି ଛକା ସହାୟତାରେ ୪୮ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ଏବଂ ଦଳକୁ ବିଜୟୀ କରାଇଥିଲେ। ଏଥିପାଇଁ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଆୱାର୍ଡ ଦିଆଯାଇଥିଲା। ଶ୍ରୀଲଙ୍କା ଏହି ବିଜୟ ଏସିଆ କପ୍ ୨୦୨୬ ସେମିଫାଇନାଲରେ ପହଞ୍ଚିଥିବା ଦ୍ୱିତୀୟ ଦଳ ହୋଇଛି।

# ଯାଜପୁର ବିଜେପିରେ ବଢୁଛି ଅସନ୍ତୋଷ, ସର୍କିଟ ହାଉସରେ ନେତା-କର୍ମୀଙ୍କ ହୋହଲ୍ଲା

ଯାଜପୁର, ୮/୯(ଆନିସ): ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯାଜପୁର ଜିଲ୍ଲା ବିଜେପିରେ ଦେଖାଦେଇଥିବା ଅନ୍ତଃକନ୍ଦଳ ଧୀରେଧୀରେ ପଦାକୁ ଆସୁଥିବା ଚର୍ଚ୍ଚା ହେଉଛି। ଗତ ଅଗଷ୍ଟ ୧୩ ତାରିଖରେ ବରୀ ନିର୍ବାଚନମଣ୍ଡଳୀ ଗସ୍ତ ସମୟରେ ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତଙ୍କ ସମ୍ମୁଖରେ ଦଳର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଘଟଣାର ଚର୍ଚ୍ଚା ଥମିନଥିବାବେଳେ ଶୁକ୍ରବାର ଯାଜପୁର ସର୍କିଟ ହାଉସରେ ପୁଣି ଅସନ୍ତୋଷର ଚିତ୍ର ସାମ୍ନାକୁ ଆସିଛି।ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତ ଓ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ସର୍କିଟ ହାଉସରେ ପହଞ୍ଚିବା ପରେ ଦଳର କିଛି ଆଗଧାଡ଼ିର ନେତା ଓ କର୍ମୀ ବିଭିନ୍ନ ପ୍ରସଙ୍ଗ ଉଠାଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ କେନ୍ଦ୍ର କରି କିଛି ସମୟ ଧରି ସର୍କିଟ ହାଉସ ପରିସରରେ ହୋହଲ୍ଲା ଓ ଉତ୍ତେଜନା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଓୟୁଏଟିସ୍ଥିତ କୃଷି-ଶିକ୍ଷା ସଦନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସିଏମ୍-କିଷାନ୍' ଯୋଜନାର ପଞ୍ଚମ କିସ୍ତି ବାବଦରେ ୪୧ ଲକ୍ଷରୁ ଅଧିକ ପରିବାରଙ୍କ ଖାତାକୁ ୮୩୩ କୋଟିରୁ ଅଧିକ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଓ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଗୌତମବୁଦ୍ଧ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମନ୍ତ୍ରୀ ଡ. ବଳ ସାମନ୍ତ ଓ ସାଂସଦ ଡ. ବେହେରାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମନ୍ତ୍ରଣ କରାଯାଇଥିଲା। ଉଭୟ ନେତା ପୂର୍ବାହ୍ନ ପ୍ରାୟ ୧୧ଟାରେ ଯାଜପୁର ସର୍କିଟ ହାଉସରେ ପହଞ୍ଚିଥିଲେ।

ବିଭିନ୍ନ ପ୍ରସଙ୍ଗରେ ଅସନ୍ତୋଷ ମନ୍ତ୍ରୀ ଓ ସାଂସଦ ସର୍କିଟ ହାଉସରେ ପହଞ୍ଚିବା ପରେ ବିଜେପିର ବରୁହାଁ ମଣ୍ଡଳ ସଭାପତି ସୁଧାଂଶୁ ବେହେରା, ମିଳନ ମିଶ୍ର, ଜିଲ୍ଲା ଉପସଭାପତି ମନମୋହନ ବରାଳଙ୍କ ସମେତ କିଛି ଦଳୀୟ କର୍ମୀ ସେଠାରେ ପହଞ୍ଚିଥିଲେ। ସଦର ନିର୍ବାଚନମଣ୍ଡଳୀର ନେତା ଓ କର୍ମୀଙ୍କୁ ସିଧାସଳଖ ସୂଚନା ନଦେଇ ମନ୍ତ୍ରୀ ଓ ସାଂସଦ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ସେମାନେ ଅଭିଯୋଗ କରିଥିଲେ। ଏଥିସହ ହାତପାଣ୍ଠି ଏବଂ ଏମ୍‌ପି-ଲ୍ୟାଡ୍ କାର୍ଯ୍ୟ ବଣ୍ଟନକୁ ନେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ଉଭୟ ପକ୍ଷ ମଧ୍ୟରେ କିଛି ସମୟ ପାଇଁ ତୀବ୍ର ବାକ୍‌ବିତଣ୍ଡା ଓ ହୋହଲ୍ଲା ହୋଇଥିବା ଜଣାପଡ଼ିଛି। ଘଟଣାକ୍ରମରେ ସାଂସଦଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କ ସହ ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କ ଠେଲାପେଲା ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାକୁ ନେଇ କିଛି ସମୟ ଧରି ସର୍କିଟ ହାଉସ ପରିସରର ପରିବେଶ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା।ଘଟଣା ପରେ ଜିଲ୍ଲା ବିଜେପିର ଆଭ୍ୟନ୍ତରୀଣ ସମୀକରଣକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆହୁରି ତୀବ୍ର ହୋଇଛି। ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଥିବା ଅସନ୍ତୋଷ ଏଭଳି ସାର୍ବଜନୀନ ହେବା ଆଗାମୀ ଦିନରେ ସଂଗଠନ ପାଇଁ କି ପ୍ରଭାବ ପକାଇବ, ତାହାକୁ ନେଇ ମଧ୍ୟ ଆଲୋଚନା ଚାଲିଛି।ଏ ସମ୍ପର୍କରେ ସାଂସଦ ଡ. ବେହେରାଙ୍କୁ ପଚରାଯିବାରୁ ଏହା ଦଳର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ସେ କହିଥିଲେ।

ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ସଂଗଠନକୁ ମଜଭୁତ କରିବା ଓ ତୃଣମୂଳସ୍ତରରେ କର୍ମୀଙ୍କୁ ଏକଜୁଟ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ନେତା-କର୍ମୀଙ୍କ ମଧ୍ୟରେ ଏପରି ଖୋଲା ଅସନ୍ତୋଷ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଆଗାମୀ ଦିନରେ ଏହି ଅସନ୍ତୋଷ ଦୂର କରି ସଂଗଠନରେ ସମନ୍ୱୟ ଆଣିବା ଦଳୀୟ ନେତୃତ୍ୱ ପାଇଁ ଏକ ବଡ଼ ଆହ୍ୱାନ ହେବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଉଛି।

# କେନ୍ଦୁଝରରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

କେନ୍ଦୁଝର, ୮।୯ (ଆନିସ): ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଆଜି ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ସମାଜର ପ୍ରତ୍ୟେକ ନାଗରିକଙ୍କୁ ସାକ୍ଷର କରିବା ଏବଂ ''ସମସ୍ତଙ୍କ ପାଇଁ ଶିକ୍ଷା''ର ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମର ଶୁଭାରମ୍ଭରେ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଏକ ବିଶାଳ ସାକ୍ଷରତା ସଚେତନତା ରାଲି ବାହାରିଥିଲା। ରାଲିରେ ସ୍ୱତନ୍ତ୍ର ପ୍ରଚାର ଯାନ ସହିତ ମାଇକ୍ ମାଧ୍ୟମରେ ସାକ୍ଷରତା ସମ୍ପର୍କିତ ସଚେତନତା ବାର୍ତ୍ତା, ପ୍ରେରଣାଦାୟକ ଗୀତ ଓ ସ୍ଲୋଗାନ ପ୍ରଚାର କରାଯାଇଥିଲା। ରାଲି ମାଧ୍ୟମରେ ନିରକ୍ଷରତା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ସାକ୍ଷରତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଆହ୍ୱାନ କରାଯାଇଥିଲା।ଏହି ରାଲି ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତିରାଜ ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ-ଶିକ୍ଷୟିତ୍ରୀ, (ଉଲ୍ଲାସ) ( ସମାଜରେ ସମସ୍ତଙ୍କ ପାଇଁ ଆଜୀବନ ଶିକ୍ଷା) କାର୍ଯ୍ୟକ୍ରମ ଅଧୀନରେ ସାକ୍ଷର ହୋଇଥିବା ନବସାକ୍ଷର ଏବଂ ନିରକ୍ଷର ବ୍ୟକ୍ତିମାନେ ଏଥିରେ ଉତ୍ସାହର ସହ ଯୋଗଦେଇଥିଲେ।ରାଲି ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାରିହାଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

ସଭାରେ ସମ୍ମାନିତ ଅତିଥି ଭାବେ ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ (ସଦର), ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ଉପସ୍ଥିତ ଥିଲେ।ସଭାର ପ୍ରାରମ୍ଭରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ପରମେଶ୍ୱର ମହାନ୍ତ ସ୍ୱାଗତ ଓ ଉଦ୍‌ଘାଟନୀ ଭାଷଣ ପ୍ରଦାନ କରି ସାକ୍ଷରତାର ଗୁରୁତ୍ୱ,(ଉଲ୍ଲାସ)କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ସମାଜରୁ ନିରକ୍ଷରତା ଦୂର କରିବାରେ ସମସ୍ତଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପରବର୍ତ୍ତୀ ସମୟରେ ମଞ୍ଚାସୀନ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ପ୍ରତିଷ୍ଠା), ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଯୋଜନା) ଏବଂ ବ୍ଲକ ଶିକ୍ଷା ଅଧିକାରୀ (ସଦର) ନିଜ ନିଜ ଅଭିଭାଷଣ ମାଧ୍ୟମରେ (ଉଲ୍ଲାସ) କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ପ୍ରାପ୍ତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସାକ୍ଷରତାକୁ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ଭାବେ ନ ଦେଖି ଏହାକୁ




ଏକ ସାମାଜିକ ଦାୟିତ୍ୱ ଓ ଜନଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। ଏହି ଅବସରରେ (ଉଲ୍ଲାସ) କାର୍ଯ୍ୟକ୍ରମ ଅଧୀନରେ ଏଫ୍.ଏଲ୍.ଏନ୍.ଏ.ଟି ( ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ପରୀକ୍ଷା) ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ନିକଟରେ ନବସାକ୍ଷର ହୋଇଥିବା ବ୍ୟକ୍ତିମାନଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା। ସେମାନଙ୍କର ଏହି ସଫଳତାକୁ ସଭାରେ ଉପସ୍ଥିତ ସମସ୍ତେ ପ୍ରଶଂସା କରିବା ସହ ଅନ୍ୟ ନିରକ୍ଷର ବ୍ୟକ୍ତିମାନଙ୍କୁ ମଧ୍ୟ ଶିକ୍ଷାର ମୁଖ୍ୟଧାରାରେ ସାମିଲ ହେବାକୁ ପ୍ରେରଣା ଦିଆଯାଇଥିଲା। ନବସାକ୍ଷରମାନଙ୍କର ଏହି ସଫଳତା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ଭାବେ ପରିଗଣିତ ହୋଇଥିଲା।ସଭାକୁ ଶ୍ରୀ ମାନସ ରଞ୍ଜନ ମିଶ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସଦର ଏବଂ ଶ୍ରୀ ତାରଣୀସେନ ମୁଣ୍ଡା, ସଦର, ଜିଲ୍ଲାର ଅନେକ ପ୍ରଧାନ ଶିକ୍ଷକଙ୍କ ସହଯୋଗରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା। ବିଶେଷ ଭାବରେ ଶ୍ରୀ କପିଳଚନ୍ଦ୍ର ଦାଶ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସଦର ସଭାର ସଞ୍ଚାଳନା କରି କାର୍ଯ୍ୟକ୍ରମକୁ ସୁନ୍ଦର ଓ ଆକର୍ଷଣୀୟ ଭାବେ ଆଗେଇ ନେଇଥିଲେ। ସଭା ଶେଷରେ ଆୟୋଜିତ ଏକ ସ୍ୱତନ୍ତ୍ର ସାକ୍ଷରତା ପଞ୍ଜୀକରଣ ଓ ଓରିଏଣ୍ଟେସନ୍ ଶିବିରରେ ଉପସ୍ଥିତ ନିରକ୍ଷର ବ୍ୟକ୍ତିମାନଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। ସେମାନଙ୍କୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆବଶ୍ୟକୀୟ ସୂଚନା ଓ ମାର୍ଗଦର୍ଶନ ପ୍ରଦାନ କରାଯିବା ସହ ସାକ୍ଷରତା ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ପ୍ରେରିତ କରାଯାଇଥିଲା।ସମଗ୍ର କାର୍ଯ୍ୟକ୍ରମ ମାଧ୍ୟମରେ ''ସାକ୍ଷରତା କେବଳ ଅକ୍ଷର ଜ୍ଞାନ ନୁହେଁ, ଏହା ସଶକ୍ତିକରଣର ମୂଳ ଆଧାର'' ବୋଲି ଏକ ଦୃଢ଼ ସାମାଜିକ ବାର୍ତ୍ତା ପ୍ରଦାନ କରାଯାଇଥିଲା। କେନ୍ଦୁଝର ଜିଲ୍ଲାକୁ ନିରକ୍ଷରତାମୁକ୍ତ କରିବା ଦିଗରେ ପ୍ରଶାସନ, ଶିକ୍ଷା ବିଭାଗ, ପଞ୍ଚାୟତିରାଜ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷକ ସମାଜ ଓ ସାଧାରଣ ଜନତାଙ୍କର ସମନ୍ୱିତ ପ୍ରୟାସ ଜାରି ରଖିବାକୁ ସାମୂହିକ ସଂକଳ୍ପ ନିଆଯାଇଥିଲା।ଆଜିର ଏହି ଜିଲ୍ଲାସ୍ତରୀୟ ଆୟୋଜନ ସାକ୍ଷରତାର ଆଲୋକକୁ ସମାଜର ଶେଷ ସ୍ତରର ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ଏହି ଅଭିଯାନକୁ ଏକ ସଶକ୍ତ ଜନଆନ୍ଦୋଳନରେ ପରିଣତ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ପରିଗଣିତ ହୋଇଛି।

# ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଭାରତ ପାଇଁ କଡ଼ା ପରୀକ୍ଷା

ନୂଆଦିଲ୍ଲୀ, ୦୮/୦୯ : ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ ପ୍ରସ୍ତୁତ ହେଉଛି । ଦଳ କିୱି ଟିମ୍ ବିପକ୍ଷରେ ଦିନିକିଆ ସିରିଜ୍ ଖେଳିବ । ଯେଉଁଥିରେ ବିରାଟ କୋହଲି ଏବଂ ରୋହିତ ଶର୍ମା ନଜର ଆସିବେ । ଫ୍ୟାନ୍ସ ମଧ୍ୟ ଏଥିପାଇଁ ଖୁସି ଅଛନ୍ତି । କାରଣ କିୱି ମାଟିରେ ଦୁଇ ଭେଟେରାନଙ୍କ ରେକର୍ଡ ଜବରଦସ୍ତ ରହିଛି । ତେବେ ବ୍ଲାକ୍ କ୍ୟାପ୍ ଅଧିନାୟକ ମିଚେଲ୍ ସାଣ୍ଟନର ରୋ-କୋଙ୍କୁ ରୋକିବାକୁ ରଣନୀତି ପ୍ରସ୍ତୁତ କରିଥିବା କହିଛନ୍ତି ।ସାଣ୍ଟନର କହିଛନ୍ତି ଯେ, ବିରାଟ ଏବଂ ରୋହିତଙ୍କ ରେକର୍ଡ ନ୍ୟୁଜିଲାଣ୍ଡ ମାଟିରେ ଭଲ ଅଛି । କିନ୍ତୁ ଏଥର ଦୁଇ ଭେଟେରାନଙ୍କ ବ୍ୟାଟ୍ ଚାଲିବ ନାହିଁ । ଦିନିକିଆରେ ଦୁଇ ଜଣ ଏବେବି ଦମଦାର ଖେଳୁଛନ୍ତି । ସେମାନେ କିୱି ପିଚକୁ ପସନ୍ଦ କରନ୍ତି । ହେଲେ ସେମାନଙ୍କୁ ଭଲ ଖେଳିବାକୁ ସୁଯୋଗ ଦିଆଯିବ ନାହିଁ ।

ସେ ଆହୁରି ଭାରତର ଯୁବ ଟେଷ୍ଟ ଟିମକୁ ନେଇ କହିଛନ୍ତି ଯେ, ନ୍ୟୁଜିଲାଣ୍ଡର ପିଚରେ ବାଉନ୍ସ ଏବଂ ସ୍ୱିଂ ରହିଛି । ଏହା ଭାରତୀୟ ଖେଳାଳିଙ୍କ ପାଇଁ ଅଗ୍ନିପରୀକ୍ଷା ହେବ । ଏଠାକାର ପରିସ୍ଥିତିକୁ ବୁଝିବା ପାଇଁ ବ୍ୟାଟରଙ୍କୁ ଅନେକ ସମୟ ଲାଗିଯିବ । ତେବେ ଭାରତର ପେସ୍ ବାହିନୀ ଶକ୍ତିଶାଳୀ ରହିଛି । ଜସପ୍ରିତ ବୁମରାହ, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା ଆଦି ବୋଲର ଦଳରେ ଅଛନ୍ତି । ରବୀନ୍ଦ୍ର ଜାଡେଜାଙ୍କ ସ୍ପିନ ସନ୍ତୁଳନ ଆଣିବ । ଏହି ବୋଲିଂ ଲାଇନ୍ ଅପକୁ ନ୍ୟୁଜିଲାଣ୍ଡ ବ୍ୟାଟର ସାମ୍ନା କରିପାରିବେ ।

ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡ ଟିମ୍ ଭାରତରୁ ୩-୦ରେ ଟେଷ୍ଟ ସିରିଜରେ ପରାସ୍ତ କରିଥିଲା । ଘରୋଇ ମାଟିରେ ଭାରତକୁ ହରାଇବା ସେମାନଙ୍କ ପାଇଁ ବଡ ଉପଲବ୍ଧି ବୋଲି ସାଣ୍ଟନର ମାନିଛନ୍ତି । ଏହାସହ ଦୁଇ ଦେଶ ମଧ୍ୟରେ ସିରିଜ୍ ଖୁବ୍ ରୋମାଞ୍ଚକର ହେବ ବୋଲି ସେ କହିଛନ୍ତି ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda